

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ - ୧୧ ସଂଖ୍ୟା-୧୦୨ ଭୁବନେଶ୍ୱର ଶୁକ୍ରବାର, ଡ଼ିସେମ୍ବର ୨୦.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.102 Bhubaneswar, Friday, December 20, 2024


## ରାଜଧାନୀରେ ଗର୍ଜିଲେ ଆଶାକର୍ମୀ



ଭୁବନେଶ୍ୱର,୧୯/୧୨: ରାଜଧାନୀ ଭୁବନେଶ୍ୱରରେ ହଜାର ହଜାର ଆଶାକର୍ମୀଙ୍କ ଗଣ ବିକ୍ଷୋଭ । ସିଆଇଟିୟୁ ନେତୃତ୍ୱରେ ୧୭ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ଆଶାକର୍ମୀ କରିଛନ୍ତି ଗଣ ବିକ୍ଷୋଭ । ମାଷ୍ଟରକ୍ୟାଣ୍ଟିନ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଥିଲେ ଆଶାକର୍ମୀ । ଏହି ସମୟରେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ସମାଲୋଚନା କରିବା ସହ ଶ୍ରମିକ ସପକ୍ଷବାଦୀ ନୀତି ଅନୁସରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦେଇଛନ୍ତି ପରାମର୍ଶ । ଆଶାଦିଦିଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା, ମାସିକ ୨୬ ହଜାର ଟଙ୍କା ଦରମା, ଅବସର ଓ ମୃତ୍ୟୁକାଳୀନ ୧୦ ଲକ୍ଷ ଟଙ୍କା ସହାୟତା, ୧୦ ହଜାର ମାସିକ ପେନସନ, ଇପିଏଫ୍, ଇଏସଆଇ ସହ ସାମାଜିକ ସୁରକ୍ଷା ଦେବା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ବଜେଟ ବ୍ୟୟ କରି ବିଭିନ୍ନ ସରକାରୀ ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି । ସରକାର ଦାବିଗୁଡିକୁ ତୁରନ୍ତ କାର୍ଯ୍ୟକାରୀ ନକଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି।

## ରାହୁଲଙ୍କ ଧକ୍କାରେ ନାନା ଆହାତ




ନୂଆଦିଲ୍ଲୀ,୧୯/୧୨: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଡକ୍ଟର ବିଆର ଆମ୍ବେଦକରଙ୍କ ସଂପର୍କିତ ବୟାନକୁ ନେଇ ଗୁରୁବାର ଦିନ ସଂସଦରେ ଉତ୍ତେଜନା ଦେଖାଦେଇଥିଲା। ଏହାରି ମଧ୍ୟରେ ବିଜେପି ସାଂସଦ ଦାବି କରିଛନ୍ତି ଯେ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଜଣେ ସାଂସଦଙ୍କୁ ଠେଲିଦେଇଥିଲେ। ଫଳରେ ଉକ୍ତ ସାଂସଦ ଜଣକ ବାଲେଶ୍ୱରର ବିଜେପି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦେହରେ ପିଟି ହୋଇଯିବାରୁ ତଳେ ପଡ଼ି ନନାଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଛି। ତେବେ ଏନେଇ ରାହୁଲ କହିଛନ୍ତି କି ''ବିଜେପି ସାଂସଦମାନେ ତାଙ୍କ ରାସ୍ତା ଅବରୋଧ କରୁଥିବା ଦ୍ୱାର ନିକଟରେ ଛିଡା ହୋଇଥିଲେ। ସେମାନେ ମୋତେ ଠେଲିଦେବା ସହ ଧମକାଉଥିଲେ ମଧ୍ୟ।'' ଧସ୍ତାଧସ୍ତି ସମୟରେ ଏପରି ହୋଇଥାଇପାରେ ବୋଲି ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି ରାହୁଲ। ପ୍ରତାପଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି । ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଘଟଣା ଉପରେ କନକ ନ୍ୟୁଜକୁ ପ୍ରତିକ୍ରିୟା ରଖି ପ୍ରତାପ ଷଡଙ୍ଗୀ କହିଛନ୍ତି, ରାହୁଲ ଗାନ୍ଧୀ ଗୁଣ୍ଡା ପରି ଆସିଲେ । ସମସ୍ତଙ୍କୁ ଧକ୍କା ଦେଲେ । ଜଣେ ସାଂସଦ ଧକ୍କା ଖାଇ ମୋ ଉପରେ ପଡିଗଲେ ଆଉ ମୁଁ ତଳେ ପଡିଗଲି । ମୋ ଆଖି ପତା ଫାଟିଯାଇଛି ।

# ଦେଶର ରାଜଧାନୀରେ ହଙ୍ଗାମା; ରାଜ୍ୟ ରାଜଧାନୀରେ ଗର୍ଜନ

ଭୁବନେଶ୍ୱର,୧୯/୧୨: ସଂସଦରେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଦେଶର ରାଜଧାନୀ ନୂଆଦିଲ୍ଲୀରେ ହୋଇଛି ହଙ୍ଗାମା। ମୁହାଁମୁହିଁ ହୋଇଛନ୍ତି କଂଗ୍ରେସ ଓ ବିଜେପି ସାଂସଦ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ନାଁରେ ଥାନାରେ ହୋଇଛି ଏତଲା। ଦେଶର ରାଜଧାନୀରେ ହୋଇଥିବା ହଙ୍ଗାମାକୁ ନେଇ ରାଜ୍ୟ ରାଜଧାନୀ ଭୁବନେଶ୍ୱର ରାଜନୀତି ଉଷ୍ମ ହୋଇଛି। ରାହୁଲ ଗାନ୍ଧିଙ୍କ ଆକ୍ରମଣକୁ ବିରୋଧ କରି ବିଜେପି ଓ ଅମିତ ଶାହଙ୍କ ବୟାନକୁ ନିନ୍ଦା କରି କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଆଜି ସଂସଦରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ରାହୁଲ ଗାନ୍ଧି ଧକ୍କା ମାରିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ରାଜଧାନୀ ଭୁବନେଶ୍ୱରରେ ଅସନ୍ତୋଷ ପ୍ରକାଶ ପାଇଛି। ରାହୁଲ ଗାନ୍ଧିଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିଛି ବିଜେପି ଯୁବ ମୋର୍ଚ୍ଚା। ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଯୁବ ମୋର୍ଚ୍ଚାର କର୍ମକର୍ତ୍ତାମାନେ ମାଷ୍ଟରକ୍ୟାଣ୍ଟିନ୍‌ରେ ଏକତ୍ର ହୋଇଥିଲେ। ପରେ ବିଶାଳ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇଥିଲେ। ସେଠାରେ ରାହୁଲ୍ ଗାନ୍ଧିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରାହୁଲ୍ ଗାନ୍ଧି ମୁର୍ଦ୍ଦାବାଦ ଓ ରାହୁଲ ଗାନ୍ଧି ଛି ଛି ରେ କମ୍ପିଥିଲା ଜନପଥ। ଆକ୍ରମଣ ନେଇ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଳାଶ ପଣ୍ଡା କହିଛନ୍ତି, ଗୃହମନ୍ତ୍ରୀ ଅମିତ ଶାହଙ୍କ ବୟାନ୍‌ର ପୂର୍ବା ପର ପ୍ରସଙ୍ଗକୁ ନରଖି କାଟିକୁଟି ଦେଶରେ ଗୋଟିଏ ଅପପ୍ରଚାର କରାଯାଉଛି। ବାବା ସାହେବ ଆମ୍ବେଦକରଙ୍କ ପ୍ରତି ଯେଉଁମାନେ ଦୀର୍ଘ ସମୟଧରି ଅସମ୍ମାନ ପ୍ରଦର୍ଶନ କରିଆସିଛନ୍ତି, ସେହି କଂଗ୍ରେସ ଆଜି ନିଜର ରାଜନୈତିକ ରୁଟି ସେକିବା ପାଇଁ ଦେଶର ଅଖଣ୍ଡତାକୁ ବିଭାଜନ କରିବାକୁ ଷଡଯନ୍ତ୍ରକାରୀତତ୍ତ୍ୱଙ୍କ ଏଜେଣ୍ଟ ହିସାବରେ କାମ କରୁଛନ୍ତି। ଆଜି ସବୁ ସୀମା ଲଙ୍ଘି ଯାଇଛି କଂଗ୍ରେସ। ରାହୁଲ ଗାନ୍ଧି ଦେଶର






ସଂସଦରେ ସରକାରୀ ଦଳର ସାଂସଦଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ର ତଥା ସାଂସଦଙ୍କ ମୁଣ୍ଡ ଫାଟି ସଂସଦରେ ରକ୍ତ ପଡ଼ିଛି। ଏହା ନିନ୍ଦନୀୟ ଘଟଣା। ଏହା କେବେ ହେଲେ ଗ୍ରହଣ ଯୋଗ୍ୟ ନୁହେଁ। ସମଗ୍ର ଦେଶବାସୀଙ୍କ ଆଗରେ ରାହୁଲ ଗାନ୍ଧି କ୍ଷମା ନମାଗିଲେ, ଆଗାମୀ ଦିନରେ ଓଡ଼ିଶାରେ ତାଙ୍କୁ ପାଦ ରଖିବାକୁ ଦେବୁନାହିଁ ବୋଲି ଶ୍ରୀ ପଣ୍ଡା ଚେତାବନୀ ଦେଇଛନ୍ତି। ବିଜେପି ଶୋଭାଯାତ୍ରା ପରେ ମାଷ୍ଟରକ୍ୟାଣ୍ଟିନ୍ ଛକରେ ହୋଇଥିଲେ କଂଗ୍ରେସ ଯୁବ ମୋର୍ଚ୍ଚା। ଛାତ୍ର କଂଗ୍ରେସ ନେତା ସୟିଦ୍ ୟାଶିର ନଓ୍ୱାଜଙ୍କ ନେତୃତ୍ୱରେ ଶତାଧିକ ଯୁବ ମୋର୍ଚ୍ଚା କର୍ମକର୍ତ୍ତା ବିଶାଳ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇଥିଲେ। ତେବେ ରାସ୍ତାରେ ପୁଲିସ୍ ସେମାନଙ୍କୁ ଅଟକାଇ ଥିଲା। ସେଠାରେ ପୁଲିସ୍ ଓ କଂଗ୍ରେସ ଯୁବ ମୋର୍ଚ୍ଚା କର୍ମକର୍ତ୍ତାଙ୍କ ଭିତରେ ଠେଲାପେଲା ହୋଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଅନନ୍ତ ସେଠୀଙ୍କ ଭେଟ୍‌ରାନ୍ ନେତାମାନେ ସାମିଲ୍ ହୋଇଥିଲେ। ଗୃହମନ୍ତ୍ରୀ ଅମିତ ଶାହଙ୍କ ବୟାନ୍‌କୁ ସମସ୍ତେ ନିନ୍ଦା କରିଥିଲେ। ବାବା ସାହେବ ଆମ୍ବେଦକରଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ଶାହ ଦେଶବାସୀଙ୍କ ଆଗରେ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଥିଲା। ଏ ନେଇ ଜୟଦେବ ଜେନା କହିଛନ୍ତି, ଆଜିର ଘଟଣାକୁ ଗୋଟିଏ ହାଇଭୋଲ୍‌ଟେଜ୍ ଡ୍ରାମା କରିଛି ବିଜେପି ଓ ଏନ୍‌ଡିଏ ମେଣ୍ଟ। ଅମିତ ଶାହଙ୍କୁ ସୁରକ୍ଷା ଦେବା ପାଇଁ ଏହି ଡ୍ରାମା କରାଯାଇଛି। ଦେଶର ୧୫୦ କୋଟି ଜନତା ଚାହୁଁଛନ୍ତି ଅମିତ ଶାହ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ। କାରଣ ସେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କୁ ଲାଞ୍ଛିତ ଓ ଅପମାନିତ କରିଛନ୍ତି। ତାଙ୍କ ନାଁ ଲୋପ୍ କରିଦେବା ପାଇଁ ଉଦ୍ୟମ କରିଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

## ୨ ଦିନ ହାଲୁକା ବର୍ଷା

ଭୁବନେଶ୍ୱର,୧୯/୧୨: ଆସନ୍ତା ୨୧ ତାରିଖ ଯାଏ ରାଜ୍ୟରେ ବର୍ଷା ସମ୍ଭାବନା ଅଛି । ଆସନ୍ତା ତିନି ଦିନ ଯାଏ ପୂରା ରାଜ୍ୟରେ ଦିନବେଳା ପାଗ କୋହଲା ରହିବ । ପାଣିପାଗ ବିଭାଗ ଏଭଳି ପୂର୍ବାନୁମାନ କରିଛି । ଆଜି କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି । ୨୧ ତାରିଖରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ବର୍ଷା ସମ୍ଭାବନା ଅଛି । । ବିଭିନ୍ନ ସ୍ଥାନରେ ରାତି ତାପମାତ୍ରା ୩ରୁ ୪ଡିଗ୍ରୀ ସେଲସିୟସ୍ ବଢ଼ିଛି । ଜି ଉଦୟଗିରି ସବୁଠୁ ଥଣ୍ଡା ପାଲଟିଥିଲା । ଏଠାରେ ପାରଦ ୪.୭ ଡିଗ୍ରୀ ରେକର୍ଡ କରାଯାଇଥିଲା । କିନ୍ତୁ ଗତ ୨୪ ଘଣ୍ଟାରେ ଏଠାରେ ପାରଦ ୯.୬ ଡିଗ୍ରୀ ରହିଛି । ଦିନକରେ ପାରଦ ପ୍ରାୟ ୫ ଡିଗ୍ରୀ ବଢ଼ିଯାଇଛି। ଶୀତ ଆହୁରି କମିପାରେ ବୋଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ ଆକଳନ କରିଛନ୍ତି। ୨୧ତାରିଖ ଯାଏ ବର୍ଷା ହେବ । ୨୦ ତାରିଖରେ କିଛି ସ୍ଥାନରେ ଭାରୀ ବର୍ଷା ହୋଇପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି । ସେହିଭଳି ରାତି ତାପମାତ୍ରା ୨୧ ତାରିଖ ଯାଏ ବଢ଼ିବ ବୋଲି ସେ କହିଛନ୍ତି ।

## ମାଗଣା ଚାଉଳରେ ୨୫ ପ୍ରତିଶତ ବାଟମାରଣା

ଭୁବନେଶ୍ୱର,୧୯/୧୨: ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡିଶାକୁ ମିଳୁଥିବା ଚାଉଳରୁ ପାଖାପାଖି ୨୫ ପ୍ରତିଶତ ବାଟମାରଣା ହେଉଥିବା ଜଣାପଡିବାପରେ ପ୍ରକୃତି ହିତାଧିକାରୀଙ୍କୁ ତନଖି କରି ଜାଲ୍ ହିତାଧିକାରୀଙ୍କୁ ବାଦ୍ ଦେବାପାଇଁ ଜୋରଦାର ଉଦ୍ୟମ ଚାଲିଛି । ଏହା ଫଳରେ ଅଯୋଗ୍ୟ ହିତାଧିକାରୀଙ୍କ ସ୍ଥାନରେ ଆଉ ନୂଆ ଯୋଗ୍ୟ ହିତାଧିକାରୀ ଯୋଡି ହେବେ । ଇଣ୍ଡିଆନ କାଉନ୍‌ସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନେସନାଲ ଅନ୍ ଇକୋନୋମିକ୍ ରିଲେସନ୍‌ସ ର ରିପୋର୍ଟ ମୁତାବକ କେବଳ ଓଡିଶା କାହିଁକି ସାରା ଦେଶରେ ଏଭଳି ଲୁଟ୍ ଚାଲିଛି । ଜାତୀୟ ସ୍ତରରେ ୨୮ ପ୍ରତିଶତ ମାଗଣା ଚାଉଳ ଓ ଗହମ ଲୁଟ୍ ହେଉଥିବାବେଳେ ଓଡିଶାରେ ଏହାର ପରିମାଣ ୨୪.୭ ପ୍ରତିଶତ ବୋଲି କୁହାଯାଉଛି । ଏହି ରିପୋର୍ଟର ତଥ୍ୟ ମୁତାବକ ୨୦୨୨-୨୩ ବର୍ଷରେ ଓଡିଶାକୁ ୨.୮୨ ନିୟୁତ ଟନ୍ ଶସ୍ୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଆଧାରରେ ମିଳିଥିଲା । ଏଥିରୁ ୨.୧୩ ନିୟୁତ ଟନ୍ ଚାଉଳ ହିତାଧିକାରୀଙ୍କ ନିକଟକୁ ଯାଇଥିବାବେଳେ ଆଉ ୭ଲକ୍ଷ ଟନ୍ ଖାଦ୍ୟଶସ୍ୟ ବାଟମାରଣା ହୋଇଛି । ସରକାରୀ ତଥ୍ୟ ମୁତାବକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧିନରେ ଓଡିଶାରେ ୯୨,୬୬,୪୯୧ ପରିବାରର ୩,୨୫,୯୩,୮୭୫ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ପାଉଥିବାବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩,୧୫,୨୩୭ ପରିବାରର ୧୦,୦୨,୧୪୪ ହିତାଧିକାରୀଙ୍କୁ ମାଗଣା ଚାଉଳ ବଣ୍ଟା ଯାଉଥିବା କୁହାଯାଉଛି । ଏହି ଯୋଜନାରେ ମୁଣ୍ଡପିଛା ମାସିକ ୫ କିଲୋ କରି ମାଗଣା ଚାଉଳ ଦିଆଯାଇଥାଏ । ଏହାଛଡା ଅନ୍ନପୂର୍ଣ୍ଣା ଯୋଜନାରେ ପରିବାର ପିଛା ମାସିକ ୩୫ କିଲୋ କରି ମାଗଣା ଚାଉଳ ମିଳିଥାଏ । ମାଗଣା ଚାଉଳ ପାଇଁ ରାଜକୋଷରୁ କିଲୋପିଛା



ହାରାହାରି ୪୦ଟଙ୍କା କରି ଖର୍ଚ୍ଚ ହେଉଛି । ଏ ପରିପ୍ରେକ୍ଷୀରେ ୭ଲକ୍ଷ ମେଟ୍ରିକ ଟନ୍ ଚାଉଳ ବାଟମାରଣା ହୋଇଥିବା ଘେନି ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହାର ଦାମ୍ ୨୮୦୦ କୋଟି ଟଙ୍କା ହେବ । ଗରିବ ଲୋକଙ୍କ ରାଜକୋଷରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦିଆଯାଉଥିବା ଚାଉଳରୁ ବାର୍ଷିକ ୨୮୦୦ କୋଟି ଟଙ୍କା ଲୁଟିହେବା ଘଟଣାକୁ ସହଜରେ ସରକାରୀକଳ ଗ୍ରହଣ କରିପାରୁନାହିଁ । ଏଠାରେ ଉଲ୍ଲେଖନୀୟ ଯେ ଜାତୀୟ ସ୍ତରରେ ଏହି ଯୋଜନାରେ ଯେତେ ଚାଉଳ ଗହମ ହିତାଧିକାରୀଙ୍କୁ ନଦେଇ ଲୁଟ୍ ହେଉଛି ତାହାର ପରିମାଣ ପାଖପାଖି ୭୦,୦୦୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । କେନ୍ଦ୍ର ସରକାରଙ୍କ ତଥ୍ୟ ମୁତାବକ ୨୦୨୯ ପର୍ଯ୍ୟନ୍ତ ୮୧କୋଟି ୩୫ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଓ ଗହମ ଯୋଗାଇ ଦିଆଯିବାର ବ୍ୟବସ୍ଥା ଅଛି । ଏ ବାବଦରେ ୫ବର୍ଷରେ ୧୧ଲକ୍ଷ ୮୦ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ତେବେ କେନ୍ଦ୍ର ସରକାର ଯେଉଁ ଓ୍ୱାନ ନେସନ, ଓ୍ୱାନ ରାସନ ସହିତ ପଡିକାର୍ଡ ଯାଞ୍ଚ ପାଇଁ ଇ-କେଓ୍ୱାଇସି ବ୍ୟବସ୍ଥା କରୁଛନ୍ତି ସେଥିରେ ଓଡିଶା ସମେତ ବିଭିନ୍ନ ରାଜ୍ୟର ଲକ୍ଷ ଲକ୍ଷ ଜାଲ୍ ହିତାଧିକାରୀ କଟିଯିବା ସମ୍ଭାବନା ରହିଛି । ଅନ୍ୟ ପକ୍ଷରେ ଓଡିଶାରେ ଏବେ ପାଖପାଖି ୭ଲକ୍ଷ ପରିବାର ରାସନକାର୍ଡ ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି । ଜାଲ୍ ହିତାଧିକାରୀଙ୍କୁ କାଟି ଦିଆଗଲେ ନୂଆ ହିତାଧିକାରୀଙ୍କୁ ସାମିଲ କରିବାରେ ସରକାରୀକଳ ଉପରେ ଅଧିକ ଆର୍ଥିକ ଚାପ ପଡିବ ନାହିଁ ।

## ନୂଆବର୍ଷରୁ ନୂଆ ବ୍ୟବସ୍ଥା; ବାରିକେଡରେ ଯାଇ ଦର୍ଶନ କରିବେ ଶ୍ରଦ୍ଧାଳୁ

ଭୁବନେଶ୍ୱର,୧୯/୧୨: ନୂଆବର୍ଷରୁ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା। ଜାନୁଆରୀ ପହିଲାରୁ ଲାଗୁ ହେବ ନାଟମଣ୍ଡପରେ ବ୍ୟାରିକେଡ ଓ ରାଂପ୍ ସିଷ୍ଟମ। ସ୍ୱତନ୍ତ୍ର ବାରିକେଡ ଯୋଗେ ଶ୍ରୀଜିଉଙ୍କ ଦର୍ଶନ କରିବେ ଶ୍ରଦ୍ଧାଳୁ। ଦିବ୍ୟାଙ୍ଗ, ମହିଳା, ଶିଶୁ, ବରିଷ୍ଠ ନାଗରିକ ଓ ପୁରୁଷ ଭକ୍ତଙ୍କ ପାଇଁ ରହିବ ଅଲଗା ଅଲଗା ଲାଇନ। ତେବେ କେମିତି ଓ କେଉଁଠୁ ଆରମ୍ଭ ହେବ ବ୍ୟାରିକେଡ୍ ଏ ନେଇ ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କୁ ଅବଗତ କରାଯିବା ସହ ଆଇନ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଓବିସିସି କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ସବିଶେଷ ଆଲୋଚନା ସରିଥିବା କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ। ମୁଖ୍ୟ ପ୍ରଶାସକ ଆହୁରି ମଧ୍ୟ କହିଛନ୍ତି ଯେ, ଛତିଶାନିଯୋଗରର ପରାମର୍ଶ ଆଧାରରେ ଅସ୍ଥାୟୀ ବ୍ୟାରିକେଡ ବ୍ୟବସ୍ଥା ନିର୍ମାଣ ଦ୍ୱାରା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଚାଲିବ। ଦିବ୍ୟାଙ୍ଗ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ମଧ୍ୟ ଉଦ୍ୟମ ଚାଲିଛି। ଓବିସିସି ଦ୍ୱାରା ଡାଇଗ୍ରାମ କରାଯାଇଥିବା ରାଂପ୍ ବ୍ୟବସ୍ଥା ନୂଆବର୍ଷ ପୂର୍ବରୁ ନିର୍ମାଣ ଶେଷ କରାଯିବ। ଯଦିଓ ନୂଆ ଦର୍ଶନ ବ୍ୟବସ୍ଥାର ପୂର୍ଣ୍ଣ ଚିତ୍ର ଆସିନାହିଁ, ତେବେ ସୂଚନା ଅନୁସାରେ ୬ ଲେନ୍ ବିଶିଷ୍ଟ ବ୍ୟାରିକେଡ୍ ନିର୍ମାଣ ହେବ। କାଠରେ ବ୍ୟାରିକେଡ୍ ଓ ରାଂପ୍ ତିଆରି ହେବ। ପ୍ରଥଣ ଲେନରେ ଦିବ୍ୟାଙ୍ଗମାନେ ଯିବେ। ଦ୍ୱିତୀୟ ଲେନରେ ଶିଶୁ ଓ ମହିଳାମାନେ ଯିବେ। ଏହା ପର ଲେନରେ ବରିଷ୍ଠ ନାଗରିକମାନଙ୍କୁ ଛଡ଼ାଯିବ। ବଳକା ତିନି ଲେନରେ ପୁରୁଷମାନେ ଯିବେ। ତା'ସହିତ ଯେଉଁ ମହିଳାମାନେ ଚାହିଁବେ ସେମାନେ ମଧ୍ୟ ଏହି ତିନି ଲେନରେ ଯାଇପାରିବେ। ଅନ୍ୟପକ୍ଷରେ ଗରୁଡ଼ ସ୍ତମ୍ଭ ପଛ ପାଖରେ ଯେଉଁମାନେ ଦର୍ଶନ କରିବାକୁ ଚାହିଁବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ରାଂପ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ରାଂପ୍ ଓ ବ୍ୟାରିକେଡ୍ ବ୍ୟବସ୍ଥାର ରୂପରେଖ କିଭଳି ରହିବ, ଉଚ୍ଚତା କେତେ ଫୁଟ୍ ରହିବ, କିଭଳି ଏହାକୁ ତୁରନ୍ତ କଢା ଯାଇପାରିବ ଏବଂ ଭୋଗମଣ୍ଡପ କରାଯିବ ତା' ଉପରେ ବିସ୍ତୃତ ଆଲୋଚନା କରାଯିବା ନିହାତି ଆବଶ୍ୟକ ବୋଲି କହିଛନ୍ତି ପୂର୍ବତନ ପରିଚାଳନା କମିଟି ସଦସ୍ୟ। ସେହିପରି ଏଏସଆଇର ପକ୍ଷରୁ ଚାଲିଥିବା ରତ୍ନଭଣ୍ଡାର ମରାମତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି, NGRI ରିପୋର୍ଟ ଆଧାରରେ ଭଣ୍ଡାର ଘର ମରାମତି କାମ ଚାଲିଛି। ଯେଉଁମାନେ ମରାମତି ସମୟରେ ଉପସ୍ଥିତ ଅଛନ୍ତି, ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏଏସଆଇ ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଖୁବଶୀଘ୍ର ଶେଷ କରିବ। ସେମିତି ଆନନ୍ଦବଜାରରେ ଶୃଙ୍ଖଳା ପାଇଁ ଏକ କମିଟି ଗଠନ ହୋଇଛି। ଆନନ୍ଦବଜାରରେ ଶୃଙ୍ଖଳା ପାଇଁ ସେନା ନିବୃତ କର୍ମଚାରୀଙ୍କୁ ନେଇ ଟିମ ଗଠନ କରାଯାଇଥିବାରୁ ସେଠି ଅଧିକ ଶୃଙ୍ଖଳା ଆସିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

## ପ୍ରେମିକାର ଘର ଜାଳିଦେଲା ପ୍ରେମିକ



ଭଦ୍ରକ,୧୯/୧୨: ପ୍ରେମିକାର ଘରକୁ ଜାଳିଦେଲା ପ୍ରେମିକ । ଏଭଳି ଘଟଣା ଘଟିଛି ଭଦ୍ରକ ଜିଲ୍ଲାରେ । ସୂଚନା ଅନୁଯାୟୀ , ପ୍ରେମିକାର ପରିବାର ସଦସ୍ୟ ମାନଙ୍କୁ ହତ୍ୟା କରିବାର ଧମକ ଦେଉଥିଲା ପ୍ରେମିକ । ଭଲ ପାଇବାରେ ଯୁବକ ଜଣକ ଏତେ ବୁଡ଼ି ରହିଥିଲେ ଯେ, ପ୍ରେମିକା ପାଇଁ ସବୁ କିଛି କରିବାକୁ ପ୍ରସ୍ତୁତ ଥିଲେ । ହେଲେ କୁଆଡେ ପ୍ରମିକାଠାରୁ ପ୍ରତାରଣା ପାଇବା ପରେ ଏମିତି କିଛି ଥିଲା ଜଣେ ସଚ୍ଚା ପ୍ରେମିକର ଧମକ । ପ୍ରେମିକର କଥାରେ ଯୁବତୀ ଜଣକ ରାଜି ନହେବାରୁ, ସତ ସତିକା ପ୍ରେମିକାର ଘର ଜାଳିଦେଲା । ଏମିତି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଆନନ୍ଦପୁର ପଞ୍ଚାୟତ ଗୋପାଳ ସାହିରେ । ଆଉ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି ପ୍ରେମିକାର ପରିବାର ।

# ନର୍କ ଯନ୍ତ୍ରଣା ଭୋଗୁଛନ୍ତି ଡାଙ୍ଗେସୀ ଗାଁ ଲୋକେ

କନ୍ଧମାଳ, ୧୯/୧୨: ଗାଁକୁ ଯିବା ପାଇଁ ରାସ୍ତା ନାହିଁ। କୂଅ ବା ନଳକୂପ ନାହିଁ। ଆଜି ପର୍ଯ୍ୟନ୍ତ ଗାଁରେ ପହଞ୍ଚି ପାରିଲାନି ସରକାରଙ୍କ ପାନୀୟ ଜଳ ପ୍ରକଳ୍ପ। ଯେଉଁଥିପାଇଁ ନର୍କ ଯନ୍ତ୍ରଣା ଭୋଗୁଛନ୍ତି ଗାଁ ଲୋକେ। ରାସ୍ତା ନଥିବାରୁ ଲୋକମାନେ ଯିବା ଆସିବାରେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ସଦର ମହକୁମାକୁ ଯିବା ପାଇଁ ହେଲେ ଗାଁ ଲୋକଙ୍କୁ ୨୦ କିମି ଜଙ୍ଗଲୀ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ନାହିଁ ନାହିଁର ଏପରି ଗାଁ ରହିଛି କନ୍ଧମାଳ ଜିଲ୍ଲାରେ। ପାହାଡ଼ କୋଳରେ ରହିଛି ଡାଙ୍ଗେସୀ ଗାଁ। ରାଇକିଆ ବ୍ଲକ୍ ମାଣିକେଶ୍ୱର ପଞ୍ଚାୟତରେ ଯାଉଥିବା ଏହି ଗାଁରେ ୧୫ଟି ପରିବାର କାହିଁ କେଉଁ କାଳରୁ ବସବାସ କରିଆସୁଛନ୍ତି। ମୂଲମଜୁରୀ ଲାଗି ପରିବାର ଭରଣପୋଷଣ କରୁଛନ୍ତି। ହେଲେ ଦୁଃଖର ଓ ପରିତାପର ବିଷୟ ଆଜି ପର୍ଯ୍ୟନ୍ତ ଏହି ଗାଁକୁ ଯିବା ଆସିବା ପାଇଁ ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ଲୋକମାନେ ଆବୁଡା ଖାବୁଡ଼ା ଓ ଉଠାଣୀ ଗଡାଣୀ ଜଙ୍ଗଲ ଭିତରେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ପାଦେ ପାଦେ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ଲୋକଙ୍କୁମାନେ ଯିବା ପାଇଁ ବାଧ୍ୟ ହେଉଛନ୍ତି। କାହିଁକି ନା ପେଟର ଭୋକ ସେମାନଙ୍କ ପାଦକୁ ଜଙ୍ଗଲୀ ରାସ୍ତାରେ ଆଗକୁ ଟାଣି ନେଉଛି। ସ୍ଥାନୀୟ ଲୋକଙ୍କ କହିବା କଥା ପଞ୍ଚାୟତ ସଦର ମୁହକୁମାରୁ ଗାଁକୁ ଦୂରତା ପ୍ରାୟ ୨୦ କିମି ହେବ। ସରକାରଙ୍କ ପିଡିଏସ୍ ଚାଉଳ ଆଣିବା ପାଇଁ ଗାଁ ଲୋକଙ୍କୁ ପାଦରେ ଚାଲି ଚାଲି ୫ କିମି ଜଙ୍ଗଲୀ ରାସ୍ତା ଅତିକ୍ରମ କରୁଛନ୍ତି। ତା'ପରେ ସେଠାରୁ ଅଟୋରେ ୧୫ କିମି



### ଗାଁରୁ ପଞ୍ଚାୟତ ୨୦ କିମି

ଦୂରରେ ଥିବା ପଞ୍ଚାୟତ ସଦର ମହକୁମାକୁ ଯାଉଛନ୍ତି। ଡିଲରଙ୍କଠାରୁ ଚାଉଳ ସଂଗ୍ର କରିବା ପରେ ଅଟୋ ଭଡ଼ା କରନ୍ତି। ଏଥିପାଇଁ ଅଟୋ ଚାଳକଙ୍କୁ ଚାଉଳ କିଲୋ ପିଛା ୨ ଟଙ୍କା ଓ ଯାତ୍ରୀଙ୍କ ପିଛା ୧୫ ଟଙ୍କା ଦେବାକୁ ପଡୁଛି। ଜଙ୍ଗଲ ପାର୍ଶ୍ୱରେ ଅଟୋ ପହଞ୍ଚିବା ପରେ ଲୋକମାନେ ଚାଉଳ ବସ୍ତା ମୁଣ୍ଡାଇ ୫ କିମି ଜଙ୍ଗଲି ରାସ୍ତା ଅତିକ୍ରମ କରି ଗାଁରେ ପହଞ୍ଚନ୍ତି। ଇଏ ହେଉଛି ପ୍ରତିଦିନର କଥା। କେବଳ ରାସ୍ତା ନୁହେଁ, ନାନା ସମସ୍ୟାରେ ଜର୍ଜରୀତ ଏହି ଗାଁ ଲୋକ। ଗାଁରେ ପାନୀୟ ଜଳ ମୁନ୍ଦାଏ ପାଇଁ ନଳକୂପ ବା କୂଅଟିଏ ନାହିଁ। ଆଜି ପର୍ଯ୍ୟନ୍ତ ଗାଁରେ ପହଞ୍ଚି ପାରିଲା ନାହିଁ ପାନୀୟ ଜଳ ପ୍ରକଳ୍ପ। ତେଣୁ ଗାଁ ଲୋକଙ୍କୁ ପାହାଡ଼ି ଝରଣା ଉପରେ ନିର୍ଭର କରିବାକୁ ପଡୁଛି। ପାଣି ମୁନ୍ଦାଏ ପାଇଁ ମହିଳାମାନେ ଝରଣାରୁ ଗିନା ତାଟିଆରେ ପାଣି ସଂଗ୍ରହ କରୁଛନ୍ତି। ଏହି ଚିତ୍ର ଭାରି ଦୟନୀୟ। ଗାଁ ଲୋକେ ଏନେଇ ସରପଞ୍ଚ, ବିଡିଓ ଓ ପୂର୍ବତନ ବିଧାୟକଙ୍କ ପାଖରେ ବହୁବାର ଅଭିଯୋଗ କରିଥିଲେ। ଏପରିକି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ବହୁବାର ଗୁହାରି କରିଛନ୍ତି। ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଉଛି। ହେଲେ ପରବର୍ତ୍ତୀ ସମୟରେ ଅଧିକାରୀଙ୍କ ପ୍ରତିଶ୍ରୁତି ଥଣ୍ଡା ବସ୍ତାକୁ ପଳାଇ ଯାଉଛି। ଲୋକମାନେ ଯେମିତି ଦୟନୀୟ ଭାବେ ଜୀବନ ବିତାଉଥିଲେ, ଆଜି ମଧ୍ୟ ସେମିତି କାଳାତିପାତ କରୁଛନ୍ତି। ଏଥିପ୍ରତି ପ୍ରଶାସନ ଟିକେ ମାତ୍ର ନଜର ଦେଉନାହାନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଗାଁରେ ଅଧିକାରୀଙ୍କ ପାଦ ପଡ଼ିଲା ନାହିଁ। ଯାହାକୁ ନେଇ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଗାଁର ଯୁବକ କହିଛନ୍ତି, ଆଜି ପର୍ଯ୍ୟନ୍ତ ଗାଁକୁ ଯିବା ପାଇଁ ରାସ୍ତା ହୋଇପାରିଲା ନାହିଁ। ତେଣୁ ଆମେ ବାଧ୍ୟ ହୋଇ ଜଙ୍ଗଲି ରାସ୍ତା ଅତିକ୍ରମ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବାକୁ ଯାଉଛି। ରାସ୍ତା ପାଇଁ ଆମେ ବହୁବାର ଅଭିଯୋଗ କରିଛୁ। ହେଲେ ସରପଞ୍ଚ, ବିଡିଓ ଓ ପୂର୍ବତନ ବିଧାୟକ ଆମ ଦାବି ପୂରଣ କରୁନାହାନ୍ତି। ଚାଉଳ ପାଇଁ ୨୦ କିମି ଦୂରରେ ଥିବା ପଞ୍ଚାୟତ ସଦର ମହକୁମାକୁ ଯିବାକୁ ପଡୁଛି ବୋଲି ଯୁବକ ଜଣକ କହିଛନ୍ତି। ଗାଁର ଜଣେ ମହିଳା କହିଛନ୍ତି, ଗାଁକୁ ରାସ୍ତା ଖଣ୍ଡିଏ ନାହିଁ। ତେଣୁ ଆମକୁ ଚାଉଳ ବସ୍ତା ମୁଣ୍ଡାଇ ଜଙ୍ଗଲି ରାସ୍ତାରେ ଯିବାକୁ ପଡୁଛି। ଏଥିପାଇଁ ବହୁ କଷ୍ଟ ହେଉଛି। ବେଳେ ବେଳେ ଚାଉଳ ବସ୍ତା ମୁଣ୍ଡାଇ ଆସିଲା ବେଳେ ପଡ଼ି ଯାଉଛୁ। ବର୍ଷା ଦିନର ଦୁଃଖ ନକହିବା ଭଲ ବୋଲି ମହିଳା ଜଣକ କହିଛନ୍ତି।

# ଏନ୍‌ଆଇଏନ୍‌ଏଲ୍‌ର ଜନଶୁଣାଣିକୁ ସମର୍ଥନ




- ବିସ୍ଥାପିତ ପରିବାର ଉନ୍ନୟନ ପରିଷଦର ଘୋଷଣା
- ଉତ୍ପାଦନ କ୍ଷମତା ବାର୍ଷିକ ୯.୫ ଏମ୍‌ଟିକୁ ବୃଦ୍ଧି ପ୍ରସ୍ତାବ
- ୪୫୦୦ ପ୍ରତ୍ୟକ୍ଷ ଏବଂ ୯୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା

ଯାଜପୁର,୧୯।୧୨ :କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍)ର ଆସନ୍ତା ୨୦ ତାରିଖ ଶୁକ୍ରବାର ହେବାକୁ ଥିବା ଜନଶୁଣାଣୀକୁ ବିସ୍ଥାପିତ ପରିବାର ଉନ୍ନୟନ ପରିଷଦ ପକ୍ଷରୁ ପୂର୍ଣ୍ଣ ସମର୍ଥନ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମର୍ମରେ ବୁଧବାର ଡୁବୁରୀସ୍ଥିତ କାର୍ଯ୍ୟାଳୟରେ ପରିଷଦର ସଭାପତି ବୀରେନ ଜାମୁଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏନ୍‌ଆଇଏନ୍‌ଏଲର ସମ୍ପ୍ରସାରଣ କେବଳ ଯାଜପୁର ଜିଲା ନୁହେଁ ସମଗ୍ର ରାଜ୍ୟ ପାଇଁ ଏକ ବଡ଼ ଉପଲବ୍ଧି ବୋଲି ଜାମୁଡା କହିବା ସହ ଏହାକୁ ବିରୋଧ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏହି ସମ୍ପ୍ରସାରଣ ଜମିହରା ଓ ବିସ୍ଥାପିତମାନଙ୍କ ସର୍ବାଙ୍ଗୀନ ବିକାଶରେ ସହାୟତ ହୋଇ ପାରିବ। ସ୍ଥାନୀୟ ନିଯୁକ୍ତି ଏବଂ ପାରିପାର୍ଶ୍ୱିକ ବିକାଶରେ ଏନ୍‌ଆଇଏନ୍‌ଏଲ ସମ୍ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବାକୁ ପରିଷଦ ଦାବି କରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଲୌହ ଏବଂ ଇସ୍ପାତ ଉପତ୍ାଦନ ପାଇଁ ୧୯୮୨ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍) ଗଠନ ହୋଇଥିଲା। ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ୨୦୧୯ ଫେବୃଆରୀ ୬ରେ ଏନ୍‌ଆଇଏନ୍‌ଏଲର କାର୍ପୋରେଟ ଦେବାଳିଆ ସମାଧାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି କ୍ରମରେ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ ଲିମିଟେଡ ସଫଳ ନିବେଶକ ଭାବେ ଘୋଷିତ ହୋଇଥିଲା। ଏହାପରେ ଏନ୍‌ଆଇଏନ୍‌ଏଲର ଅଂଶଧାରୀ ଏବଂ ଟାଟା ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟସ ଲିମିଟେଡ ମଧ୍ୟରେ ୨୦୨୨ ମାର୍ଚ୍ଚ ୧୦ରେ ସେୟାର ବିକ୍ରୟ ଓ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ତଦନୁସାରେ ଏନ୍‌ଆଇଏନ୍‌ଏଲକୁ ୨୦୨୨ ଜୁଲାଇ ୪ରେ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ ଦ୍ୱାରା ଅଧିଗ୍ରହଣ ସମାପ୍ତ ହୋଇଥିଲା। ରାଜ୍ୟର ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଏନ୍‌ଆଇଏନ୍‌ଏଲର ଅଶୋଧିତ ଇସ୍ପାତ୍ ଉପତ୍ାଦନ କ୍ଷମତାକୁ ବାର୍ଷିକ ୦.୯୮୧ ଏମ୍?ଟିରୁ ୯.୫ ଏମ୍‌ଟିକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହିକ୍ରମରେ ସରକାରଙ୍କ ପକ୍ଷରୁ ଜନଶୁଣାଣୀ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଇସ୍ପାତ୍ କାରଖାନା ପାଇଁ କଞ୍ଚାମାଲ୍‌ର ମୋଟ ଆବଶ୍ୟକତା ବାର୍ଷିକ ୪.୭ ଏମ୍‌ଟିରୁ ୨୭ ଏମ୍‌ଟିକୁ ବୃଦ୍ଧି ପାଇବ। ଏହାବାଦ୍ ପ୍ଲାଣ୍ଟର ସର୍ବାଧିକ ବିଦ୍ୟୁତ୍ ଆବଶ୍ୟକତା ମୋଟ ୭୫୮ ମେଗାୱାଟ ମଧ୍ୟରୁ ୫୫୭ ମେଗାୱାଟ୍ ଗ୍ରିଡ, ୨୮୮ ମେଗାୱାଟ୍ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ଏବଂ ୭୮.୫ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ସରୁ ଉପତ୍ାଦନ କରାଯିବ। ସେହିପରି ଘଣ୍ଟାକୁ ୪୦୦ ଘନମିଟରରୁ ୪୬୦୦ ଘନମିଟରକୁ ଜଳ ଆବଶ୍ୟକତା କରିବ। ଖରସ୍ରୋତା ନଦୀରୁ ଏହି ଜଳ ବ୍ୟବହାର କରାଯିବ। ପ୍ରସ୍ତାବିତ ପ୍ରକଳ୍ପର ଆନୁମାନିକ ମୂଲ୍ୟ ପ୍ରାୟ ୬୧,୭୬୯.୦୩ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସମୟରେ ୪୫୦୦ ପ୍ରତ୍ୟକ୍ଷ ଏବଂ ୯୫୦୦ ପରୋକ୍ଷ ଭାବେ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଜାତୀୟ ଇସ୍ପାତ୍ ନୀତି ଅନୁଯାୟୀ ୨୦୩୦ ସୁଦ୍ଧା ୩୦୦ ନିଯୁତ ଟନ୍ ଇସ୍ପାତ୍ ଉପତ୍ାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ଭିତ୍ତିଭୂମି ବିକାଶ ତ୍ୱରାନ୍ୱିତ ହେବ। ପ୍ଲାଣ୍ଟ ପରିଚାଳନା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସମ୍ପ୍ରସାରଣର ଆବଶ୍ୟକତାକୁ ପୂରଣ କରିବା ପାଇଁ ବର୍ତ୍ତମାନର ସଡ଼କ ସ୍ଥିତିରେ ଉନ୍ନତି ହେବ। ଏହାସହ ରେଳ ଓ ସ୍ଥାନୀୟ ପରିବହନ ସୁବିଧାରେ ଆହୁରି ଉନ୍ନତି କରାଯିବ ବୋଲି କମ୍ପାନୀର ପରିବେଶ ପ୍ରଭାବ ଆକଳନ ରିପୋର୍ଟରେ ଦର୍ଶାଯାଇଛି।

## ଶ୍ୱଶୁରଙ୍କ ଋଣ ଶୁଝୁଛନ୍ତି, ଦିଲ୍ଲୀରେ ବାଂଟିଲେ ଚିଲିକା ଚିଙ୍ଗୁଡ଼ି



ଭୁବନେଶ୍ୱର, ୧୯/୧୨: ଯାହାଙ୍କ ଦୟାରେ ସାଂସଦ ହେବାର ସୁଯୋଗ ପାଇଛନ୍ତି, ଏବେ ସେହି ଧରମ ଶ୍ୱଶୁରଙ୍କ ଋଣ ପରିଶୋଧ କରିବାରେ ଲାଗିଛନ୍ତି ଜଣେ ବିଜେଡି ନେତା। ଓଡ଼ିଶାର ଏହି ବିବାଦୀୟ ଆଇପିଏସଙ୍କୁ କେନ୍ଦ୍ରରେ ନିଯୁକ୍ତି ମିଳିବା ଖୁସିରେ ସଂପୃକ୍ତ ବିଜେଡି ନେତା କୁଆଡ଼େ ଚିଲିକା ଚିଙ୍ଗୁଡ଼ି ନେଇ ଦିଲ୍ଲୀରେ ବାଂଟିଛନ୍ତି। ଦିଲ୍ଲୀରେ କିଛି ବିଜେପି ନେତାଙ୍କ ଘରେ ବି ଏହି ଚିଙ୍ଗୁଡ଼ି ବଂଟାଯାଇଥିବା ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ, ବିଜେଡି ଶାସନ କାଳରେ ରାଜନୈତିକ କ୍ଷମତାକେନ୍ଦ୍ର ପାଲଟିଥିବା ଜଣେ ବରିଷ୍ଠ ଆଇପିଏସଙ୍କୁ କେନ୍ଦ୍ର ସରକାର ଡେପୁଟେସନରେ ନେବାପରେ ସେହି ଖୁସିରେ କୁଆଡ଼େ ଦିଲ୍ଲୀ ଦରବାରରେ ଚିଲିକା ଚିଙ୍ଗୁଡ଼ି ବଂଟାଯାଇଛି। କିଛି ନିର୍ଦ୍ଦିଷ୍ଟ ବିଜେପି ନେତାଙ୍କ ବାସଭବନକୁ କୁଆଡ଼େ ଏହି ଚିଲିକା ଚିଙ୍ଗୁଡ଼ି ନେଇ ସମ୍ପୃକ୍ତ ବିଜେଡି ନେତା ନିଜେ ଯାଇଥିଲେ। ଓଡ଼ିଶାରୁ ତଟକା ଚିଙ୍ଗୁଡ଼ି ଆସିଥିଲା ତ, ସେହିପାଇଁ ଦେବାକୁ ଆସିଥିଲି ବୋଲି କହି ସିନା ବାଆଁରେଇ ପଳାଇ ଆସିଥିଲେ। ମାତ୍ର ସେହି ଚିଙ୍ଗୁଡ଼ି ବାଂଟିବା ପଛରେ ଯେ ଅନ୍ୟ କିଛି ଉଦ୍ଦେଶ୍ୟ ଥିଲା ତାହା ଏବେ ଧୀରେଧୀରେ ପଦାକୁ ଆସିବାରେ ଲାଗିଛି। ଚର୍ଚ୍ଚା ହେଉଛି, ଆଇପିଏସ୍ ଶ୍ୱଶୁରଙ୍କ ବିରୋଧରେ ଓଡ଼ିଶା ସରକାର କାର୍ଯ୍ୟାନୁଷ୍ଠାନ ନକରି ତାଙ୍କୁ କେନ୍ଦ୍ରରେ ଡେପୁଟେସନରେ ଯିବାକୁ ଦେଇଥିବାରୁ ସେହି ଖୁସିରେ କୁଆଡ଼େ ଏହି ଚିଙ୍ଗୁଡ଼ି ବଂଟାଯାଇଛି। ଆଉ ଯେଉଁ ଆଇଏଏସ୍ ଅଫିସରଙ୍କ ହାତଲେଖା(ଅଭିଯୋଗରେ) ସଂପୃକ୍ତ ଆଇପିଏସ୍ ଅଫିସରଙ୍କୁ ନିର୍ବାଚନ କମିଶନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା, ଏବେ ସେହି ଆଇଏଏସଙ୍କ ପଛରେ କୁଆଡ଼େ ଏହି ବିଜେଡି ନେତା ପଡ଼ିଯାଇଛନ୍ତି। ଶ୍ୱଶୁରଙ୍କ ଦୟାରୁ ବିଜେଡିରେ ରାତାରାତି ପାୱାରଫୁଲ୍ ପାଲଟି ଗଲେ, ଆଉ ତାଙ୍କୁ 'ମାନ୍ୟବର' ପଦବୀଟିଏ ମଧ୍ୟ ଧରାଇଦେଲେ। ଏବେ ସେହି ପଦବୀର ଦୁରୂପଯୋଗ କରି ସଂପୃକ୍ତ ଆଇଏଏସ୍ ଅଫିସରଙ୍କୁ ଅଡୁଆରେ ପକାଇବାକୁ କୁଆଡ଼େ କସରତ ଆରମ୍ଭ କରିଦେଇଛନ୍ତି। ଦିନେକାଳେ ଗୋଟିଏ ବି ନିର୍ବାଚନ ଜିତିନଥିବା ଏହି ନେତାଜଣକ ବିଜେଡି ଶାସନକାଳରେ ବେଶ୍ ଧନସମ୍ପତ୍ତି ଠୁଳ କରିଛନ୍ତି। ମାତ୍ର ୮-୧୦ବର୍ଷ ଭିତରେ ତାଙ୍କର ସମ୍ପତ୍ତି ହଜାରେ ଗୁଣ ବଢ଼ିଯାଇଛି। ସବୁ ସେହି ଶ୍ୱଶୁରଙ୍କ କୃପାରୁ ହୋଇଥିଲା। ଏବେ ସିନା ବିଜେଡିର ସରକାର ନାହିଁ, କିନ୍ତୁ ଶଶୁରଙ୍କ ଦୟାରୁ ଯେଉଁ ମାନ୍ୟବର ପଦବୀଟିଏ ପାଇଛନ୍ତି ଆଉ ଅମାପ ସମ୍ପତ୍ତିର ଅଧିକାରୀ ହୋଇଛନ୍ତି ସେହି ଋଣର ପରିଶୋଧ କରୁଛନ୍ତି ବୋଲି ଚର୍ଚ୍ଚା। କିନ୍ତୁ ଅବଶ୍ୟ ଏହି ବାବୁଜଣକଙ୍କର ସ୍ୱଭାବ ସମସ୍ତଙ୍କ ପ୍ରତି ସେୟା ନୁହେଁ। କାରଣ ରାଜନୀତିରେ ପ୍ରବେଶ ପୂର୍ବରୁ ଯେଉଁ ସଂସ୍ଥାରେ କାମ କରୁଥିଲେ, ବିଜେଡି ଶାସନକାଳରେ ନିଜର ପତିଆରା ଦେଖାଇବାକୁ ସେହି ସଂସ୍ଥାକୁ ତଳିତଳାନ୍ତ କରିବାରେ ଲାଗିପଡ଼ିଥିଲେ ବୋଲି ଚର୍ଚ୍ଚା।

## ଗଞ୍ଜାମ ବିଜେଡିରେ ତାଳିପକା ଉଦ୍ୟମ, ନବୀନଙ୍କ ହସ୍ତକ୍ଷେପ ସତ୍ତ୍ୱେ ଥମିଲାନି ବିବାଦ

ଭୁବନେଶ୍ୱର, ୧୯/୧୨: ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିଜ ଜିଲ୍ଲା ଗଞ୍ଜାମରେ ବିଜେଡି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଦଳର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଓ ବିବାଦ ଏତେ ତୀବ୍ର ହୋଇଛି ଯେ ଆଜି ନବୀନଙ୍କ ହସ୍ତକ୍ଷେପ ସତ୍ତ୍ୱେ ଥମିବାର ନାଁ ଧରିନି। ଓଲଟା ଗୋଟିଏ ଗୋଷ୍ଠୀ ଆବଶ୍ୟକ ପଡ଼ିଲେ ବିଜେପି ସହ ସାମିଲ ହେବ ବୋଲି ଆଜି ରୋକଠୋକ୍ ଜଣାଇ ଦେଇଛି। ଶଙ୍ଖ ଭବନରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ରଙ୍କ ତାଳିପକା ଉଦ୍ୟମ, ନବୀନ ନିବାସରେ ନବୀନଙ୍କ ଦୁଇଧାଡ଼ିଆ ଆଶ୍ୱାସନା କିଛି କାମ ଦେଇନି ଓ ଉଭୟ ଗୋଷ୍ଠୀ ପରସ୍ପର ଜିଦରେ ଅଟଳ ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଗଞ୍ଜାମରେ ବିଜେଡି ଜିଲ୍ଲା ସଭାପତି ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ମଧ୍ୟରେ ଚାଲିଥିବା ଗୋଷ୍ଠୀକନ୍ଦଳର ସମାଧାନ ପାଇଁ ଆଜି ସମସ୍ତଙ୍କୁ ଭୁବନେଶ୍ୱର ଡକାଯାଇଥିଲା। ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ରଙ୍କ ଉପସ୍ଥିତିରେ ଉଭୟ ଗୋଷ୍ଠୀ ପରସ୍ପରକୁ ଦୋଷାରୋପ କରିବା ସହ ଦଳୀୟ ସଂଗଠନକୁ ଦୁର୍ବଳ କରୁଥିବାର ଅଭିଯୋଗ ଆଣିଥିଲେ। ଏପରିକି ପରସ୍ପର ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଏଭଳି ସ୍ତରକୁ ଯାଇଥିଲା ଯେ, ଦେବୀଙ୍କ ତାଳିପକା ଉଦ୍ୟମ ଫେଲ୍ ମାରିଥିଲା। ପରେ ଉଭୟ ପକ୍ଷକୁ ବୁଝାସୁଝା କରି ନବୀନ ନିବାସ ନିଆଯାଇଥିଲା। ସେଠାରେ ନବୀନ ଏସବୁ ବିଶେଷକିଛି ନଶୁଣି ସଂଗଠନ



ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ କହିବା ସହ ଲୋକଙ୍କ ସମସ୍ୟା ପ୍ରତି ସଚେତନ ହେବାକୁ କହିଥିଲେ। ଏହାସହିତ ସେ ଖୁବଶୀଘ୍ର ଗଞ୍ଜାମ ଗସ୍ତରେ ଯିବେ ବୋଲି ସୂଚନା ଦେଇଥିବା ଜଣାପଡ଼ିଛି। ନବୀନଙ୍କ ଏଭଳି ଆଶ୍ୱାସନା କିନ୍ତୁ ଦୁଇ ଗୋଷ୍ଠୀ ମଧ୍ୟରେ ବଢୁଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇ ପାରିନାହିଁ। ଓଲଟା ବ୍ରହ୍ମପୁର ମହାନଗର ନିଗମର ଅଧିକାଂଶ କର୍ପୋରେଟର ଏବେ ବିଜେପି ସହ ଲିଙ୍କରେ ରହିଥିବା ଆଜିର ବୈଠକରୁ ସ୍ପଷ୍ଟ ହୋଇଯାଇଛି। ଏହି ବୈଠକ ପରେ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ନବୀନ ନିବାସରେ ଗଞ୍ଜାମ ନେତାମାନେ ନବୀନଙ୍କୁ ଭେଟିଲେ। ବ୍ରହ୍ମପୁର ମହାନଗର ନିଗମର ମେୟର, ୩୪ଜଣ କର୍ପୋରେଟର, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସହ ସାଂଗଠନିକ ପ୍ରସଙ୍ଗରେ ଆଲୋଚନା ହୋଇଛି। ବରିଷ୍ଠ ବିଜେଡି ନେତା ପ୍ରଦୀପ ଅମାତ୍ ମଧ୍ୟ ଉପସ୍ଥିତ ଥିଲେ। ପରସ୍ପର ମଧ୍ୟରେ ସମନ୍ୱୟ ରଖି ସଭ୍ୟ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ଉପରେ ଆଲୋଚନା ହୋଇଛି। ଏନେଇ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଗଲା ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି ଯେ, ମହାନଗର ନିଗମରେ ଯେଉଁ ବିବାଦ ଅଛି ତାହା ମହାନଗରରେ ତୁଟିବ। ସେସବୁ ଆଭ୍ୟନ୍ତରୀଣ ମତପାର୍ଥକ୍ୟ। କିନ୍ତୁ ସମସ୍ତେ ଏକ ହୋଇ କାମ କରିବେ ବୋଲି ସହମତି ହୋଇଛନ୍ତି। ରାମଲିଙ୍ଗମ ଟ୍ୟାଙ୍କକୁ ନେଇ ସମସ୍ୟା ଥିଲା। ନବୀନ ପଟ୍ଟନାୟକଙ୍କ କଥା ଆସିଲେ ସମସ୍ତେ ଏକଜୁଟ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଆଜିର ବୈଠକ ପରେ ୧୦ରୁ ଅଧିକ କର୍ପୋରେଟର ଖୋଲାଖୋଲି ଭାବେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନେ ଆଉ ଦଳୀୟ ନେତାଙ୍କ ଭରସାରେ ରହିବେ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଇଥିବା ଜଣାପଡ଼ିଛି।

## ସାବୁନ କାରଖାନାରେ ଅଗ୍ନିକାଣ୍ଡ ଜଳିଗଲା ୮ଲକ୍ଷ ଟଙ୍କାର ସାମଗ୍ରୀ



ପୁରୀ,୧୯/୧୨: ପୁରୀସ୍ଥିତ ମଙ୍ଗଳାଘାଟ ନିକଟରେ ଥିବା ଏକ ସାବୁନ କାରଖାନାରେ ବୁଧବାର ଅଗ୍ନିକାଣ୍ଡ ଘଟି ପ୍ରାୟ ୮ଲକ୍ଷ ଟଙ୍କାର ସାମଗ୍ରୀ ଜଳି ଯାଇଛି। ଜିଲା ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଅଢ଼େଇ ଘଣ୍ଟା ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ।ଏହି କାରଖାନାରେ ସାବୁନ ପ୍ରସ୍ତୁତ ପାଇଁ ଥିବା ତେଲ ଏବଂ ଅନ୍ୟାନ୍ୟ କଞ୍ଚାମାଲରେ ନିଆଁ ଲାଗିବା ଯୋଗୁଁ ତାହା ତୁରନ୍ତ ବ୍ୟାପୀ ଯାଇଥିଲା। ଅଗ୍ନିକାଣ୍ଡ ବେଳେ ଅନେକ କର୍ମଚାରୀ କାର୍ଯ୍ୟ କରୁଥିଲେ ହେଁ ସେମାନେ ତୁରନ୍ତ ବାହାରିଯିବାରୁ ଅଘଟଣରୁ ବର୍ତ୍ତି ଯାଇଥିଲେ। ନିଆଁରେ ପୋଡ଼ି ହୋଇ କାରଖାନାର ଆଜବେଷ୍ଟସ ଗଳି ପଡ଼ିଥିଲା। ଏଠାରେ ଲକ୍ଷାଧିକ ଟଙ୍କାର ସାବୁନ ତିଆରି କଞ୍ଚାମାଲ, ସାବୁନ, ଫୁଲ ଝାଡୁ, ଘିଅ ଏବଂ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। କିଛି ଜିନିଷପତ୍ରକୁ ଆଗ୍ନିକମାନେ ସୁରକ୍ଷିତ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ, ଯଦି ଥିଲା ତାହା କାର୍ଯ୍ୟକ୍ଷମ ଥିଲା କି ନାହିଁ ଏବଂ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ସେ ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି ଜିଲା ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି।

## ଭରତପୁର ଥାନା ଘଟଣା: ଭିଡିଓ ଦାଖଲ କଲା କ୍ରାଇମବ୍ରାଞ୍ଚ; ୨୨ରେ ଶୁଣାଣି

ଭୁବନେଶ୍ୱର : ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ବୁଧବାର ତଦନ୍ତ କମିସନ ଚିତ୍ତ ରଞ୍ଜନ ଦାଶଙ୍କ ପାଖରେ ସମ୍ପୂର୍ଣ୍ଣ ଘଟଣାର ଭିଡ଼ିଓ ଓ ଦସ୍ତାବିଜ ଦାଖଲ କରିଛି। ଥାନାରେ ସେଦିନ ରାତିରେ କଣ ଘଟିଥିଲା ସମସ୍ତ ଦୃଶ୍ୟ ଉକ୍ତ ଭିଡ଼ିଓରେ ରହିଛି। ଏହି ଭିଡ଼ିଓକୁ ଯାଞ୍ଚ କରି ଷ୍ଟେଟ ଫରେନସିକ ଲ୍ୟାବ୍ ସଠିକ ବୋଲି ଦର୍ଶାଇଛି। ଆସନ୍ତା ୨୨ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ସ୍ଥିର ହୋଇଛି। ଗତ ତାରିଖରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଦସ୍ତାବିଜ ଦାଖଲ ହୋଇନଥିବାରୁ ଶୁଣାଣିକୁ ଘୁଞ୍ଚାଇ ଦିଆଯାଇଥିଲା। ଆସନ୍ତା ୨୨ରେ ଉଭୟ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସ ପକ୍ଷ ଓକିଲ ଜେରା କରିବେ ବୋଲି ସୂଚନା ରହିଛି। ୨୨, ୨୩ ଓ ୨୪ତାରିଖ ଯାଏ ଶୁଣାଣି ହେବ। ଏନେଇ କମିସନଙ୍କ ପକ୍ଷରୁ ସେମାନଙ୍କୁ ସମନ ହୋଇଛି। ପ୍ରଥମେ ସେନା ଅଧିକାରୀ ଓ ପରେ ବାନ୍ଧବୀଙ୍କୁ ଜେରା କରାଯିବ। କମିସନଙ୍କ ଉପସ୍ଥିତିରେ ଏହି ଜେରା କରାଯିବ। ସେନା ଅଧିକାରୀଙ୍କ ଓକିଲ ପକ୍ଷରୁ ଯଦି ପୁଲିସ ପକ୍ଷର କାହାକୁ ଜେରା କରିବାକୁ ଚାହିବେ ତେବେ ସେମାନେ ସେହିଦିନ କମିସନଙ୍କୁ ଲିଖିତ ଜଣାଇବେ। ସେନେଇ ପୁଲିସ ପକ୍ଷଙ୍କୁ ପରବର୍ତ୍ତୀ ତାରିଖରେ ସାକ୍ଷ୍ୟ ଗ୍ରହଣ ବା ଜେରା ପାଇଁ ଡାକିବାକୁ କମିସନ ସ୍ଥିର କରିବେ।

## ତେଜୁଛି ଧାନ କିଣା ଅସନ୍ତୋଷ

### ହକ୍ ମାଗୁଛନ୍ତି ଅନ୍ନଦାତା, ମଣ୍ଡିରେ ପଡ଼ିଛି ଧାନ, ରାସ୍ତାରେ ରଡୁଛି ଚାଷୀ



ବଲାଙ୍ଗିର/ ଭେଡେନ,୧୯/୧୨: ରାଜ୍ୟରେ ବିଜେପି ସରକାର ଆସିବା ପରେ ବିନା କଟ୍‌ନି ଛଟନିରେ ଚାଷୀଙ୍କ ଧାନ କିଣାଯିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ବିଜେପି ସରକାର ଦେଇଥିବା କଥା ପାଣିରଗାର ପାଲଟିଛି। ଧାନକିଣା ଶୁଭାରମ୍ଭ ହେବାର ଦୁଇ ସପ୍ତାହ ବିତିଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ସମସ୍ତ ମଣ୍ଡିରେ ଧାନକିଣା। ଆରମ୍ଭ ହୋଇପାରିନି। ଯେଉଁ କିଛି ପାକ୍ସରେ ଧାନ କିଣା ଯାଉଛି ସେଠାରେ ୫/୬ କେଜି କଟ୍ ?ନିଛଟନି କରାଯାଉଛି। କେବଳ ଏତିକି ନୁହେଁ ଅଖା ବସ୍ତା ସମସ୍ୟା ପାଇଁ ଚାଷୀ ତାର ଧାନ ବିକ୍ରି କରିପାରୁନାହିଁ। ଏଭଳି ବିଭିନ୍ନ ସମସ୍ୟା ନେଇ ଚାଷୀ ଗତି କରୁଛି। କିନ୍ତୁ ତାର ଦୁଃଖ ଶୁଣିବାକୁ କେହି ନାହାନ୍ତି। ବଲାଙ୍ଗିର ଜିଲ୍ଲାର ସଦର ଏବଂ ଦେଓଗାଁ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ମଣ୍ଡିମାନଙ୍କରେ ଧାନ କିଣାରେ ବ୍ୟାପକ ଦୁର୍ନୀତି କରାଯାଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ବୁଧବାର ଦିନ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂ ଦେଓଙ୍କ ନିର୍ଦ୍ଦେଶକ୍ରମେ ଚାଷୀମାନଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଜି ଅପରାହ୍ନରେ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରୁଣ୍ଡ ହୋଇ କାର୍ଯ୍ୟାଳୟ ଘେରଉ କରିଥିଲେ। ବିନା କଟ୍‌ନି ଛଟ୍‌ନିରେ ଧାନ କିଣିବାକୁ, ଚଳିତବର୍ଷ ଜରି ବସ୍ତାରେ ଧାନ ବିକ୍ରି କରିବାକୁ ଏବଂ ବିଡିଘାଟ ଓ କୁଡ଼ାସିଂହା ସମବାୟ ସମିତିରେ ୫ କେଜି ଧାନ କଟନି ଛଟନି କରାଯାଉଥିବାରୁ ସେମାନଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଚାଷୀମାନଙ୍କ ଧାନ ବିକ୍ରି ପାଇଁ ସୁବିଧା ନକଲେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ସେହିପରି ଭେଡ଼େନ ବ୍ଲକ ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ିରହିଥିବା ବେଳେ ମନଇଚ୍ଛା କଟନି ଛଟନି ଚାଲିଛି। କୁବଡ଼େଗା ମାର୍କେଟ ୟାର୍ଡଠାରେ ପଞ୍ଚାୟତର ସମସ୍ତ ଚାଷୀଙ୍କୁ ନେଇ ଧାନ ବିକ୍ରି ବ୍ୟବସ୍ଥାରେ ଚାଲିଥିବା ଅଚଳାବସ୍ଥାର ଦୂରୀକରଣ ନିମନ୍ତେ ଗତ ୧୬ ତାରିଖରେ ଉତ୍ପନ୍ନ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗତ ନଭେମ୍ବର ୨୦ ରୁ ସରକାର ମାର୍କେଟ ୟାର୍ଡରୁ ଧାନ ଉଠାଇବାକୁ ଘୋଷଣା କରିଥିଲେ ହେଁ ୭୮୦୦ କୁଇଣ୍ଟାଲ ଟାର୍ଗେଟ ମଧ୍ୟରୁ ଆଜି ପର୍ଯ୍ୟନ୍ତ ମାତ୍ର ୧୬୨୨ କୁଇଣ୍ଟାଲ ଧାନ ଉଠିଛି। ବାକି ୬୧୭୭ କ୍ୟୁଣ୍ଟାଲ ଧାନ ପଡ଼ି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଗଭୀର ଉଦବେଗ ପ୍ରକାଶ ପାଇଛି। ଏଥିମଧ୍ୟରୁ ଅନେକ ଚାଷୀଙ୍କ ଟୋକନ୍ ଅବଧି ଆସନ୍ତା ୧୯ ତାରିଖ ସୁଦ୍ଧା ସରିବାକୁ ଯାଉଛି। ମିଲ୍ ବାଲାଙ୍କ ମନମାନି ଏତେ ଅନୁଭୂତ ହେଉଛି ଯେ, ପ୍ରକୃତ କ୍ରୟ ସଂସ୍ଥା ପାକ୍ସ ଓ ଆରଏମସି କର୍ମଚାରୀ ସଂପୂର୍ଣ୍ଣ ଅସହାୟ ହୋଇପଡୁଛନ୍ତି। ବିଭିନ୍ନ ଅବ୍ୟବସ୍ଥା ଯୋଗୁଁ ଆଜି ଶତାଧିକ ଚାଷୀ ଉତ୍ପନ ଭୋଇଙ୍କ ନେତୃତ୍ୱରେ ଭେଡେନ ରାସ୍ତାକୁ ଦୀର୍ଘ ୪ଘଣ୍ଟା ଧରି ଧାନ ବସ୍ତା ପକାଇ ଅବରୋଧ କରି ଧାରଣାରେ ବସିଥିଲେ। ଫଳରେ ବରଗଡ଼ ଭେଡେନ ଦେଇ ଯାତାୟାତ କରୁଥିବା ସମସ୍ତ ଯାନବାହନ ରାସ୍ତା ଉପରେ ଅଟକି ରହିଥିଲା। ଖବର ପାଇ ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନ କରୁଥିବା ଚାଷୀଙ୍କ ସହ ଆଲୋଚନା କରିଥିଲେ। ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ଅତିରିକ୍ତ ତହସିଲଦାର ଦେବାନନ ସାହୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଡିଆର ସିଏସ୍ ? ଯୁଗଳ ଦାଶ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ସୋର୍ଦ୍ୱ ଓଟା, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀ ଆଲୋଚନା କରି ଚାଷୀଙ୍କ ସମସ୍ତ ଦାବିକୁ ପୂରଣ କରିବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ଆଲୋଚନାରେ ଚାଷୀନେତା ରମେଶ ମହାପାତ୍ର, ନରେନ୍ଦ୍ର ଭୋଇ,ସୁଦାମ ପାତ୍ର, ମଧୁସୂଦନ ତ୍ରିପାଠୀ, ସୁକାନ୍ତ ସତପଥି, ଜନାର୍ଦ୍ଦନ ମିଶ୍ର, ସୁବୋଧ ସତପଥି , ଅଚ୍ୟୁତା ଭୋଇ, ଦେବେନ୍ଦ୍ର ପ୍ରଧାନ, ସୁଶୀଳ ବେହେରା, କ୍ଷୀରୋଦ୍ର ବାରିକ, ଅଜିତ ପ୍ରଧାନ, ଜୟଦେବ ପ୍ରଧାନ, ଅତୁଲ୍ୟ ଭୋଇ, କିଶୋର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ଅଶୋକ ପ୍ରଧାନ, ବିକାଶ ଭୋଇ, ଉଜ୍ଜ୍ୱଳ ଭୋଇ, ସିଦ୍ଧେଶ୍ୱର ପ୍ରଧାନ, ନବୀନ ଭୋଇ, ପ୍ରଦୀପ ଭୋଇ, ଶୁକଦେବ ବାଗ, ଅକ୍ଷୟ ପ୍ରଧାନ ,ଘନଶ୍ୟାମ ମହାକୁର, କ୍ଷମାନିଧି ବେହେରା, ଅଶ୍ୱିନୀ ସତପଥି, ଭିଟୋ ସାହୁ, ଶଙ୍କର ମହାକୁର, ପ୍ରମୋଦ ବିଶି, ସନ୍ତୋଷ ବିଶି, ନନ୍ଦିଘୋଷ ମହାକୁର ପ୍ରମୁଖ ଶତାଧିକ ଚାଷୀ ଅଂଶଗ୍ରହଣ କରିଥିଲେ।

### ପଶ୍ଚିମ ଓଡ଼ିଶାରେ ଚାଷୀଙ୍କୁ ସରକାରୀ ନିର୍ଯାତନା

## ଦଲାଲଙ୍କୁ ଧାନ ବିକୁଛନ୍ତି ଚାଷୀ

ବରଗଡ଼/ ବଲାଙ୍ଗିର : ଧାନକିଣାକୁ ନେଇ ପଶ୍ଚିମ ଓଡ଼ିଶାରେ ବିଚିତ୍ର ପରିସ୍ଥିତି ଦେଖିବାକୁ ମିଳିଛି। ବିଶେଷ କରି ବରଗଡ଼ ଏବଂ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ମଣ୍ଡିରେ ଅଜବ ଅବସ୍ଥା ଦେଖିବାକୁ ମିଳୁଛି। କେଉଁଠି ମୋଟେ ଧାନ ନ ଥିବା ବେଳେ କେଉଁଠି ଗଦା ହୋଇଥିବା ଧାନ ଏଯାବତ୍ ଉଠିନାହିଁ। ଏଫଏକ୍ୟୁ ନାଁରେ ଗ୍ରେନ୍ ? ଆନାଲାଇଜର ମେସିନ ଲଗାଇ ଧାନ ପରୀକ୍ଷା ବାହାନାରେ ଚାଷୀଙ୍କୁ ଅଯୋଗ୍ୟ ଧାନ କହି ଡରାଉଛନ୍ତି। ଫଳରେ ଚାଷୀ ଆଉ ମଣ୍ଡିକୁ ଧାନ ନ ଆଣି ସିଧାସଳଖ ମଧ୍ୟସ୍ଥି ସାହାଯ୍ୟରେ କୁଇଣ୍ଟାଲ କୁଇଣ୍ଟାଲ ଧାନ ଦଲାଲଙ୍କୁ ବିକ୍ରି କରୁଛନ୍ତି। ବଲାଙ୍ଗିର ଜିଲ୍ଲାରେ ଧାନ ବିକ୍ରି ସହିତ ଚାଷୀଙ୍କୁ ବସ୍ତା ଚିନ୍ତା ଘାରିଛି। କେବଳ ଅଖା ବସ୍ତାରେ ହିଁ ଧାନ ନିଆଯିବ ବୋଲି ନିୟମ କରାଯାଇଥିବାରୁ ଚାଷୀମାନେ ଅଡୁଆରେ ପଡ଼ିଯାଇଛନ୍ତି। ଅସହାୟ ଅବସ୍ଥାରେ ପଡ଼ିଥିବା ଚାଷୀଙ୍କୁ ସହାୟତା କରିବା ଲାଗି କେହି ପ୍ରଶାସନିକ ଅଧିକାରୀ ଆଗକୁ ଆସୁନଥିବାରୁ ସେମାନେ ଉଦବେଗ ପ୍ରକାଶ କରିଛନ୍ତି। ବରଗଡ଼ରୁ ମିଳିଥିବା ରିପୋର୍ଟ ଅନୁଯାୟୀ କଟନିଛଟନୀ ନାଁରେ ମିଲରମାନେ ଶୋଷଣ କରୁଥିବାରୁ ଚାଷୀମାନେ ଦଲାଲଙ୍କ ହାବୁଡ଼ରେ ପଡ଼ିଯାଇଛନ୍ତି। ମଧ୍ୟସ୍ଥିଙ୍କ ଜରିଆରେ ସେମାନେ ଧାନ କିଣୁଛନ୍ତି। କିଛି ମଣ୍ଡିରେ ମଧ୍ୟସ୍ଥିମାନେ କୁଇଣ୍ଟାଲ ପ୍ରତି ୧୫୦/୨୦୦ ଟଙ୍କା ନେଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ମାସେ ହେବ ଧାନକିଣା ଆରମ୍ଭ ହୋଇଥିଲେ ମଧ୍ୟ ମଣ୍ଡି ସମସ୍ୟା ଯୋଗୁଁ ଚାଷୀମାନେ ପ୍ରଶାସନିକ ଅବ୍ୟବସ୍ଥାକୁ ଦାୟୀ କରୁଛନ୍ତି। ବିଗତ ବର୍ଷମାନଙ୍କରେ ରେଶମ, ପଧାନପାଲି,ସାଲେପାଲି, ସିହେନପାଲି, ହାତୀପାଲି, କୁବେଡେଗା, ସହରାଟିକ୍ରା, ତୁଳଣ୍ଡି, ସତଲମା, କୁମ୍ଭାରୀ, ବରା ଆଦି ମଣ୍ଡିରେ ଚାଷୀମାନେ ଠିକ ଧାନ ଆଣି ଦଲାଲମୁକ୍ତ ଏବଂ କଟନୀ ବିହୀନ ଧାନ ବିକ୍ରି କରୁଥିଲେ। କିନ୍ତୁ ଚଳିତବର୍ଷ ସେହି ମଣ୍ଡିରେ ସେହି କ୍ୱାଲିଟିର ଧାନ ଆଣିଥିଲେ ମଧ୍ୟ ଆନାଲାଇଜର ଭୟ ଦେଖାଇ ଚାଷୀମାନଙ୍କୁ ହଇରାଣ କରାଯାଉଛି। ଚାଷୀମାନେ ଏହାର ପ୍ରତିବାଦ ଜଣାଇ ଆନ୍ଦୋଳନ ଆରମ୍ଭ କଲେଣି। କୁବେଡେଗା ଚାଷୀମାନେ ଭେଡେନ ତହସିଲଦାରଙ୍କୁ ଆଜି ସୁଦ୍ଧା ସମସ୍ତ ଧାନ ନ ଉଠିଲେ ବରଗଡ଼ ଭେଡେନ ରାସ୍ତାରେ ଧାନ ପକାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ଗତ ୨ ତାରିଖରୁ ଧାନକିଣା ଆରମ୍ଭ ହୋଇଥିବାବେଳେ ୧୫ ଦିନ ପରେ ବି ସ୍ୱାଭାବିକ ଭାବେ ଧାନକିଣା ଆରମ୍ଭ ହୋଇନାହିଁ। ଜିଲ୍ଲାର ୧୭୬ ମଣ୍ଡିରୁ ୫୦ ରୁ ଅଧିକ ମଣ୍ଡିରେ ଧାନକିଣା ଆରମ୍ଭ ହୋଇ ନ ଥିବାବେଳେ ଅନେକ ସ୍ଥାନରେ ଚାଷୀମାନେ ମଣ୍ଡି ବିଧିବ୍ୟବସ୍ଥା ଭୟରେ ଧାନ ଆଣୁ ନ ଥିବା ଅଭିଯୋଗ ହୋଇଛି। ଚଳିତ ଖରିଫରେ ଧାନର ମାନ ନିର୍ଦ୍ଧାରଣ, ଧାନ ରଙ୍ଗ, ଆର୍ଦ୍ରତା ମାପ ପାଇଁ କଡ଼ା ବ୍ୟବସ୍ଥା କରାଯାଇଥିବା ବେଳେ ଅନେକ ମଣ୍ଡିରେ କଟ୍‌ନି ଛଟ୍‌ନି ଆରମ୍ଭ ହୋଇଛି। ଏହି ସବୁ ଭିତରେ କିନ୍ତୁ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ସାଜିଛି ଅଖାବସ୍ତା ସମସ୍ୟା। ବିଭିନ୍ନ ମଣ୍ଡିକୁ ଧାନ ଆଣିଥିବା ଚାଷୀମାନଙ୍କ କହିବା ଅନୁସାରେ ସେମାନେ ପଲିଥିନ ବସ୍ତାରେ ବହୁ ପୂର୍ବରୁ ଧାନ ଭର୍ତ୍ତି କରି ରଖିଥିଲେ। ବର୍ତ୍ତମାନ ମଣ୍ଡିକୁ ଆସିବା ପରେ ମଣ୍ଡି କର୍ମଚାରୀମାନେ ଅଖା ବସ୍ତାଦେଇ ସମସ୍ତ ଧାନକୁ ପୁଣିଥରେ ଅଖାବସ୍ତାରେ ଭର୍ତ୍ତି କରିବା ପାଇଁ କହୁଛନ୍ତି। ପୂର୍ବରୁ ଧାନ ଭରିବା ସମୟରେ ଶ୍ରମିକ ଖର୍ଚ୍ଚ ହାତରୁ ସେମାନେ ଦେଇଥିବା ବେଳେ ଏବେ ପୁଣିଥରେ ଶ୍ରମିକ ଖର୍ଚ୍ଚ ବାବଦକୁ ଟଙ୍କା ଦେଇଛନ୍ତି। ଯେଉଁବସ୍ତା ଗୁଡିକ ମଣ୍ଡରୁ ଦିଆଯାଉଛି ସେହି ବସ୍ତା ଗୁଡିକର ଅବସ୍ଥା ନାହିଁ। ଯୁଆଡେ ଦେଖିଲେ ବସ୍ତା ଫାଟି ଆଁ କରିଛି। ଯଦି ସେହିଭଳି ବସ୍ତାରେ ଧାନ ଭରି ଆଣିବୁ ତେବେ ଧାନ କେମିତି ରହିବ। ଅନ୍ୟପକ୍ଷରେ କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବଲାଙ୍ଗିରର ବିଭିନ୍ନ ପାକ୍ସ ବୁଲିଥିଲେ। ସେ ଚାଷୀ ମାନଙ୍କ ସହ ଆଲୋଚନା କରିବା ପରେ ବସ୍ତା ସମସ୍ୟା ବିଷୟରେ ଅବଗତ ହୋଇଥିଲେ ଓ ମିଲରମାନଙ୍କୁ ପଲିଥିନ ବସ୍ତାର ଧାନ ମଧ୍ୟ ଗ୍ରହଣ କରିବାକୁ କହିବେ ବୋଲି ମତ ରଖିଥିଲେ।

# ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଶୁଭ ଉଦଘାଟନ



କେନ୍ଦ୍ରାପଡ଼ା, ତା. ୧୯/୧୨: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଆୟୋଜିତ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଶୁଭ ଉଦଘାଟନ କରିଛନ୍ତି ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ, ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ ଓ ପ୍ରାରମ୍ଭରେ ଜିଲ୍ଲାପାଳ ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ଆଭିମୁଖ୍ୟ ସମ୍ପର୍କରେ ମତ ବ୍ୟକ୍ତ କରିବା ସହ ନିମନ୍ତ୍ରିତ ଅତିଥି ଓ ଉପସ୍ଥିତ ଚାଷୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପ୍ରାଣି ସଂପଦ ଓ ମତ୍ସ୍ୟ ଚାଷ ଅନେକଙ୍କୁ ଦେଇଛି ନୂଆ ପରିଚୟ । ସେମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ସହ ସେମାନଙ୍କ ମୁହଁରେ ଫୁଟାଇଛି ହସ । ଚାଷୀଙ୍କୁ ବର୍ଷସାରା ରୋଜଗାର ଯୋଗାଇଛି । ମତ୍ସ୍ୟ ଓ ପ୍ରାଣିସଂପଦର ବିକାଶ ସମ୍ପ୍ରତି ଗ୍ରାମାଞ୍ଚଳ ଅର୍ଥନୀତିର ମେରୁଦଣ୍ଡ ଭାବେ ଉଭା ହୋଇଛି । ତେଣୁ ରାଜ୍ୟ ଅର୍ଥନୀତି ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଇଛି ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ ଓ ଏହି ମେଳା ଗୋପାଳକ, ପ୍ରାଣିପାଳକ, ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଶେଷଜ୍ଞ ଏବଂ ବ୍ୟବସାୟିକ ସଂସ୍ଥା ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ । ମତ୍ସ୍ୟ ଓ ପ୍ରାଣିପାଳନ କ୍ଷେତ୍ରରେ ବ୍ୟବହାର କରାଯାଉଥିବା ନୂତନ ଜ୍ଞାନକୌଶଳ ସମ୍ପର୍କରେ ଚାଷୀମାନେ ଜାଣିବାର ସୁଯୋଗ ପାଇଥାନ୍ତି । ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବୃଦ୍ଧି କରିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ "ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା" କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ୫ ବର୍ଷରେ ୧୪୨୩ କୋଟିରୁ ଅଧିକ ଟଙ୍କା ବିନିଯୋଗ ହେବ । ଗୋପାଳନ ଓ ମଇଁଷି ପାଳନ ପାଇଁ ୬୦ରୁ ୭୦ ପ୍ରତିଶତ ରିହାତି ଦେବା ପାଇଁ ସରକାର ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାର ହିତାଧିକାରୀମାନଙ୍କୁ ୫୦ ପ୍ରତିଶତ ରିହାତି ସହ ଓଡ଼ିଶା ବାହାରୁ କିଣୁଥିବା ଗାଈଙ୍କ ଦାମ ଉପରେ ୧୫ ପ୍ରତିଶତ ଅତିରିକ୍ତ ରିହାତି ଦିଆଯାଉଛି । ସେହିଭଳି "ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ" ଯୋଜନାରେ ୫ ବର୍ଷ ନିମନ୍ତେ ୨ ହଜାର ୨୩୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହାର ସୁଫଳ ପ୍ରାୟ ୧୪ ଲକ୍ଷ ମତ୍ସ୍ୟଜୀବୀଙ୍କୁ ମିଳିବ । ରାଜ୍ୟର ମତ୍ସ୍ୟଚାଷୀ, ପ୍ରାଣୀପାଳକ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରୁ ଯଥେଷ୍ଟ ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ। ଉକ୍ତ ଶୁଭ ଉଦ୍ଘାଟନ ଉତ୍ସବ ପ୍ରାରମ୍ଭରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଭକ୍ତିପୁଷ୍ପ ପ୍ରଦାନ ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା ଓ ଉତ୍ସବରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିଭାଗ ଦ୍ୱାରା ୨ ଜଣ ମତ୍ସ୍ୟ ଚାଷୀ ଓ ୨ ଜଣ ପ୍ରାଣିପାଳକଙ୍କୁ ପୁରସ୍କୃତ କରାଯାଇଥିଲା ଓ ୨୦୦୦ ରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ ଓ ୩୬ ଟି ଷ୍ଟଲ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ଆୟୋଜନ କରାଯାଇଥିଲା ଓ ଏଥିରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ମିଡ଼ିଆର ପ୍ରତିନିଧିମାନେ ଯୋଗ ଦେଇଥିଲେ ଓ ସନ୍ଧ୍ୟାରେ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ଧାର୍ଯ୍ୟ କରାଯାଇଛି।

## ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଋଣ ପ୍ରଦାନ ମେଳା

ଜଳେଶ୍ୱର,୧୯/୧୨(ନି.ପ୍ର) : ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ବିଭିନ୍ନ ସରକାରୀ ସହାୟତା ଓ ପ୍ରୋତ୍ସାହନ ମାନ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର, ପୁରୁଣା କୋର୍ଟ ବଜାର ସ୍ଥିତ ପଞ୍ଜାବ ନେସନାଲ ବ୍ୟାଙ୍କ ରେ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଙ୍କ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ, ସହରାଞ୍ଚଳ ଓ ଗ୍ରାମାଞ୍ଚଳ ର ୧୫ ମହିଳା ଗୋଷ୍ଠୀ ଙ୍କୁ ବାଲେଶ୍ୱର ଜିଲ୍ଲା ଶାଖା, ପିଏନବି ର ମଣ୍ଡଳ ମୁଖ୍ୟ ବିଶ୍ୱଜିତ ବିଶ୍ୱାଳ ଯୋଗ ଦେଇ ୭୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।୨୦ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଙ୍କୁ ୧ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଋଣ ପ୍ରଦାନ ମଞ୍ଜୁର ହୋଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।ଏକ ବର୍ଷ ମଧ୍ୟରେ ଋଣ ପୈଠ କଲେ ୩ ପ୍ରତିଶତ ସରକାରୀ ସୁଧ, ଛାଡ଼ ହେବ ବୋଲି ମଧ୍ୟ ପରାମର୍ଶ ଦେଇଥିଲେ। ଏପରିକି ସନ୍ତାନ ଙ୍କ ଉଚ୍ଚ ଶିକ୍ଷା ପ୍ରାଦାନ,ଓ କୁଟିର ଶିଳ୍ପୀ ପ୍ରତିଷ୍ଠା ଓ ବିକାଶରେ ରେ ଅର୍ଥ ବାଧକ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଏହା ସହିତ କୌଣସି ମହିଳା ଗୋଷ୍ଠୀ ଙ୍କ ବ୍ୟାଙ୍କ ଖାତା ତ୍ରୁଟି ନଥିବାରୁ ସମସ୍ତ ଙ୍କୁ ସାଧୁବାଦ ଦେଇଥିଲେ। ଉପସ୍ଥିତ ମିହିଳା ଗ୍ରାହକଙ୍କ ଭଲ ମନ୍ଦ ବୁଝିବା ସହିତ, ଆଦର୍ଶ ସେବା ପାଇଁ ଆବଶ୍ୟକୀୟ ମତାମତ ଲୋଡିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜଳେଶ୍ୱର ଶାଖା ପ୍ରବନ୍ଧକ ଚ଼ନ୍ଦନ କୁମାର କୁମାର ମଲ୍ଲିକ,ବ୍ୟାଙ୍କ କୃଷି ଅଫିସର ମନୀଷା କୁମାରୀ ମାଝି,ହରେନ୍ଦ୍ର ବାରିକ୍, ବ୍ୟାଙ୍କ ମିତ୍ର ମିନତି ପାଳ,ଝାଡେଶ୍ୱର ଭୂୟାଁ, ହରିଶ୍ଚନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ୪୫ତମ ବାଣୀପୀଠ ମହୋତ୍ସବ ଆଗାମୀ ୨୬ ରୁ ୨୯ତାରିଖ ପର୍ଯ୍ୟନ୍ତ

### ଚଳିତବର୍ଷର ବାଣୀପୀଠ ପୁରସ୍କାର ପାଇବେ ଡ଼କ୍ଟର କବିତା ବାରିକ ଓ ହୃଦାନନ୍ଦ ମେହେର : ଶ୍ରେଷ୍ଠ ଉପାଧି ବାଣୀରତ୍ନ ପାଇବେ ରାଧା ମାଧବ ରଥ





ବଡ଼ସାହି ୧୯।୧୨ ରାଜ୍ୟର ଅଗ୍ରଣୀ କଳା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ବାଣୀପୀଠ ୪୫ତମ ମହୋତ୍ସବ ବଡ଼ସାହିସ୍ଥିତ ବିବେକାନନ୍ଦ ବିହାର ଠାରେ ଆଗାମୀ ୨୬ ତାରିଖ ଠାରୁ ୨୯ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ୨୯ ତାରିଖରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ସହିତ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମ୍ମେଳନ ଅନୁଷ୍ଠିତ ହେବ। ଚଳିତ ବର୍ଷର ବାଣୀପୀଠ ପୁରସ୍କାର ଏକ ଲକ୍ଷ ଟଙ୍କାର ପଲିସି ବଣ୍ଡ ସହିତ ପାଇବେ ସାହିତ୍ୟ ପାଇଁ ଡ଼କ୍ଟର କବିତା ବାରିକ ଓ ସଂସ୍କୃତି ପାଇଁ ନୂଆପଡ଼ାର ହୃଦାନନ୍ଦ ମେହେର । ବାଣୀପୀଠର ଶ୍ରେଷ୍ଠ ଉପାଧି ବାଣୀରତ୍ନ ପାଇବେ ବେଙ୍ଗାଲୁରୁର ରାଧାମାଧବ ରଥ । ସେହିପରି ବାଣୀପ୍ରଜ୍ଞା ଉପାଧି ପାଇବେ ଶୁଳିଆପଦାର ସିଦ୍ଧେଶ୍ୱର ପଣ୍ଡା, ଶିକ୍ଷାଜ୍ୟୋତି ଉପାଧି ରାୟଗଡ଼ାର ଦିଲୀପ କୁମାର କର ଓ କଁଟାପାଲିର ପ୍ରମୋଦ କୁମାର ପ୍ରଧାନ, କବି ଗୌରବ ଉପାଧି ଭୁବନେଶ୍ୱରର ରକ୍ଷକ ନାୟକ, କବିରତ୍ନ ଉପାଧି କଟକର ଜ୍ଞାନ ହୋତା, ବାଣୀଭୂଷଣ ଉପାଧି ବରଗଡ଼ର ଢ଼ୋଲାମଣି ଶତପଥି, ବାଣୀବିନୋଦ ଉପାଧି କଟକର ଡ଼କ୍ଟର ସନ୍ତୋଷ କୁମାର ପଣ୍ଡା, ବାଣୀମଞ୍ଜୁଳ ଉପାଧି ସିମୁଳିଆର ଡ଼କ୍ଟର ଭରତ ଚନ୍ଦ୍ର ଦାଶ, କବିପ୍ରାଣ ଉପାଧି ନଳଗଜାର ଡ଼କ୍ଟର ଅବନୀକାନ୍ତ ଗିରି ଓ କଳାହାଣ୍ଡିର ସୁଶାନ୍ତ ରଣା, ବାଣୀଶ୍ରୀ ଉପାଧି ସୁବର୍ଣ୍ଣପୁରର କୃଷ୍ଣଚନ୍ଦ୍ର ବାରିକ, ସେବକଶ୍ରୀ ଉପାଧି ତାଳଚେ଼ରର ସୁଶ୍ରୀ ବେହେରା ଓ କେନ୍ଦୁଝରର ବିଶ୍ୱଜିତ ଦାସ, ଶିକ୍ଷାଶ୍ରୀ ଉପାଧି ସୁନ୍ଦରଗଡ଼ର ଝରଣା ତନ୍ତୀ, ସବୁଜଶ୍ରୀ ଉପାଧି ପୁରୀର ବାଉରୀବନ୍ଧୁ ବେହେରା, ଭଞ୍ଜଗୌରବ ଉପାଧି ବାରିପଦାର ଡ଼କ୍ଟର ମୋହିତ କୁମାର ଷଡ଼ଙ୍ଗୀ, ଭଞ୍ଜକନ୍ୟା ଉପାଧି ଭୁବନେଶ୍ୱରର ଭାନୁମତୀ ସିଂହ ଓ ଉତ୍କଳକନ୍ୟା ଉପାଧି ପୁରୀର ଶୁଭଶ୍ରୀ ଜୟସିଂହ , ଆଦର୍ଶ ଦମ୍ପତି ସମ୍ମାନ 'ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଏବଂ ଏହାର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡାଙ୍କୁ ପ୍ରଦାନ କରାଯିବାର ଅନୁଷ୍ଠାନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାର ତିରିଶଟି ଜିଲ୍ଲାରୁ ୫ ରୁ ୧୦ ଜଣ ଲେଖାଏଁ କବି, ଲେଖକ ଓ କାଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସାହିତ୍ୟ କାର୍ଯ୍ୟକ୍ରମ ବ୍ୟତୀତ ରକ୍ତଦାନ ଶିବିର, ପୁସ୍ତକ ଓ ପତ୍ର ପତ୍ରିକା ପ୍ରଦର୍ଶନୀ, କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ସହିତ ରାଜ୍ୟସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲି ଜଣାଇଛନ୍ତି।

## ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଜଳେଶ୍ୱର,୧୯/୧୨(ନି.ପ୍ର) : ଜଳେଶ୍ୱର ବଡ଼ ବଜାର ସ୍ଥିତ,ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ବୁଧବାର ପୂର୍ବାହ୍ନ ରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାକୁ ଅନୁଷ୍ଠାନ ର ପ୍ରଧାନ ଶିକ୍ଷକ ଅରବିନ୍ଦ ପାତ୍ର ସଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥି ଭାବେ ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ,ମୁଖ୍ୟ ବକ୍ତା ଭାବେ ଜଳେଶ୍ୱର ଦୀନକୃଷ୍ଣ ମହା ବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ,ସମ୍ମାନୀତ ଅତିଥି ଭାବେ ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ସୁଶାନ୍ତ କୁମାର ଜେନା ଯୋଗ ଦେଇ ବାର୍ଷିକ ଉତ୍ସବର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ମଧ୍ୟରେ, ଜଳେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅଜିତ କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମେନ ଅବଦୁଲ ରସିଦ ଖାଁ, ୧୧ ନମ୍ବର କାଉନସିଲର ସୁଷମା କର,ପୁରାତନ ସଂସଦ ସଭାପତି ଆଦିତ୍ୟ ନାରାୟଣ ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବକୁ,ମାନସ କୁମାର ବ୍ରହ୍ମ, ଅମ୍ବିକା ଦାସ, ଲଳିତା ସୋରେନ୍, ମମତା ସେଠୀ, ଲକ୍ଷ ହୀରା ଗିରି , ସୌଦାମିନୀ ଦେ, ସ୍ମିତା ରାଣୀ ଭଞ୍ଜ, ସୌମ୍ୟ ରଞ୍ଜନ ପାତ୍ର, ସ୍ନିଗ୍ଧା ରାଣୀ ଜେନା, ସସ୍ମିତା ପରିଡ଼ା, ପ୍ରଣୀତ ଜେନା,ରାଣୀ ବାଲା କର, ମାନସୀ ରାଣୀ ଘଡାଇ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନ ରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ମନଲୋଭା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ୯୦ ବର୍ଷର ବାଣିଦା ପ୍ରାଥମିକ ବିଦ୍ୟାଳୟର ଦୂରବସ୍ଥା

### (ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ) ୩ ମାସ ଧରି ସରୁନି ଫାଇଲ୍ କାର୍ଯ୍ୟ




ଜଳେଶ୍ୱର,୧୯/୧୨(ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଅନ୍ୟଏକ ସର୍ବବୃହତ୍ ଜନବହୁଳ ଗ୍ରାମ ବାଣିଦାରେ ୧୯୩୫ ମସିହାରେ ଆରମ୍ଭ ହୋଇଥିଲା ଏକ ପ୍ରାଥମିକ ବିଦ୍ୟାଳୟ । କିନ୍ତୁ ୯୦ ବର୍ଷ ପୁରୁଣା ଏହି ବିଦ୍ୟାଳୟର ଦୂରବସ୍ଥା ଅବର୍ଣ୍ଣନୀୟ ହୋଇଥିବା ବେଳେ ଚାରିପଟେ ପାଚେରୀ ନାହିଁ ।ଛାତ୍ରଛାତ୍ରୀ ଅସୁବିଧା ଭୋଗୁଥିବା ବେଳେ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ସୁରକ୍ଷିତ ମଣୁ ନାହାଁନ୍ତି । ୪ଟି ଶ୍ରେଣୀଗୃହ ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ ଏ ସଂପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ ୩ ମାସ ଧରି ବିଦ୍ୟାଳୟର କୌଣସି ମରାମତି କିମ୍ବା ନବିକରଣ ହୋଇନଥିବା ବେଳେ ଶିକ୍ଷା ବିଭାଗ, ପଂଚାୟତ ରାଜ ବିଭାଗ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ଫାଇଲ ଚାଷ ସମାପ୍ତ ହେଉନାହିଁ।୧୯୩୫ ରେ ଏହି ଶିକ୍ଷାନୁଷ୍ଠାନ ହୋଇଥିଲା ବେଳେ,୧୯୯୭ ମସିସହାରେ ଏହାକୁ ଉନ୍ନିତ ମଧ୍ୟଇଂରାଜୀ ବିଦ୍ୟାଳୟରେ ପରିଣତ କରାଯାଇଥିଲା । ପରେ ଶ୍ରୀଅରବିନ୍ଦଙ୍କ ନାମରେ ବିଦ୍ୟାଳୟର ନାଁ ନୋଡାଲ ବିଦ୍ୟାଳୟରେ ପରିଣତ ହୋଇଥିବା ଜଣାଯାଇଛି । ଏବେ ବିଦ୍ୟାଳୟରେ ୨୦୧ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ବେଳେ ପ୍ରଥମରୁ ଅଷ୍ଟମ ଯାଏ ଶ୍ରେଣୀ କାର୍ଯ୍ୟ ଚାଲିଛି । ୯ଜଣ ଶିକ୍ଷକ ଶିକ୍ଷାଦାନରେ ନିଯୁକ୍ତ ଥିବା ବେଳେ ୮ଟି ଶ୍ରେଣୀ ଗୃହ ମଧ୍ୟରୁ ୪ଟି ପୁରୁଣା । ଭାଂଗି ଛାତ ର ରଡ଼ ଦେଖା ଯାଉଛି। ଏ ସଂପର୍କରେ ପରିଚଳନା କମିଟି ଓ ବିଦ୍ୟାଳୟ ପକ୍ଷରୁ ବାରମ୍ବାର କର୍ତୁପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଛି । ମରାମତି ହେଉନଥିବାରୁ ଏ ସଂପର୍କରେ ଗ୍ରାମର ପ୍ରଣମ ବାରିକ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଜଣଶୁଣାଣୀ ନଂ ୨୦୨୪୭୫୩୬୦୧ ତା ୧୮-୯-୨୪ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା । ଜିଲାପାଳଙ୍କ ପକ୍ଷରୁ ଉପ ଜିଲ୍ଲାପାଳ, ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଚିଠି ନଂ ୧୬୦୫୦ ତା ୨୧-୧୧-୨୪ରେ ଜଣାଇ ଦିଆଯାଇଥିଲା । ଏଥିରେ ପଂଚାୟତ ରାଜ ବିଭାଗ ପକ୍ଷରୁ ବିଦ୍ୟାଳୟର ମରାମତି ପାଇଁ ପ୍ରଧାନ ଶିକ୍ଷକ ଙ୍କୁ ଅଟକଳ କରିବାକୁ ଚିଠି ଦିଆଯାଇଥିବା ସଂପର୍କରେ ଡିଇଓ ଜଣାଇଥିଲେ । ଏ ସଂପର୍କରେ ଆଜି ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି କରଙ୍କ ମତାମତ ଲୋଡିବାରୁ ସେ କହିଲେ ଏ ସଂପର୍କରେ ସବିଶେଷ ତଥ୍ୟ ଉଚ୍ଚ କର୍ତ୍ତୁପକ୍ଷ ଙ୍କୁ ଜଣାଇ ଦିଆଯାଇଛି । ପାଚେରୀ ଓ ଗୃହ ମରାମତି ହୋଇ ନଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ବଢୁଛି । ବ୍ଲକ ଅଧ୍ୟକ୍ଷ ମାନସ ଜେନାକୁ ପଚାରିବାରୁ ମରାମତିଲାଗି ମିଳିଥିବା ୧.୫ ଲକ୍ଷ ଟଙ୍କା ବିଦ୍ୟାଳୟ କର୍ତ୍ତୁପକ୍ଷ ନେଇନଥିବା ବେଳେ ଆମ ଓଡିଶା-ନବୀନ ଓଡିଶାରେ ୫ଲକ୍ଷ ଟଙ୍କା ତାଙ୍କୁ ମିଳିପାରିନାହିଁ । ଅତିଶୀଘ୍ର ବିଦ୍ୟାଳୟର ଦୂରବସ୍ଥା ସୁଧାରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଗୋଷ୍ଠୀ ପରିଚାଳିତ ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ଗ୍ରାମୀଣ ମିଶନ୍ ସମ୍ପର୍କିତ ପ୍ରଶିକ୍ଷଣ ଶିବିର



ଜଳେଶ୍ୱର,୧୯/୧୨(ନି.ପ୍ର) : ଜଳେଶ୍ୱର ବ୍ଲକରେ ଗୋଷ୍ଠୀ ପରିଚାଳିତ,ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ଗ୍ରାମୀଣ ମିଶନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଜଳେଶ୍ୱର ବ୍ଲକ, କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ନିର୍ଦ୍ଦେଶରେ, ବୁଧବାର ପୂର୍ବାହ୍ନରେ ରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଅଧ୍ୟକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା।ଗୋଷ୍ଠୀ ପରିଚାଳିତ ଜଳ ଜୀବନ ମିଶନ ଏବଂ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନା ଉପରେ ୧ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ଶିବିରରେ ପ୍ରଶିକ୍ଷକ ଜିଲ୍ଲା ପରିମଳ ସଂଯୋଜକ ସ୍ୱର୍ଣ୍ଣଲତା ମାହାନ୍ତି ଯୋଗ ଦେଇ ସମସ୍ତ ଗ୍ରାମୀଣ ପରିବାରକୁ ଉତ୍ତମ ପରିମଳ ସୁବିଧା ଓ ପାଇପ ଦ୍ୱାରା ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସରକାର ଙ୍କ ପ୍ରାଥମିକତା ବୋଲି କହିଥିଲେ। ପାନୀୟ ଜଳ ପାଇବା ଓ ସ୍ୱାସ୍ଥ୍ୟକର ପରିବେଶ, ଜନ ସାଧାରଣ ଙ୍କ ମୌଳିକ ଅଧିକାର ଅଟେ। ତେଣୁ ଜଳ ଜୀବନ ମିଶନ ଓ ସ୍ୱଚ୍ଛ ଭାରତ ମିଶନ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି।ତେଣୁ ଜଳ ଯୋଗାଣ ବ୍ୟବସ୍ଥାରେ ସୁପରିଚାଳନା ନିମନ୍ତେ ଗ୍ରାମ ସ୍ତରରେ ଏକ ଗ୍ରାମ୍ୟଜଳ ଓ ପରିମଳ କମିଟି ଗଠନ କରିବା ନିହାତି ଆବଶ୍ୟକ।ଏହି କମିଟିରେ ସଭାପତି, ଉପ ସଭାପତି,ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ ଆଦି ପଦାଧିକାରୀ ମାନେ ରହି ରକ୍ଷଣାବେକ୍ଷଣ ଦୈନନ୍ଦିନ ଜଳ ଯୋଗାଣର ସୁବ୍ୟବସ୍ଥା ସହ ସମୟ ଅନୁଯାୟୀ, ଦାୟିତ୍ୱ ବିକେନ୍ଦ୍ରୀକରଣ , ସୁପରିଚାଳନା ଲାଗି, ଜଣେ ବ୍ୟକ୍ତିଙ୍କୁ ଗ୍ରାମ୍ୟ ଜଳ ଓ ପରିମଳ କମିଟି / ଗ୍ରାମ ପଞ୍ଚାୟତ ଦ୍ୱାରା ନିଯୋଜିତ ହେବ।ପମ୍ପ ଅପରେଟର ବ୍ୟକ୍ତି ଜଣଙ୍କ ଗ୍ରାମ୍ୟ ଜଳ ଓ ପରିମଳ କମିଟିର ସମ୍ପାଦକଙ୍କୁ ସମସ୍ତ ରିପୋର୍ଟ ପ୍ରଦାନ କରିବେ।ଗ୍ରାମ୍ୟ ଜଳ ଓ ପରିମଳ କମିଟି ଦ୍ୱାରା ସ୍ଥିରୀକୃତ ଅର୍ଥରାଶି ପମ୍ପ ଅପରେଟରଙ୍କୁ ତାଙ୍କ ସେବା ପାଇଁ ମାସିକ ପାରିଶ୍ରମିକ ଭାବେ ପ୍ରଦାନ କରାଯିବ।ତେଣୁ ପମ୍ପ ଅପରେଟରଙ୍କୁ ପାରିଶ୍ରମିକ ପ୍ରଦାନ ନିମନ୍ତେ ସମସ୍ତ ଉପଭୋକ୍ତା ପରିବାର ନିର୍ଦ୍ଧାରିତ ମାସିକ ଜଳ କର ପ୍ରଦାନ କରିବେ।ପମ୍ପ ଅପରେଟରଙ୍କ ସମସ୍ତ କାର୍ଯ୍ୟକୁ ଗ୍ରାମ୍ୟ ଜଳ ଓ ପରିମଳ କମିଟି ତଦାରଖ କରିବା ସହିତ ମାସିକ ବୈଠକରେ ମଧ୍ୟ ସେ ସଂପର୍କରେ ସବିଶେଷ ଆଲୋଚନା ହେବ।ବ୍ଲକ ଅଧକ୍ଷ ମାନସ କୁମାର ଜେନା,ଉପାଧକ୍ଷା ସଞ୍ଜିତା ସେନାପତି,ଏବିଡ଼ିଓ ମାୟାଧର ମଲ୍ଲିକ,ସିପି ସୁଜିତ କୁମାର ଜେନା,ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାକର ଷଡ଼ଙ୍ଗୀ,ବିଭାଗର ଜୁନିୟର ଇଞ୍ଜିନିୟର ନିତ୍ୟାନନ୍ଦ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସମସ୍ତ ସରପଂଚ,ପିଇଓ,ଏଡିଇଓ ତଥା ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ବହୁ ପୂର୍ବରୁ ବସୁଧା ପାନୀୟ ଜଳ ଯୋଗାଣ ହୋଇ ଆସୁଥିବା ବେଳେ,ଗାଁ ଗ୍ରାହକ କମିଟି ଚୟନ ଓ ଜଳ ଶୁଳ୍କ ନିର୍ଧାରଣ ଓ ଟଙ୍କା ଆଦାୟ ହେଉ ନାହିଁ। ବହୁ ପରିମାଣ ରେ ବିଦ୍ୟୁତ୍ ବିଲ୍ ପଞ୍ଚାୟତ ଉନ୍ନୟନ ପାଣ୍ଠିରୁ ବ୍ୟୟ ହୋଇ ଚାଲିଛି। ଫଳରେ ପଞ୍ଚାୟତ ର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁ ନଥିବା କୁହାଯାଇଛି।

## ଜିଲ୍ଲାରେ ପ୍ରଥମ ଥର ବିରଲା ଓପସ୍ ପେଣ୍ଟ ସୋ ରୋମ୍ ଉଦଘାଟିତ



ଜଳେଶ୍ୱର,୧୯/୧୨(ନି.ପ୍ର) : ସ୍ୱପ୍ନର ଗୃହ କୁ ସୁନ୍ଦର ଭାବେ ସାଜାଇବା ଓ ରଙ୍ଗିନ୍ କରିବା ପାଇଁ ସମସ୍ତ ଙ୍କ ଇଛା ଥାଏ।ଗୃହ ନିର୍ମାଣ ପରେ, ରଙ୍ଗିନ୍,ଗାଢ଼ ମନଲୋଭା ପକ୍କାଘର ବ୍ୟକ୍ତିତ୍ୱ ଓ ପରାକାଷ୍ଠା କୁ ପ୍ରଦର୍ଶିତ ମଧ୍ୟ କରିଥାଏ। ଏହି ପରିପ୍ରେକ୍ଷୀରେ ଭାରତର ନାମୀଦାମୀ ବ୍ରାଣ୍ଡର ବିରଲା କୋମ୍ପାନୀ ର ଓପସ ପେଣ୍ଟ ସୋ ରୁମ ପ୍ରଥମ କରି ବାଲେଶ୍ୱର ଜିଲ୍ଲା, ଜଳେଶ୍ୱର ବ୍ଲକ ରେ ଉଦଘାଟିତ ହୋଇଯାଇଛି।ବୁଧବାର ମଧାହ୍ନରେ ମ୍ୟୁନିସିପାଲିଟି ସ୍ଥିତ ମଧାହ୍ନ ନୂଆ ବଜାର ସ୍ଥିତ ଦୁର୍ଗା ମନ୍ଦିର ସମ୍ମୁଖ ଏହି ଚାକଚକ୍ୟ ସୋରୁମ କୁ ସୋରୁମ ର ମାଲିକ ବିଜୟ କୁମାର ମିର୍ଦ୍ଧା, ନାତୁଣୀ ସାଇ ସବନ୍ୟା ମିର୍ଦ୍ଧା ଏବଂ ସନ୍ତୋଷ ମିର୍ଦ୍ଧା ମିଳିତ ଭାବେ ଫିତା କାଟି ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥି ଙ୍କ ମଧ୍ୟରେ ଓଡ଼ିଶା ସ୍ଲେସ୍ ହେଡ ଆୟନ ରୟ, ଆଞ୍ଚଳିକ ପ୍ରଶିକ୍ଷଣ ମେନେଜର ଦୀପକ୍ କୁମାର ସାହୁ, ପରିଚାଳକ ଅଭିଜିତ ସାମନ୍ତରାୟ, ଜ୍ଞାନ ପ୍ରକାଶ ସାହୁ ଚିତ୍ତରଞ୍ଜନ ସାହୁ, ପର୍ଶୁରାମ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ଜଳେଶ୍ୱର ର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ହୋଇ ଥିବା ବେଳେ,କେକ୍ କାଟି ଉତ୍ସବ ଶୁଭାରମ୍ଭ ହୋଇଥିଲା। ଉକ୍ତ ସୋରୁମ ରେ ଉନ୍ନତ ମାନର ଇଣ୍ଟିରିୟର ଓ ଏକ୍ସଟିରେୟର ଓ ୱାଟାର ପ୍ରୁଫ,ଓଡ୍ ଫିନିସ, ୱାଲ୍ ପେପର, ରଙ୍ଗୀନ କରିବା ପାଇଁ ବିଭିନ୍ନ ରଙ୍ଗ ଉପଲବ୍ଧ ହେଉଛି।ଏହା ସହିତ ୧୦ ପ୍ରତିଶତ ରିହାତି ସହିତ ଦୀର୍ଘଦିନ ଗେରେଣ୍ଟି ସୁବିଧା ରହିଥିବା ,କୋମ୍ପାନୀ ପକ୍ଷରୁ କୁହାଯାଇଛି।

## ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ବିୟୋଗ

କେନ୍ଦ୍ରାପଡ଼ା, ୧୯/୧୨(ନି.ପ୍ର) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ତପନ କୁମାର ପରିଡାଙ୍କ ହୃଦଘାତ ଜନିତ କାରଣରୁ ୫୯ ବର୍ଷ ବୟସରେ ପରଲୋକ ଘଟିଛି । ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ତା. ୦୧/୦୫/୧୯୯୦ ରିଖରେ ଶିକ୍ଷିତ ଚପରାଶି ଭାବରେ ଯୋଗଦାନ କରିଥିଲେ ଓ ଗତକାଲି ମଡିଆଳସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାରରେ କାର୍ଯ୍ୟରତ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେବା ବାଟରେ ତାଙ୍କର ହୃଦଘାତ ଜନିତ ମୃତ୍ୟୁ ହୋଇଥିଲା। ସେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପଂଚାୟତର ଡିହମୁଗବାଡି ଗ୍ରାମରେ ତା. ୧୦/୧୨/୧୯୬୫ ରିଖରେ ଜନ୍ମଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ କର୍ମଚାରୀମାନେ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ଅମର ଆତ୍ମାର ସଦଗତି ପାଇଁ କାମନା କରିଥିଲେ ।

## ସଂ ପା ଦ କୀ ୟ

# ଅସୁସ୍ଥ ସ୍ୱାସ୍ଥ୍ୟ-ବୀମା

ଆମେରିକା ଘଟଣାରୁ ଆମ ପାଇଁ ଯେଉଁ ଶିକ୍ଷା ମିଳିଥାଏ, ତାହା ହେଲା, ଇନ୍‌ସ୍ୟୁରାନ୍‌ସ କଂପାନି, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଓ ରୋଗୀମାନଙ୍କ ମଧ୍ୟରେ ଅବିଶ୍ୱାସ ଓ ସନ୍ଦେହ ସମଗ୍ର ବ୍ୟବସ୍ଥାକୁ ବିଫଳ କରିବାର କ୍ଷମତା ବହନ କରିଥାଏ। ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୃଷ୍ଟି ଦ୍ୱାରା ହିଁ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ ବ୍ୟବସ୍ଥାକୁ ଏହି ଅବିଶ୍ୱାସ ବିଷରୁ ମୁକ୍ତ କରାଯାଇପାରିବ। ଏ କ୍ଷେତ୍ରର ନିୟନ୍ତ୍ରକ ସଂସ୍ଥା 'ଦି ଇନ୍‌ସ୍ୟୁରାନ୍‌ସ ରେଗୁଲେଟରି ଡେଭେଲପ୍‌ମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ'କୁ ଏଥିପାଇଁ କଠୋର ସ୍ୱଚ୍ଛତା ନିୟମ କାର୍ଯ୍ୟକାରୀ କରିବାକୁ ହେବ, ତୁରନ୍ତ ଅଭିଯୋଗ ଶୁଣାଣି ଓ ସମାଧାନ ବ୍ୟବସ୍ଥା ସକ୍ରିୟ କରିବାକୁ ହେବ ଏବଂ ଅନୈତିକ କାର୍ଯ୍ୟକଳାପକୁ ଦଣ୍ଡିତ କରିବାକୁ ହେବ। ସପ୍ତାହକ ତଳେ ଆମେରିକୀୟ ସମାଜର ଦୁଇଟି କୁତ୍ସିତ ଚେହେରାକୁ ପଦାରେ ପକାଇଛି ବୋଲି କୁହାଯାଉଥିବା ସେଠାରେ ଘଟିଥିବା ଏକ ଘଟଣା ଯେଉଁ ଶିକ୍ଷା ବହନ କରିଥାଏ, ତାହାର ପ୍ରାସଙ୍ଗିକତା କେବଳ ଆମେରିକାର ସୀମା ମଧ୍ୟରେ ଆବଦ୍ଧ ନୁହେଁ ବୋଲି ଯଦି କୁହାଯାଏ, ଭୁଲ୍ ହେବନାହିଁ। ଏ ଦୁଇଟି ଚେହେରାକୁ ଗୋଟିଏ ବାକ୍ୟରେ ଏଇଭଳି ପ୍ରକାଶ କରାଯାଇପାରେ: ଜଣେ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ (ସ୍ୱାସ୍ଥ୍ୟ ବୀମା) ଉଚ୍ଚ ପଦାଧିକାରୀଙ୍କୁ ଗୁଳି କରି ହତ୍ୟା କରାଗଲା; ଏବଂ ଯେହେତୁ ସେ ଥିଲେ ଜଣେ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ ଉଚ୍ଚ ପଦାଧିକାରୀ, ଜନସାଧାରଣ ତାଙ୍କର ହତ୍ୟାକୁ ପ୍ରଶଂସା କରିବାରେ ଲାଗିଛନ୍ତି। କେବଳ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ ବ୍ୟବସାୟ କ୍ଷେତ୍ରରେ ନୁହେଁ, ପୃଥିବୀ ସାରା କର୍ପୋରେଟ୍ ଜଗତରେ ଚହଳ ସୃଷ୍ଟି କରିଥିବା ଏହି ଘଟଣାରେ 'ୟୁନାଇଟେଡ୍ ହେଲ୍‌ଥକେଆର' ନାମକ ବିଶାଳ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ କଂପାନିର 'ସିଇଓ' ବ୍ରାୟାନ୍ ଥମ୍ପସନ୍ ମାନ୍‌ହାଟାନ୍ ଠାରେ ଲୁଇଜି ମାନ୍‌ଜିଓନ୍ ନାମକ ଜଣେ ଉଚ୍ଚଶିକ୍ଷିତ ୨୬ ବର୍ଷୀୟ ଯୁବକର ଗୁଳିରେ ଟଳି ପଡ଼ିଛନ୍ତି।

ପୁଲିସ ଯେତେବେଳେ ଦୁଇ ଦିନ ପରେ ଆତତାୟୀକୁ ଧରିବାରେ ସଫଳ ହୋଇଛି ବୋଲି ଘୋଷଣା କରି ମାନ୍‌ଜିଓନ୍‌ର ପରିଚୟ ପ୍ରକାଶ କଲା, ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ମାନ୍‌ଜିଓନ୍ ?ଙ୍କୁ ପ୍ରଶଂସା ଓ ସମର୍ଥନରେ ଇଣ୍ଟରନେଟ୍‌ରେ ବସ୍ତୁତଃ ଏକ ବିସ୍ଫୋରଣ ଘଟିଲା। ଆମେରିକାର ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ ବ୍ୟବସ୍ଥା ନେଇ ଅସନ୍ତୁଷ୍ଟ ଥିବା ଏବଂ ପୁଞ୍ଜିବାଦ-ବିରୋଧୀ ଚିନ୍ତାଧାରା ବହନ କରୁଥିବା ଲକ୍ଷ ଲକ୍ଷ ଲୋକ ସୋସିଆଲ୍ ମିଡିଆରେ ମାନ୍‌ଜିଓନ୍‌ଙ୍କୁ ଜଣେ ଲୋକନାୟକ ଆସନରେ ବସାଇବା ସହିତ ତାଙ୍କୁ ଅଦାଲତୀ ସଂଗ୍ରାମରେ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପାଣ୍ଠି ସଂଗ୍ରହ ଅଭିଯାନ ମଧ୍ୟ ଆରମ୍ଭ କରିଦେଇଛନ୍ତି। 'ୟୁନାଇଟେଡ୍ ହେଲ୍‌ଥକେଆର ହେଉଛି କେବଳ ଆମେରିକା ନୁହେଁ, ସାରା ପୃଥିବୀର ବୃହତ୍ତମ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ କଂପାନିମାନଙ୍କ ମଧ୍ୟରୁ ଅନ୍ୟତମ। ଏକ 'ଗ୍ୟାଲପ୍' ସର୍ଭେ ଅନୁସାରେ ଆମେରିକାରେ ମାତ୍ର ୩୧ ଶତାଂଶ ଲୋକଙ୍କର ସେଠାକାର ହେଲ୍‌ଥ କେଆର୍ ବ୍ୟବସାୟ ପ୍ରତି ଭଲ ଧାରଣା ଥିବାବେଳେ ଏହି ନିର୍ଦ୍ଦିଷ୍ଟ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ କଂପାନିର ଭାବମୂର୍ତ୍ତି ବିଶେଷ ଭାବରେ ଖରାପ ଥିବା ଦେଖାଯାଇଥାଏ। ଏହି କଂପାନି ପ୍ରଦାନ କରୁଥିବା ସେବା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବା ବେଳେ ଅଧିକାଂଶ ସମୟରେ ବିଭିନ୍ନ ଆଳ ଦେଖାଇ ଗ୍ରାହକମାନଙ୍କର ଚିକିତ୍ସା ପରବର୍ତ୍ତୀ ଖର୍ଚ୍ଚ ଭରଣା ଦାବି ପ୍ରତ୍ୟାଖ୍ୟାନ କରି ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥାଏ।

ଏହି ଅସନ୍ତୋଷ ଯେ ଏପରି ଗଭୀର ଓ ବ୍ୟାପକ ଥିଲା ତାହା ବର୍ତ୍ତମାନ ଥମ୍ପସନ୍‌ଙ୍କ ହତ୍ୟା ପରବର୍ତ୍ତୀ ପ୍ରତିକ୍ରିୟାରୁ ଜଣାପଡୁଛି। ଏହାର ଏକ ଉଦାହରଣ ସ୍ୱରୂପ ବ୍ୟାପକ ଭାବରେ 'ଲାଇକ୍' ହୋଇଥିବା କିମ୍ବା 'ସେଆର୍' ହୋଇଥିବା ଅନେକ ଜୋକ୍ ହେଉଛି ଏହିପରି: ଗୁଳିମାଡ଼ ଦ୍ୱାରା ଥମ୍ପସନ୍‌ଙ୍କ ଶରୀରରେ ସୃଷ୍ଟି ହୋଇଥିବା ମରଣାନ୍ତକ କ୍ଷତ ତାଙ୍କ ନିଜ କଂପାନିର ଇନ୍‌ସ୍ୟୁରାନ୍‌ସ ଦ୍ୱାରା କଭର ହୋଇ ନଥାନ୍ତା। ଏପରିକି ଏକ ମର୍ଯ୍ୟାଦାଜନକ ପ୍ରକାଶନରେ ମନ୍ତବ୍ୟ ପ୍ରକାଶ ପାଇଛି ଯେ କୌଣସି ହତ୍ୟାକାଣ୍ଡ ପ୍ରତି ସହନଶୀଳତା ପ୍ରଦର୍ଶନ କରାଯିବା କେବେହେଲେ ଗ୍ରହଣୀୟ ନୁହେଁ, କିନ୍ତୁ ''ସିଇଓ ଶ୍ରେଣୀ'' ସାଧାରଣ ଲୋକଙ୍କର ଯନ୍ତ୍ରଣା ଓ ମୃତ୍ୟୁ ପ୍ରତି ଯେଉଁଭଳି ଉଦାସୀନତା ପ୍ରଦର୍ଶନ କରିଥାନ୍ତି, ସେ ଦୃଷ୍ଟିରୁ ଜନସାଧାରଣଙ୍କର ଏଭଳି ପ୍ରତିକ୍ରିୟାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତତ୍ପର୍ଯ୍ୟପୂର୍ଣ୍ଣ ଭାବରେ ରାଜନୀତି ଯୋଗୁଁ ସ୍ପଷ୍ଟ ରୂପେ ଦୁଇ ଭାଗରେ ବିଭକ୍ତ ହୋଇଥିବା ଆମେରିକୀୟ ସମାଜକୁ ବର୍ତ୍ତମାନ ଏକଜୁଟ କରିବାରେ ସଫଳ ହୋଇଛି ଏକ ହତ୍ୟାକାଣ୍ଡ। କାରଣ ହତ୍ୟା ଅଭିଯୁକ୍ତ ଲୁଇଜି ମାନ୍‌ଜିଓନ୍‌ଙ୍କର ଅଗଣିତ ସମର୍ଥକମାନଙ୍କ ମଧ୍ୟରେ ଯେତିକି ଅଛନ୍ତି ରିପବ୍ଲିକାନ୍ ସେତିକି ଅଛନ୍ତି ଡେମୋକ୍ରାଟ୍।

ଏ ଘଟଣା ପରେ ଓ ଏହା ସୃଷ୍ଟି କରିଥିବା ପ୍ରତିକୂଳ ପ୍ରତିକ୍ରିୟା ଦେଖି ଆମେରିକାରେ ଅନେକ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ କଂପାନି ସେମାନଙ୍କର ପଦାଧିକାରୀମାନଙ୍କ ସହିତ ଗ୍ରାହକମାନଙ୍କର ପ୍ରତ୍ୟକ୍ଷ ସାକ୍ଷାତ ନିଷେଧ କରିଦେବା ଦେଖାଗଲାଣି। ଏକ ପଦରେ କହିଲେ ଲୁଇଜି ମାନ୍‌ଜିଓନ୍ ଆମେରିକାର ସମଗ୍ର ହେଲ୍‌ଥକେଆର୍ ଶିଳ୍ପରେ ଏକ କୋକୁଆ ଭୟ ପ୍ରସାର କରିଦେଇଛନ୍ତି। ଯେହେତୁ ଲୋକ ସଂସ୍କୃତିରୁ ବ୍ୟବସାୟ ସଂସ୍କୃତି ପର୍ଯ୍ୟନ୍ତ ପୃଥିବୀ ସାରା ସମସ୍ତେ ଆମେରିକାକୁ ଅନୁକରଣ କରିଥାନ୍ତି, ବର୍ତ୍ତମାନ ଲୁଇଜି ମାନ୍‌ଜିଓନ୍‌ଙ୍କୁ ନକଲ କରିବା ସମ୍ଭାବନା ବିଭିନ୍ନ ଦେଶରେ ବ୍ୟବସାୟ କରୁଥିବା ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ କଂପାନିମାନଙ୍କୁ ଛାନିଆ କଲାଣି। କାରଣ 'ୟୁନାଇଟେଡ୍ ହେଲ୍‌ଥକେଆର୍' କଂପାନିର ଯେଉଁଭଳି ବ୍ୟବସାୟ ସଂସ୍କୃତି ''ହଟ୍ ଆସାସିନ୍'' ମାନ୍‌ଜିଓନ୍‌ଙ୍କୁ କଂପାନିର 'ସିଇଓ' ଥମ୍ପସନ୍‌ଙ୍କୁ ହତ୍ୟା କରିବା ନିମିତ୍ତ ପ୍ରବୃତ୍ତ କରିଥିଲା, ପୃଥିବୀ ସାରା ପ୍ରାୟ ସମସ୍ତ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ କଂପାନିମାନେ ଊଣାଅଧିକେ ସେଇଭଳି ସଂସ୍କୃତି ହିଁ ଅନୁସରଣ କରିଥାନ୍ତି। ଭାରତ ମଧ୍ୟ ସେଥିରେ ବ୍ୟତିକ୍ରମ ନୁହେଁ। ନିକଟରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଭାରତରେ ୪୩ ଶତାଂଶ ଇନ୍‌ସ୍ୟୁରାନ୍‌ସ ପଲିସିଧାରୀ ଗ୍ରାହକ ଖର୍ଚ୍ଚ ଭରଣା ପାଇଁ ଦାବି (କ୍ଲେମ୍) ପ୍ରକ୍ରିୟାକରଣ ସମୟରେ କଂପାନି ସୃଷ୍ଟି କରୁଥିବା ବିଭିନ୍ନ ଅସୁବିଧାମାନଙ୍କର ସମ୍ମୁଖୀନ ହୋଇଥାନ୍ତି। ପୂର୍ବରୁ ଥିବା ବ୍ୟାଧି କାରଣରୁ 'କ୍ଲେମ୍' ପ୍ରତ୍ୟାଖ୍ୟାନରୁ ଆରମ୍ଭ କରି ଅବୋଧ ସର୍ତ୍ତାବଳୀର ଫାଇନ୍ ପ୍ରିଣ୍ଟରେ ଲୁଚି ରହିଥିବା କୌଣସି ସର୍ତ୍ତର ଉଲ୍ଲଂଘନ ଯୋଗୁଁ 'କ୍ଲେମ୍' ପ୍ରତ୍ୟାଖ୍ୟାନ ପର୍ଯ୍ୟନ୍ତ ଏହାର ଅନ୍ତର୍ଭୁକ୍ତ। ନିରାପତ୍ତା ଜାଲ ବା 'ସେଫ୍‌ଟି ନେଟ୍' ବୋଲି କୁହାଯାଉଥିବା ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ ବ୍ୟବସ୍ଥା ଅନେକ ସମୟରେ କାଳକ୍ଷେପଣ ଓ ବ୍ୟୟଭାର ବୃଦ୍ଧିର ଜାଲରେ ପରିଣତ ହୋଇଥାଏ। 'କ୍ଲେମ୍'ର ପ୍ରକ୍ରିୟାକରଣ ଅହେତୁକ ଭାବରେ ମନ୍ଥର ହେବା ଯୋଗୁଁ ରୋଗୀକୁ ଅନାବଶ୍ୟକ ଭାବରେ ହସ୍‌ପିଟାଲରେ ଅଧିକ କାଳ ରହିବାକୁ ପଡ଼ିଥାଏ ଓ ସେଇ କାରଣରୁ ତା'ର ବ୍ୟୟ ବୋଝରେ ବୃଦ୍ଧି ଘଟିଥାଏ। ନିକଟରେ ଇନ୍‌ସ୍ୟୁରାନ୍‌ସ ପ୍ରିମିଅମ୍‌ରେ ଦେଖାଦେଇଥିବା ତୀକ୍ଷ୍ଣ ବୃଦ୍ଧି ମଧ୍ୟ ଗ୍ରାହକମାନଙ୍କ ପାଇଁ ଅସହନୀୟ ଆର୍ଥିକ ବୋଝ ସୃଷ୍ଟି କରିଛି। ଗତ ବର୍ଷ ପ୍ରାୟ ଏକ-ପଞ୍ଚମାଂଶ ଗ୍ରାହକମାନଙ୍କ କ୍ଷେତ୍ରରେ ସେମାନେ ପଇଠ କରୁଥିବା ପ୍ରିମିଅମ୍‌ରେ ୫୦ ଶତାଂଶରୁ ଅଧିକ ହାରରେ ବୃଦ୍ଧି ଘଟିବା ଦେଖାଯାଇଥିଲା। ଏହା ଅନେକ ମଧ୍ୟବିତ୍ତ ପରିବାରମାନଙ୍କ ପାଇଁ ଇନ୍‌ସ୍ୟୁରାନ୍‌ସକୁ ଅପହଞ୍ଚ କରିଥାଏ। ସେମାନଙ୍କ ପାଇଁ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ ଏକ ଆଶ୍ୱାସନା ହେବା ପରିବର୍ତ୍ତେ ଏକ ଆର୍ଥିକ ବୋଝରେ ପରିଣତ ହୋଇଥାଏ।

ଆମେରିକା ଘଟଣାରୁ ଆମ ପାଇଁ ଯେଉଁ ଶିକ୍ଷା ମିଳିଥାଏ, ତାହା ହେଲା, ଇନ୍‌ସ୍ୟୁରାନ୍‌ସ କଂପାନି, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଓ ରୋଗୀମାନଙ୍କ ମଧ୍ୟରେ ଅବିଶ୍ୱାସ ଓ ସନ୍ଦେହ ସମଗ୍ର ବ୍ୟବସ୍ଥାକୁ ବିଫଳ କରିବାର କ୍ଷମତା ବହନ କରିଥାଏ। ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୃଷ୍ଟି ଦ୍ୱାରା ହିଁ ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ ବ୍ୟବସ୍ଥାକୁ ଏହି ଅବିଶ୍ୱାସ ବିଷରୁ ମୁକ୍ତ କରାଯାଇପାରିବ। ଏ କ୍ଷେତ୍ରର ନିୟନ୍ତ୍ରକ ସଂସ୍ଥା 'ଦି ଇନ୍‌ସ୍ୟୁରାନ୍‌ସ ରେଗୁଲେଟରି ଡେଭେଲପ୍‌ମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ'କୁ ଏଥିପାଇଁ କଠୋର ସ୍ୱଚ୍ଛତା ନିୟମ କାର୍ଯ୍ୟକାରୀ କରିବାକୁ ହେବ, ତୁରନ୍ତ ଅଭିଯୋଗ ଶୁଣାଣି ଓ ସମାଧାନ ବ୍ୟବସ୍ଥା ସକ୍ରିୟ କରିବାକୁ ହେବ ଏବଂ ଅନୈତିକ କାର୍ଯ୍ୟକଳାପକୁ ଦଣ୍ଡିତ କରିବାକୁ ହେବ। 'ଆୟୁଷ୍ମାନ ଭାରତ' ଭଳି ସରକାରୀ ସ୍ୱାସ୍ଥ୍ୟ ସେବା ଯୋଜନାର ଦୃଢ଼ୀକରଣ ଦ୍ୱାରା ଘରୋଇ ଇନ୍‌ସ୍ୟୁରାନ୍‌ସ କଂପାନିମାନଙ୍କ ଉପରେ ନିର୍ଭର କରିବା ହ୍ରାସ ପାଇପାରେ। ହେଲ୍‌ଥ ଇନ୍‌ସ୍ୟୁରାନ୍‌ସ କ୍ଷେତ୍ରରେ ଯେ ତୁରନ୍ତ ସଂସ୍କାର ଲୋଡ଼ା, ଆମେରିକା ଘଟଣା ହେଉଛି ସେଥିପାଇଁ ସତର୍କ ଘଣ୍ଟି। ରୋଗୀର ମଙ୍ଗଳ ଅପେକ୍ଷା କଂପାନିର ଲାଭକୁ ଅଧିକ ପ୍ରାଥମିକତା ପ୍ରଦାନ କରୁଥିବା ଏହି ଅସୁସ୍ଥ ବ୍ୟବସାୟ ମଡେଲକୁ ଯେ ସମାଜ ପ୍ରତ୍ୟାଖ୍ୟାନ କରୁଛି, ବର୍ତ୍ତମାନ ତାହା ସ୍ପଷ୍ଟ।

# ମାଣବସା ଗୁରୁବାର

**କାଳି ଦାସ**



ମାର୍ଗଶିର ମାସ ଆସିଗଲେ ଓଡିଶାର ପୁର ପଲ୍ଲୀ ସହର ଓ ବଡ ସହର ସବୁ ଆଡ଼େ ଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖରିତ ହୋଇଥାଏ ।ଗୁରୁବାର ରେ ଲକ୍ଷ୍ମୀଙ୍କ ପୂଜା ପାଇଁ ଉପଯୋଗୀ ସାମଗ୍ରୀ ଯେମିତି ଗେଣ୍ଡୁ ଫୁଲ, ଆମ୍ବ ଡାଳ ଅଁଳା ଡାଳ ଓ କଦଳୀ ପତ୍ର ସହିତ ପ୍ରସାଦ ପାଇଁ ପ୍ରଯୁଜ୍ୟ ନଡିଆ, କଦଳୀ ଏବଂ ଅନେକ ସାତ୍ତ୍ୱିକ ପରିବା ର ବିକ୍ରୀ ଆରମ୍ଭ ହୋଇଥାଏ ।ପରିବାର ର ସମସ୍ତ ସଦସ୍ୟ ଏହି ଉତ୍ସବ ପାଇଁ ତତ୍ପର ହୋଇଯାଇଥାନ୍ତି ଗୋଟିଏ ପିଢି ପରେ ଅନ୍ୟ ପିଢି ଏହି ପୂଜା ବା ପର୍ବ କୁ ପାଳନ କରିଥାନ୍ତି । ଅନ୍ୟ ପର୍ବପର୍ବାଣି ରେ ଆଧୁନିକତାର ଛାପ ଲାଗି ଯାଇଥିବା ବେଳେ ଲକ୍ଷ୍ମୀ ପୂଜା ତାର ପ୍ରାଚୀନ ପରମ୍ପରା ଠାରୁ ବିଛିନ୍ନ ହୋଇ ପାରିନାହିଁ ।ଗୁରୁବାର ଓଡିଆତ୍ୱ କୁ ଧରି ରଖି ପାରିଛି ।ମାର୍ଗଶୀର ମାସର ଗୁରୁବାରର ପ୍ରସାଦ ଭିତରକୁ ନୂତନତା ର ସ୍ପର୍ଶ ଆଜି ଯାଏଁ ଲାଗି ପାରିନି । ପିଠା, ପଣା ଘାଣ୍ଟ ତରକାରି ଖେଚେଡ଼ି, ଶାଗ ଆଜି ମଧ୍ୟ ଘରେ ଘରେ ପ୍ରସ୍ତୁତ କରାଯାଉଛି ଏବଂ ଲକ୍ଷ୍ମୀଙ୍କୁ ଭୋଗ କରାଯାଉଛି ।

ଓଡିଶାରେ ପ୍ରାୟ ସମସ୍ତେ ମାର୍ଗଶିର ମାସ ର ଗୁରୁବାର ରେ ଲକ୍ଷ୍ମୀ ପୂଜା ପାଳନ କରିଥାନ୍ତି ।ଲକ୍ଷ୍ମୀଙ୍କର ପୂଜା ବା ଉପାସନା ବିଭିର୍ନ୍ନ ରାଜ୍ୟ ରେ ଭିର୍ନ ଭିର୍ନ୍ନ ସମୟ ରେ କରାଯାଇଥାଏ ।ଉତ୍ତର ଭାରତ ରେ ଦିପାବଳୀ ରେ ଲକ୍ଷ୍ମୀ ଙ୍କୁ ପୂଜା କରାଯାଇଥାଏ ।ଲକ୍ଷ୍ମୀଙ୍କୁ ଧନ ଏବଂ ସୌଭାଗ୍ୟ ର ଦେବୀ ବୋଲି ବିଶ୍ୱାସ କରାଯାଏ । ତେଣୁ ପ୍ରତେକ ପରିବାର ରେ ଲକ୍ଷ୍ମୀଙ୍କ ଅନୁଗ୍ରହ ପାଇବାପାଇଁ ଲକ୍ଷ୍ମୀ ପୂଜା କରାଯାଇଥାଏ ।ମାର୍ଗଶିର ମାସର ଗୁରୁବାର କୁ ମାଣବସା ଗୁରୁବାର ମଧ୍ୟ କୁହା ଯାଏ ।ଭଗବତ ଗୀତା ରେ ଭଗବାନ ଶ୍ରୀ କୃଷ୍ଣ କହିଛନ୍ତି ଯେ ସିଏ ହେଲେ ମାସମାନଙ୍କ ଭିତରେ ମାର୍ଗଶୀର ମାସ । ତେଣୁ ସବୁ ମାସ ଭିତରେ ଉତ୍ତମ ମାସ ହେଲା ମାର୍ଗଶିର ମାସ। ଆଗ କାଳ ରେ ମାଣ ରେ ଲୋକମାନେ ମାପ ଯୁପ କରୁଥିଲେ । ଏହି ଗୁରୁବାର ଦିନ ଲକ୍ଷ୍ମୀଙ୍କ ପାଖରେ ନୂଆ ଧାନ କୁ ମାଣ ରେ ଭର୍ତ୍ତି କରି ପୂଜା କରାଯାଏ । ଓଡିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଓଡିଶା ର ମୁଖ୍ୟ ଫସଲ ହେଲା ଧାନ ।ମାର୍ଗଶିର ମାସ ସମୟ ରେ ଧାନ ଫସଲର ଆମଦାନୀ ହୋଇଥାଏ ।ଓଡିଶାର ଲୋକେ ଉତ୍ସାହର ସହ ଲକ୍ଷ୍ମୀ ପୂଜା କରିଥାନ୍ତି । ଧନ ର ଦେବୀ ମହାଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଚାହିଁଥାନ୍ତି । ମାହାଲକ୍ଷ୍ମୀ ସଫା ସୁତୁରା କୁ ବେଶ ଭଲ ପାଇଥାନ୍ତି ତେଣୁ ଓଡିଆ ଗୃହୁଣୀ ମାନେ ଘର କୁ ସଫା ସୁତୁରା କରିଥାନ୍ତି । ଲକ୍ଷ୍ମୀ ପାଦ , ପଦ୍ମ ଫୁଲ , ଚିତା କୁ ଲେଖି ଘର କୁ ସଜାଇଥାନ୍ତି । ଘରେ ଘରେ ପିଠା ପଣାର ସୁଅ ଛୁଟେ । ପଞ୍ଚଦଶ ଓ ଷଷ୍ଟଦଶ ଶତାବ୍ଦୀ ର ଲେଖକ ବଳରାମ ଦାସଙ୍କ ଦ୍ୱାରା ରଚିତ ଲକ୍ଷ୍ମୀ ପୁରାଣ କୁ ଆଧାର କରି ଏହି ଲକ୍ଷ୍ମୀ ପୂଜା କରାଯାଇଥାଏ । ପଞ୍ଚଦଶ ଶତାବ୍ଦୀ ର ରକ୍ଷଣ ଶିଳ ସମାଜ ଭିତରେ ଏକବିଂଶ ଶତାବ୍ଦୀ ର ଚିନ୍ତାଧାରା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଆମ ଦେଶ ର ସ୍ୱାଧୀନତା ସଂଗ୍ରାମ ର ମାହାନାୟକ ମହାତ୍ମା ଗାନ୍ଧୀ ଅସ୍ପୃଶ୍ୟତା କୁ ଗୋଟିଏ ଅପରାଧ ବୋଲି ମାନିଥିଲେ । କିନ୍ତୁ ଓଡିଶା ରେ ୪୦୦ ବର୍ଷ ଆଗରୁ ଅସ୍ପୃଶ୍ୟତା ବିରୋଧ ରେ ସ୍ୱର ଉଠିଥିଲା ଏବଂ ସେହି ସ୍ୱର ଉଠାଇଥିଲେ ବଳରାମ ଦାସ । କେବଳ ଅସ୍ପୃଶ୍ୟତା ନୁହେ ବରଂ ମହିଳାଙ୍କ ସମ୍ମାନ ପାଇଁ ମଧ୍ୟ ତାଙ୍କ ର ଲେଖାନିମୁନ ଚାଲିଥିଲା । ମହାଲକ୍ଷ୍ମୀ ପୁରାଣ ର ମୁଖ୍ୟ ନାୟକ ହେଲେ ଜଗନ୍ନାଥ ଓ ନାୟିକା ହେଲେ ସ୍ୱୟଂ ମହାଲକ୍ଷ୍ମୀ। ଏହି ଦୁଇ ଜଣ ହେଲେ ସାଧାରଣ ଓଡିଆ ଘର ର ଗୃହସ୍ତ ଏବଂ ଗୃହିଣୀ । ସାଧାରଣ ଓଡିଆ ଘରେ ଗୃହିଣୀ ଯେପରି ରୋଷେଇ କରେ ମହାଲକ୍ଷ୍ମୀ ରୋଷେଇ କରନ୍ତି ସ୍ୱାମୀ ଓ ଦେଢଶୁରଙ୍କୁ ଖାଇବା କୁ ଦିଅନ୍ତି । ସ୍ୱାମୀ ଓ ଦେଢଶୁରଙ୍କର ଖାଦ୍ୟ ର ରୁଚି ଉପରେ ତାଙ୍କ ର ଜ୍ଞାନ ଥାଏ । ଜଗନ୍ନାଥ ବଡଭାଇ ବଳରାମଙ୍କର ଆଜ୍ଞାଧୀନ ଛୋଟ ଭାଇ । ମାର୍ଗଶିର ମାସ ଗୁରୁବାରରେ ମହାଲକ୍ଷ୍ମୀ ଜଗନ୍ନାଥଙ୍କ ଠାରୁ ଆଜ୍ଞା ନେଇ ସହର ବୁଲିବାକୁ ଯାଇଥାନ୍ତି । କିନ୍ତୁ ସହର ଓ ଗାଁ ରେ କୌଣସି ସ୍ଥାନ ରେ ଲକ୍ଷ୍ମୀଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି ଦେଖିବା କୁ ମିଳିନାହି ଶେଷ ରେ ଲକ୍ଷ୍ମୀ ଚଣ୍ଡାଳ ସାହି କୁ ଯାଇଛନ୍ତି ଏବଂ ଚଣ୍ଡାଳ ସାହି ରେ ଶ୍ରୀଆ ଚଣ୍ଡାଳୁଣୀ ନିଜ ଘର କୁ ସଫା ସୁତରା କରି ଲକ୍ଷ୍ମୀଙ୍କ ପାଦ ଓ ପଦ୍ମ ର ଚିତା କରିଛି ତାହା ଦେଖି ଲକ୍ଷ୍ମୀ ଚଣ୍ଡାଳୁଣୀ ଉପରେ ଖୁସି ହୋଇଛନ୍ତି ଓ ବର ଦେଇଛନ୍ତି । ଲକ୍ଷ୍ମୀଙ୍କର ଚଣ୍ଡାଳ ଘର କୁ ଯିବା ବଳରାମ ଜାଣିପାରିଲେ । ବଳରାମଙ୍କୁ ତାହା ଭଲ ଲାଗିନାହି । ବଳରାମ ନିଜ ଛୋଟ ଭାଇ ଜଗନ୍ନାଥଙ୍କୁ ଲକ୍ଷ୍ମୀଙ୍କୁ ତ୍ୟାଗ କରିବା ପାଇଁ କହିଛନ୍ତି । ଜଗନ୍ନାଥ ନିଜ ବଡ ଭାଇଙ୍କ ଆଜ୍ଞା କୁ ମାନି ଲକ୍ଷ୍ମୀଙ୍କୁ ବଡଦେଉଳ ଭିତରେ ପଶେଇଦେଲେନାହି । ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ କଥପୋକଥନ ସାଧାରଣ ଓଡିଆ ଘର ର ସ୍ୱାମୀ ସ୍ତ୍ରୀଙ୍କ କଥୋପକଥନ ପରି ରହିଛି ସେଇଠି ଦେବତ୍ୱ ର କୌଣସି ସ୍ଥାନ ନାହି । ଜଗନ୍ନାଥ ବାରମ୍ବାର ଲକ୍ଷ୍ମୀଙ୍କୁ ବଡଦେଉଳ ଛାଡି ଚାଲିଯିବା ପାଇଁ କହିଛନ୍ତି । ଲକ୍ଷ୍ମୀ ଦୁଖ ରେ ଚାଲିଯାଇଛନ୍ତି କିନ୍ତୁ ନାରୀ ର ସମ୍ମାନ ପାଇଁ ଜଗନ୍ନାଥଙ୍କୁ ଅଭିଶାପ ଦେଇଛନ୍ତି । ଲକ୍ଷ୍ମୀ ଯେହେତୁ ଧନ ର ଦେବୀ ସିଏ ଜଗନ୍ନାଥଙ୍କ ପାଖରେ ଥିବା ସମସ୍ତ ଧନ କୁ ହରିନେଇଛନ୍ତି । ଲକ୍ଷ୍ମୀଙ୍କ ଅଭିଶାପ ର ଫଳ ସ୍ୱରୂପ ଜଗନ୍ନାଥଙ୍କୁ ୧୨ ବର୍ଷ ଭୋକ ରେ ରହିବା କୁ ପଡିଛି ଏବଂ ଶେଷ ରେ ଲକ୍ଷ୍ମୀଙ୍କ ଦ୍ୱାର ରେ ହିଁ ତାଙ୍କୁ ଖାଇବା କୁ ମିଳିଛି । ଏହି ପୁରାଣ ର ମୂଳ ଲକ୍ଷ୍ୟ ହେଲା ଘରେ ସ୍ତ୍ରୀ କୁ ସମ୍ମାନ ଓ ଅସ୍ପୃଶ୍ୟତା ର ଦୂରିକରଣ। ଦୁଇ ଟି ଯାକ ସମସ୍ୟା ର ସମାଧାନ ଦୀର୍ଘ ୪୦୦ ବର୍ଷ ପୂର୍ବ ରୁ ବଳରାମ ଦାସ ଚିନ୍ତା କରିଥିଲେ । ଜଗନ୍ନାଥଙ୍କ ଆଗରେ ଲକ୍ଷ୍ମୀଙ୍କ ଏହି ଏକ ମାତ୍ର ଦାବି ଥିଲା ଯେ ବଡଦେଉଳ ରେ ବ୍ରାହ୍ମଣ ଓ ଚଣ୍ଡାଳ ଭିତରେ କୌଣସି ଭେଦ ଭାବ ରହିବ ନାହି । ବ୍ରାହ୍ମଣଙ୍କ ହାତ ରୁ ଚଣ୍ଡାଳ ଛଡେଇ ଖାଇବେ ତାହେଲେ ଲକ୍ଷ୍ମୀ ବଡଦେଉଳ କୁ ଯିବେ ଆଜି ମଧ୍ୟ ଏହା ବଡଦେଉଳ ରେ ପାଳନ କରାଯାଉଛି । ଓଡିଶା ରେ ଏମିତି ଏକ ଉନ୍ନତ ଚିନ୍ତା ଧାରା ଦେଖିଲେ ନିଜ କୁ ଗୌରବାନ୍ୱିତ ମନେ ହୁଏ । ଆଜି ମଧ୍ୟ ମହିଳା ମାନେ ନିର୍ଯାତିତ ଏବଂ ଅସୁରକ୍ଷୀତ ତାହେଲେ ଆମେ ନିଜ କୁ କେଉଁ ଦ୍ରୁଷ୍ଟି ରୁ ଆଧୁନିକ କହିବା ? ପୂର୍ବ ଓଡିଶା ରୁ ପଶ୍ଚିମ ଓଡିଶା ଉତ୍ତର ଓଡିଶା ରୁ ଦକ୍ଷିଣ ଓଡିଶା ସବୁ ଘରେ ଲକ୍ଷ୍ମୀ ପୂଜା କରାଯାଏ । ଲକ୍ଷ୍ମୀ ପୁରାଣ ପଢାଯାଏ କିନ୍ତୁ କେତେ ଲୋକ ତାର ତତ୍ୱ ବୁଝନ୍ତି କହି ହେବନାହି । ଲେଖକ ବଳରାମ ଦାସ କେଉଁ ଉଦେଶ୍ୟ ନେଇ ଏହି ପୁରାଣ ଲେଖିଥିଲେ ଏବଂ ତାଙ୍କ ଉଦେଶ୍ୟ ପୁରା ହେଇପାରିଛି କି ନାହି ଜଣା ନାହି ।

ଫୋନ ନମ୍ବର ୭୨୦୫୧୦୦୮୩୯

# ଆଧୁନିକ ଯୁଗର 'ସମ୍ପର୍କ ଭଞ୍ଜକ'



କଳ୍ପନା କରନ୍ତୁ, ଆପଣ ନିଜ ବନ୍ଧୁଙ୍କ ସହ କଥା ହେଉଛନ୍ତି। କିନ୍ତୁ ବାର୍ତ୍ତାଳାପ ମଧ୍ୟରେ ଆପଣଙ୍କ ବନ୍ଧୁ ବାରମ୍ବାର ଫୋନ୍ ଦେଖୁଛନ୍ତି ଏବଂ ଆପଣଙ୍କ କଥାକୁ ଧ୍ୟାନ ଦେଉନାହାନ୍ତି। ସ୍ୱାଭାବିକ ଭାବେ ଆପଣ ପ୍ରଥମେ ଚିନ୍ତା କରିବେ ଯେ ତାଙ୍କର ଫୋନ୍‌ରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥାଇପାରେ। କିନ୍ତୁ ଯଦି ଏହି ଭଳି ଆଚରଣ ନିୟମିତ ହୁଏ ତେବେ ଏହା ନିଶ୍ଚିତ ଯେ ଆପଣ ନିଜକୁ ଅଣଦେଖା ଅନୁଭବ କରିବେ। ଏଭଳି ଆଚରଣ ଏବେ ବ୍ୟାପକ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କଠାରୁ ମିଟିଂରେ ବସିଥିବା ଶ୍ରୋତା ଯାଏ ଏବଂ ଦମ୍ପତିଙ୍କଠାରୁ ଆରମ୍ଭ କରି ଛୋଟପିଲା ଯାଏ, ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ଅଧିକାଂଶ ବ୍ୟକ୍ତିବିଶେଷ ଏହାଦ୍ୱାରା ଆକ୍ରାନ୍ତ। ଏହାର ନାଁ ହେଉଛି 'ଫବିଂ', ଇଂରେଜୀ ଶବ୍ଦ 'ଫୋନ୍' ଓ 'ସ୍ନବ୍'ର ମିଶ୍ରଣ। ଏହାର ଅର୍ଥ ହେଉଛି ସ୍ମାର୍ଟଫୋନ୍ ଉପରେ ଅଧିକ ଧ୍ୟାନ ଦେଉଥିବା ସମୟରେ ନିଜ ସାମାଜିକ ପରିବେଶ, ସାଙ୍ଗସାଥୀ ଏପରିକି ନିଜ ଜୀବନସାଥୀଙ୍କ ଉପସ୍ଥିତିକୁ ଅଣଦେଖା କରିବା।

ଏକ ପ୍ରସିଦ୍ଧ ମନୋବିଜ୍ଞାନ ପତ୍ରିକାରେ ଉଲ୍ଲେଖ ଅଛି ଯେ ସୋସିଆଲ୍ ମିଡିଆର ନିଶା, କୌଣସି ଘଟଣାରୁ ବାଦ୍ ପଡ଼ିଯିବାର ଭୟ (ଫୋମୋ), ବ୍ୟକ୍ତିତ୍ୱର ଗୁଣ ଓ ମାନସିକ ଦୁଃଖ ସହିତ ଫବିଂ ଆଚରଣ ସକାରାତ୍ମକ ଭାବରେ ସମ୍ବନ୍ଧିତ। ଅନ୍ୟପଟେ ଜୀବନ ସନ୍ତୋଷ ସହ ଏହା ପ୍ରତିକୂଳ ଭାବେ ଜଡ଼ିତ। ବ୍ୟକ୍ତିଗତ ଓ ସାମାଜିକ ସମ୍ପର୍କ ଉପରେ ଏହି ଆଚରଣର ନକାରାତ୍ମକ ପ୍ରଭାବ କାରଣରୁ ଏହା ଏବେ ସମାଜବିଜ୍ଞାନୀଙ୍କ ଦୃଷ୍ଟି ଆକର୍ଷଣ କରିଛି। କେତେକ ଗବେଷଣାରେ ଫବିଂକୁ 'ସମ୍ପର୍କ ଭଞ୍ଜକ' ବୋଲି ଆଖ୍ୟା ମଧ୍ୟ ଦିଆଯାଉଛି।

ବୋଷ୍ଟନ କନ୍‌ସଲ୍‌ଟିଂ ଗ୍ରୁପ୍ (ବିସିଜି)ର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟମାନେ ପ୍ରତିଦିନ ୨୯୪ ମିନିଟ୍ ବା ପାଖାପାଖି ୫ ଘଣ୍ଟା ସ୍ମାର୍ଟଫୋନ୍‌ରେ ବିତାଉଛନ୍ତି। ସମୁଦାୟ ଭାବରେ ଯଦି ଆମେ ଦେଖିବା ଏହା ସପ୍ତାହକୁ ଗୋଟିଏ ଦିନ, ମାସକୁ ୬ ଦିନ ଓ ବର୍ଷକୁ ୭୦ ଦିନରୁ ଅଧିକ ହେବ। ସେହିପରି ସ୍ମାର୍ଟଫୋନ୍‌ଧାରୀ ଭାରତୀୟମାନେ ଦିନକୁ ହାରାହାରି ୮୦ ଥର ନିଜ ଫୋନ୍ ଯାଞ୍ଚ କରନ୍ତି। ବ୍ୟକ୍ତିଗତ ଭିତ୍ତିକ ଏହି ବ୍ୟୟ ସମୟ ଆହୁରି ଅଧିକ ହୋଇପାରେ। ଯଦି ଆମେ ଦାମ୍ପତ୍ୟ ସମ୍ପର୍କରେ ସ୍ମାର୍ଟଫୋନ୍‌ର ବ୍ୟବହାରକୁ ବିଚାର କରିବା ତେବେ ଜାଣିବା ଯେ ସମ୍ପର୍କର ସନ୍ତୁଷ୍ଟି ମଧ୍ୟ ଫବିଂ ଆଚରଣ ଦ୍ୱାରା ଦିନକୁ ଦିନ ହ୍ରାସ ପାଉଛି। ଏଭଳି ଆଚରଣ ଜୀବନସାଥୀମାନଙ୍କୁ ଗୁରୁତ୍ୱହୀନ ଓ ଅବହେଳିତ ଅନୁଭବ କରାଇବା ସହ ଭାବନାତ୍ମକ ଦୂରତା ମଧ୍ୟ ସୃଷ୍ଟି କରୁଛି। ସମୟ କ୍ରମେ, ଏହା ଜୀବନସାଥୀମାନଙ୍କ ମଧ୍ୟରେ ଥିବା ବିଶ୍ୱାସ ଓ ଅନ୍ତରଙ୍ଗତାର ଭିତ୍ତିଭୂମିକୁ ନଷ୍ଟ କରୁଛି ବୋଲି ପରିବାର ପରାମର୍ଶଦାତାମାନେ ମତ ରଖୁଛନ୍ତି। ଏହାବ୍ୟତୀତ ଅନେକ ଅଧ୍ୟୟନରେ ପ୍ରକାଶ ପାଇଛି ଯେ ବାପା ଓ ମା' ଉଭୟ ଫୋନ୍ ଭିତରେ ମଜ୍ଜିଯାଇ ନିଜ ପିଲାକୁ ମଧ୍ୟ ଅଣଦେଖା କରିଛନ୍ତି।

ବୈଷୟିକ ଜ୍ଞାନକୌଶଳ ସହିତ ଆମର ନିବିଡ଼ତା ହିଁ ଫବିଂର ଜନକ। ସୋସିଆଲ ମିଡିଆରେ ଖୁବ୍ ପ୍ରଚଳିତ ରିଲ୍ ଓ ସର୍ଟସ୍ ଭଳି କମ୍ ଅବଧିର ଭିଡିଓ ଉଭୟ ସମୟ ଓ ଧ୍ୟାନ ଆକର୍ଷଣ କରିବା ପାଇଁ ଡିଜାଇନ୍ କରାଯାଇଛି, ଏଥିରେ ସନ୍ଦେହ ନାହିଁ। ଇନ୍ ?ଷ୍ଟାଗ୍ରାମ୍ କିମ୍ବା ଫେସବୁକ୍‌ର ଲାଇକ୍ ମିଳିବାର 'ନୋଟିଫିକେସନ୍' ହେଉ ବା ହ୍ୱାଟ୍‌ସଆପ୍ ମେସେଜ୍ ?ର ଶବ୍ଦ, ଏସବୁ ଆମର ମସ୍ତିଷ୍କର 'ଡୋପାମାଇନ୍' ନାମକ ଖୁସି ହରମୋନ୍‌କୁ ସକ୍ରିୟ କରିଥାଏ। ବୋଧ ହୁଏ ସେଥିପାଇଁ ଆମେ ସାମାଜିକ ପରିବେଶରେ ଥିଲେ ମଧ୍ୟ ଫୋନକୁ ବାରମ୍ବାର ଯାଞ୍ଚ କରିବାକୁ ଦ୍ୱିଧା ପ୍ରକାଶ କରୁନାହୁଁ। ଅନ୍ୟ ଦିଗରେ ବାସ୍ତବତାରୁ ବର୍ତ୍ତିବା ପାଇଁ ସ୍ମାର୍ଟଫୋନ୍ ଏକ ଅଭିନବ ଉପକରଣ ଭାବେ ବିନିଯୋଗ କରାଯାଉଛି। ଉଦାହରଣ ସ୍ୱରୂପ, ଯେତେବେଳେ କଥାବାର୍ତ୍ତା ଆମ ପାଇଁ ଏତେ ଆକର୍ଷଣୀୟ ହେଉ ନାହିଁ, ସେ ସମୟରେ ଫୋନ୍ ଆମକୁ ଅସହଜ ମୁହୂର୍ତ୍ତ ଏଡ଼ାଇବାରେ ସାହାଯ୍ୟ କରୁଛି। ଉଭୟ ଜାଣତରେ ବା ଅଜାଣତରେ ଆମ ସମ୍ପର୍କର ମୂଲ୍ୟ ଫୋନ୍ ପାଇଁ ବାଜିରେ ଲାଗୁଛି।

ଲୋକଙ୍କ ସହ କଥାବାର୍ତ୍ତା ପରିବର୍ତ୍ତେ ବାରମ୍ବାର ଫୋନ୍‌ରେ ସମୟ ଉପଯୋଗ କରିବା ଦ୍ୱାରା ସାମାଜିକ ଦକ୍ଷତା ହ୍ରାସ ପାଉଛି। ଏଠି ଜାଣିବା ଉଚିତ ଯେ ସହାନୁଭୂତି ବିକଶିତ କରିବା, ଅଣ-ମୌଖିକ ସଙ୍କେତକୁ ବୁଝିବା ଓ ଗଭୀର ସମ୍ପର୍କ ସୃଷ୍ଟି କରିବା ପାଇଁ ମୁହାଁମୁହିଁ ବାର୍ତ୍ତାଳାପ ଅପରିହାର୍ଯ୍ୟ। ଫବିଂ ଆଚରଣକୁ ନେଇ 'ହେଲ୍‌ଥଲାଇନ୍' ୱେବ୍‌ସାଇଟ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ପ୍ରାୟ ୩୨% ଲୋକ ଦିନକୁ ଦୁଇରୁ ତିନି ଥର ଫୋନ୍ ପାଇଁ ଅନ୍ୟଜଣକୁ ଅଣଦେଖା କରନ୍ତି। ଏହି ଆଚରଣ ସାମାଜିକ ସମ୍ପର୍କ ଓ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇବା ସହିତ ଅବହେଳାର ଭାବନା ଓ ଭାବନାତ୍ମକ ଅସୁସ୍ଥତା ବୃଦ୍ଧି କରିପାରେ।

ଫବିଂ ହେଉଛି ଆଧୁନିକ ସମାଜର ଏକ ପ୍ରତୀକାତ୍ମକ ସଂକେତ ଯେ ଆମେ ଡିଜିଟାଲ ଭାବରେ ସଂଯୁକ୍ତ କିନ୍ତୁ ମାନବିକ ଭାବରେ ପରସ୍ପର ଠାରୁ ଦୂରେଇ ଯାଉଛୁ। ଏହାର ମୁକାବିଲା କରିବାର ଅର୍ଥ ହେଉଛି ପ୍ରାମାଣିକ ସମ୍ପର୍କ ଓ ମାନବିକ ସମ୍ପର୍କ ପୁନଃଆବିଷ୍କାର କରିବା। ଫବିଂ ଆଚରଣ କିପରି ସମ୍ପର୍କ ସନ୍ତୋଷକୁ ପ୍ରଭାବିତ କରେ ସେ ବିଷୟବସ୍ତୁକୁ ନେଇ ଏକ ସର୍ଭେରେ ଅଂଶଗ୍ରହଣକାରୀମାନେ ସେମାନଙ୍କ ଜୀବନ ସନ୍ତୋଷ, ସମ୍ପର୍କ ସନ୍ତୋଷ, ସମ୍ପର୍କର ଗୁଣବତ୍ତା ଓ ଫବିଂର ପ୍ରଭାବ ବିଷୟରେ ମତ ବାଢ଼ିଥିଲେ। ସେମାନଙ୍କ ଅନୁଯାୟୀ ସମ୍ପର୍କରେ ସନ୍ତୋଷ ପାଇଁ କଥାକୁ ସକ୍ରିୟ ହୋଇ ଶୁଣିବା ଆବଶ୍ୟକ। ଏହା ସହ ଉଭୟ ଉଭୟଙ୍କୁ ଦେଖିବା ଓ ବୁଝିବା ଜରୁରୀ। କିନ୍ତୁ ଯେତେବେଳେ ଆମ ପାଖେ ଫୋନ ଥାଏ ସେତେବେଳେ କେଉଁଠି ନାଁ କେଉଁଠି ଏସବୁ ସମ୍ଭବ ହୁଏ ନାହିଁ। ନିର୍ଦ୍ଧାରିତ ଫୋନ୍-ମୁକ୍ତ ସମୟ ହିଁ ଏକ ପ୍ରକାର ସମାଧାନ। ଅନେକ ଖେଳାଳି, ଅଭିନେତା ଓ ପ୍ରସିଦ୍ଧ ବ୍ୟକ୍ତିତ୍ୱ 'ତିନି-ଦୁଇ-ଏକ' ଫର୍ମୁଲା ବ୍ୟବହାର କରନ୍ତି। ଏହାର ଅର୍ଥ ରାତିରେ ଶୋଇବାର ତିନି ଘଣ୍ଟା ଆଗରୁ ଖାଦ୍ୟ ଖାଇବା, ଦୁଇ ଘଣ୍ଟା ଆଗରୁ ଫୋନ୍‌ଠାରୁ ଦୂରେଇ ରହିବା ଓ ଏକ ଘଣ୍ଟା ଆଗରୁ ବିଛଣାକୁ ଯିବା। ଏହାବ୍ୟତୀତ ସକ୍ରିୟ ଭାବେ ଶୁଣିବାର ଅଭ୍ୟାସ କରିବା ମଧ୍ୟ ସାମାଜିକ ଅନୁଭୂତିକୁ ଯଥେଷ୍ଟ ବୃଦ୍ଧି କରିବାରେ ସାହାଯ୍ୟ କରେ।

ପରିଶେଷରେ, ମନେ ରଖିବାକୁ ହେବ ଯେ ଫବିଂ ଆମ ସମ୍ପର୍କର ଗୁଣବତ୍ତା ଓ ସାମଗ୍ରିକ ସୁସ୍ଥତାକୁ ଦୁର୍ବଳ କରିବାର କ୍ଷମତା ରଖିଛି। ଏହାର ପଞ୍ଝାରୁ ମୁକ୍ତ ହେବାର ଉପାୟ ମଧ୍ୟ ଆମ ହାତରେ ଅଛି- ଉପସ୍ଥିତ ମୁହୂର୍ତ୍ତକୁ ଅନୁଭବ କରିବା, ଅର୍ଥପୂର୍ଣ୍ଣ ବାର୍ତ୍ତାଳାପରେ ନିୟୋଜିତ ହେବା ଓ ଡିଜିଟାଲ ଅନ୍ୟମନସ୍କତା ଅପେକ୍ଷା ମାନବ ସମ୍ପର୍କକୁ ପ୍ରାଥମିକତା ଦେବା।

# କଥାଟିଏ-ଯାଯାବର: ଜିହ୍ୱାର କ୍ଷମତା

ସୃଷ୍ଟି ଆରମ୍ଭରେ ଭଗବାନ ଜିହ୍ୱାକୁ ଏମିତି ଗଢ଼ିଲେ ଯେ ତା' ଦେହରେ ହାଡ଼ ଟିକିଏ ଦେଲେ ନାହିଁ। ତେଣୁ ଅସାଡ଼ ଭାବେ ତାହା ଦୁଇ ଧାଡ଼ି ଦାନ୍ତ ମାଳା ଭିତରେ ବନ୍ଦୀ ହୋଇ ପଡ଼ି ରହିଲା। ତା'ର ଅଧିକାଂଶ ସମୟ ଏକ ଅନ୍ଧକାରମୟ ଗୁମ୍ଫା ଭିତରେ କଟିଲା। ଭଗବାନ ଜିହ୍ୱାର ଦୁଃଖ ଶୁଣିଲେ। ତାକୁ କହିଲେ ଯାହା ତ ହେବା କଥା ହୋଇଯାଇଛି। ଏବେ ପ୍ରତିକାର କରିବା। ତୋତେ ମୁଁ ଏମିତି ଏକ କ୍ଷମତା ଦେବି ଯାହା ବଳରେ ତୁ ଅପରର ମନକୁ ଛୁଇଁ ପାରିବୁ। ତୁ ଜଗତ୍ ଜିଣା ହୋଇପାରିବୁ। ସତକୁ ସତ ଜିହ୍ୱା ସେଇ କ୍ଷମତା ପାଇଗଲା। ମନ ମୋହନିଆ କଥାରେ ସେ ସମସ୍ତଙ୍କୁ ବଶ କରିପାରିଲା, ସତକୁ ସତ ଜଗତ୍ ଜିଣା ହୋଇପାରିଲା। ଏ କଥାଟି ଛପି ରହି ଦେଖିଲା ସୈତାନ। ସେ ଭାବିଲା- ଜିହ୍ୱା ତ ଅମେରୁଦଣ୍ଡୀ। ତାକୁ ପ୍ରଭାବିତ କରିବା ସହଜ। ଭଗବାନ ଯଦି ତାକୁ ସମସ୍ତଙ୍କ ମନକୁ ଛୁଇଁବାର, ମନକୁ ଜିଣିବାର କ୍ଷମତା ଦେଲେ, ମୁଁ କାହିଁକି ତା'ରି ବଳରେ ସମସ୍ତଙ୍କୁ କ୍ଷତାକ୍ତ କରି ନ ପାରିବି ସେ ବେଳ କାଳ ଦେଖି ଜିହ୍ୱାକୁ ଅତି ମଧୁର ଭାବେ କହିଲା- ତୁମେ ଅମେରୁଦଣ୍ଡୀ ହୋଇପାର, କିନ୍ତୁ ନିଜ ପରାକ୍ରମ ବିଷୟରେ ଅଜ୍ଞ ରହିଛ। ଏବେ ସେ ଶକ୍ତିକୁ ଥରେ ପ୍ରୟୋଗ କରି ଦେଖ। ଦେଖିବ ତୁମର ଭାବମୂର୍ତ୍ତି କେମିତି ବଦଳିଯାଇଛି। ତୁମେ ଯେ କୋମଳ ନୁହେଁ ଶକ୍ତ ସେ କଥା ବି ପ୍ରତିପାଦନ କରିପାରିବ। ଜିହ୍ୱା ସେଥିରେ ଭଳିଗଲା। ଏବେ ସେ କଟୁ କଥା କହିବା ଆରମ୍ଭ କଲା। ତା'ର ମର୍ମଭେଦୀ ବାକ୍ୟ ବାଣରେ ଲୋକଙ୍କ ହୃଦୟରେ ଅଜସ୍ର ଅଦୃଶ୍ୟ କ୍ଷତ ସୃଷ୍ଟି ହେଲା, ଯାହା ଜୀବନ ଯାକ ରହିଲା, ସାରା ଜୀବନ ମନର କ୍ଷତରୁ ରକ୍ତ ଝରିଲା। ଜିହ୍ୱାର ତାଡ଼ନାରୁ ଲୋକେ ଦହଗଞ୍ଜ ହେଲେ। ଅମେରୁଦଣ୍ଡୀ ଜିହ୍ୱା ଉଭୟ ଈଶ୍ୱରଙ୍କ ଓ ସେ ?ତାନର ଦାସ ହୋଇ ରହିଲା। କେତେବେଳେ ମହୁ ଝରାଇଲା ତ କେତେବେଳେ ବିଷ ଫିଙ୍ଗିଲା।



# ୩୭୯ ବ୍ୟଞ୍ଜନ ପରଷିଲେ ଶାଶୂ-ଶ୍ୱଶୁର

ଭାରତୀୟ ପରିବାରରେ ଯଦି କେହି ସବୁଠାରୁ ଅଧିକ ଅଭ୍ୟର୍ଥନା ପାଇଥାଏ, ସେ ହେଉଛି ଘରର ଜ୍ୱାଇଁ। ଜ୍ୱାଇଁଙ୍କୁ ଖୁସି କରିବା ଲାଗି ନାନା ଆୟୋଜନ କରାଯିବାର ଦେଖିବାକୁ ମିଳେ। ତେବେ ଆନ୍ଧ୍ରପ୍ରଦେଶରେ ଏକ ପୁରୁଣା ପରମ୍ପରା ଚାଲିଆସିଛି ଯାହା ଅନୁଯାୟୀ ମକର ସଂକ୍ରାନ୍ତି ଦିନ ଜ୍ୱାଇଁଙ୍କ ଲାଗି ବର୍ଣ୍ଣାଢ଼୍ୟ ଭୋଜି ଆୟୋଜନ କରାଯାଇଥାଏ। ଆନ୍ଧ୍ରପ୍ରଦେଶର ଏଲୁରୁ ସହରର ଏକ ପରିବାର ଜ୍ୱାଇଁଙ୍କୁ ଏକାବେଳେ ୩୭୯ ପ୍ରକାର ଖାଦ୍ୟ ପରଷି ଅତିଥି ସତ୍କାରର ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ମକର ସଂକ୍ରାନ୍ତି ଅବସରରେ 'ଭାଗ୍ୟବାନ' ଜ୍ୱାଇଁ ମୁରଲିଧରଙ୍କୁ ଏହି ବର୍ଣ୍ଣାଢ଼୍ୟ ଆୟୋଜନର ଅତିଥି କରାଯାଇଥିଲା। ସ୍ୱାଭାବିକ ଭାବେ ଜ୍ୱାଇଁ ଏସବୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସବୁତକ ବ୍ୟଞ୍ଜନ କିଭଳି ଖାଇବେ ତାହା ଭାବି ମୁଣ୍ଡରେ ହାତ ଦେଇଥିଲେ। ଜ୍ୱାଇଁଙ୍କୁ ପରଷାଯାଇଥିବା ବ୍ୟଞ୍ଜନ ସଂଖ୍ୟା ଦୃଷ୍ଟିରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ୩୭୯ ବ୍ୟଞ୍ଜନ ରାନ୍ଧିବା ଲାଗି ଶ୍ୱଶୁର ଘର ଲୋକଙ୍କୁ ଏକ ସପ୍ତାହ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିଥିଲା। ଶ୍ୱଶୁର ଭୀମାରାଓ ଓ ଶାଶୂ ଚନ୍ଦ୍ରଲୀଳା କହିଛନ୍ତି ଯେ ଗୋଦାବରୀ ଜିଲ୍ଲାର ଅତିଥି ସତ୍କାରର ବିରଳ ସଂସ୍କୃତି ଓ ପରମ୍ପରାକୁ ଉଦ୍ଯାପନ କରିବା ଲାଗି ସେମାନେ ଏହି ବିରାଟ ଆୟୋଜନ କରିଥିଲେ। ଗତ ବର୍ଷ ମକର ସଂକ୍ରାନ୍ତିରେ ସେହି ଆନ୍ଧ୍ରପ୍ରଦେଶର ନର୍ସପୁରମର ଏକ ପରିବାର ଭାବୀ ଜ୍ୱାଇଁଙ୍କୁ ୩୬୫ ପ୍ରକାର ବ୍ୟଞ୍ଜନ ପରଷି ଚର୍ଚ୍ଚିତ ହୋଇଥିଲା।



# 'ନାନୀ ୩୦' ଚଳଚ୍ଚିତ୍ରରେ ମୃଣାଳ ଠାକୁର

ପାନ୍ ଇଣ୍ଡିଆ ପକ୍ଷରୁ ନିର୍ମାଣ ହେବାକୁ ଯାଉଥିବା ଚଳଚ୍ଚିତ୍ର 'ନାନୀ ୩୦'ର ମୁଖ୍ୟ ଚରିତ୍ର ସାଜୁଛନ୍ତି ଅଭିନେତ୍ରୀ ମୃଣାଳ ଠାକୁର। ନେଚୁରାଲ ଷ୍ଟାର ଓ ଭାଇରା ଏଣ୍ଟରଟେନମେଣ୍ଟ ବ୍ୟାନରର ମିଳିତ ସହଯୋଗରେ ନିର୍ମିତ ପ୍ରଥମ ସିନେମା 'ନାନୀ ୩୦'। ଶୁଣାଯାଉଛି ଏହାର ନିର୍ଦ୍ଦେଶନା ଦେବେ ସୌରଭ। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରୁଛନ୍ତି ମୋହନ ଚେରୁକୁରୀ, ଭିଜେନ୍ଦର ରେଡ୍ଡୀ ତିଗାଲା ଏବଂ ମୂର୍ତ୍ତି କେ.ଏସ୍। ସିନେମାର ୟୁନିଟ୍ ସୁଟିଂ ଫ୍ଲୋରକୁ ଆସିବା ଆଗରୁ ନୂଆବର୍ଷ ଅବସରରେ ଏହାର ଏକ ଭିଡିଓ ମଧ୍ୟ ଲୋକାର୍ପଣ ହେଇଛି। ଏହାର କାହାଣୀ ବାପା ଓ ଝିଅଙ୍କ ଭାବପ୍ରବଣ ସମ୍ପର୍କ ଉପରେ ଆଧାରିତ। ଏଇ ଭିଡିଓରେ ସିନେମାରେ ସଂପୃକ୍ତ ଥିବା ମୁଖ୍ୟ ଟେକ୍ନିସିଆନ୍‌ଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। 'ଜର୍ସି' ଓ 'ଶ୍ୟାମ୍ ସିଂହ ରାୟ' ଚଳଚ୍ଚିତ୍ର ପରେ 'ନାନୀ ୩୦'ରେ ଚତ୍ରଉତ୍ତୋଳନ କରିବେ ସାନୁ ଜନ୍ ଭର୍ଗୁରିଜ। ନିକଟରେ ଦକ୍ଷିଣୀ ସିନେମା (ତେଲଗୁ) 'ସୀତା ରାମମ୍'ରେ ମଧ୍ୟ ମୃଣାଳ ଠାକୁରଙ୍କୁ ମୁଖ୍ୟ ନାୟିକା ଭାବେ ଦେଖିବାକୁ ମିଳିବ। ଏଥିରେ ମାଲୟାଲମ୍ ଫିଲ୍ମ 'ହୃଦୟମ୍'ର ଲୋକପ୍ରିୟ ସଙ୍ଗୀତ ସଂଯୋଜକ ହେଶମ୍ ଅବଦୁଲ ୱାହାବ ସଙ୍ଗୀତ ସଜାଉଛନ୍ତି। ଜ୍ୟୋତିଶ ଶଙ୍କର ଏହାର ପ୍ରଡକ୍ସନ୍ ଡିଜାଇନ୍ କରୁଥିବା ବେଳେ ପ୍ରବୀଣ ଆନ୍ଥୋନୀ ଏଇ ଚଳଚ୍ଚିତ୍ରର ସମ୍ପାଦନା କରିବେ। ଟେଲିଭିଜନରେ 'ମୁଝସେ କୁଛ କେହତି ୟେ ଖାମୋସିୟାଁ, ହର ଯୁଗ୍ ମେ ଆୟେଗା ଏକ ଅର୍ଜୁନ୍, କୁମ୍‌କୁମ୍ ଭାଗ୍ୟ, ସୌଭାଗ୍ୟଲକ୍ଷ୍ମୀ ପରି ଧାରାବାହିକର ରାଣୀ ମୃଣାଳ ୨୦୧୪ରେ ମରାଠୀ ମୁଭି 'ଭିଟି ଦଣ୍ଡୁ' ଓ 'ଡକ୍ଟର ସ୍ୱପ୍ନା' ମାଧ୍ୟମରେ ବଡ଼ ପରଦାରେ ପ୍ରବେଶ କରିଥିଲେ। ପରେ ହିନ୍ଦୀ ଚଳଚ୍ଚିତ୍ର ଲଭ୍ ସୋନିଆ, ସୁପର ୩୦, ଘୋଷ୍ଟ ଷ୍ଟୋରିଜ୍, ବାଟ୍ଲା ହାଉସ୍, ଧମାକା, ଜର୍ସି ଆଦିରେ ଅଭିନୟ କରିଛନ୍ତି। ମୃଣାଳ ନୂଆ ଚଳଚ୍ଚିତ୍ର 'ଆଖୋଁ ମିଚୋଲି' ଓ 'ଗୁମ୍ରାହ' ଫିଲ୍ମରେ ମଧ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବେ।





# ଶୁଆ ଯୋଗୁଁ ଜେଲ୍ ଯିବେ ମାଲିକ

ଘରେ ପୋଷା ଜୀବ ରଖିବା ଅନେକ ଲୋକଙ୍କର ଖୁବ୍ ସଉକ ଥାଏ। କିଛି ଲୋକ ଘରେ କୁକୁର ବିଲେଇ ପାଳିଥାନ୍ତି ତ ଆଉ କିଛି ଲୋକ ପକ୍ଷୀଙ୍କୁ ବି ପାଳିଥାନ୍ତି। ଜଣେ ଏମିତି ହିଁ ବ୍ୟକ୍ତି ନିଜ ପସନ୍ଦର ଏକ ଶୁଆ ପାଳିଥିଲେ, ଯାହାକି ତାଙ୍କୁ ଖୁବ୍ ମହଙ୍ଗା ପଡ଼ିଛି। ଏହି ଘଟଣା ତାଇୱାନରେ ଘଟିଛି ଏବଂ ଯିଏ ବି ଏହି ବିଷୟରେ ଶୁଣୁଛି, ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ଶୁଆର ମାଲିକଙ୍କୁ କେବେ ଅନ୍ଦାଜ ନଥିଲା କି ତାଙ୍କର ଶୁଆ କିଛି ଏମିତି କରି ଦେଇଛି, ଯେଉଁଥି ପାଇଁ ତାଙ୍କ ପକେଟରୁ ଟଙ୍କା ତ ଯିବ ଏହା ସହ ଜେଲ୍‌ର ହାୱା ବି ଖାଇବେ। ବ୍ୟକ୍ତିଙ୍କ ପାଖରେ ଯେଉଁ ଶୁଆ ଅଛି, ତାହା ଆକାରରେ ବହୁତ ବଡ଼ ଏବଂ ଖୁବ୍ ସୈତାନ। ଆଉ ଏଥିରେ ତାର ବଦମାସୀର ସଜା ମାଲିକଙ୍କୁ ଭୋଗିବାକୁ ପଡ଼ିଛି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କି ଯେଉଁ ବ୍ୟକ୍ତିଙ୍କୁ ଶୁଆ ମାରିଥିଲା, ତାର ହାଡ଼ ବି ଭାଙ୍ଗି ଯାଇଛି। ଉଲ୍ଲେଖନୀୟ ଯେ, ତୈନାନ ନାମକ ସ୍ଥାନରେ ଜଣେ ହୁଆଙ୍ଗ ସରନେମ୍ ଥିବା ବ୍ୟକ୍ତି ରୁହନ୍ତି, ଯିଏକି ଦୁଇଟି ପୋଷା ଶୁଆ ପାଳିଥିଲେ। ପ୍ରତିଦିନ ସେ ପାର୍କକୁ ଏକ୍ସରସାଇଜ ପାଇଁ ଗଲା ବେଳେ ସେହି ଶୁଆ ଦୁଇଟିକୁ ସାଥିରେ ନେଇ ଯାଉଥିଲେ, ଏହାକି ସେ ନିଜେ ଏକ୍ସରସାଇଜ୍ କରିବା ସହ ଶୁଆ ବି ଟିକେ ଉଡ଼ି ପାରିବେ। ଏହି ଭିତରେ ସେ ଜଗିଂ କରୁଥିବା ବେଳେ ଗୋଟିଏ ଶୁଆ ଜଣେ ବ୍ୟକ୍ତିଙ୍କୁ ନିଜ ଡେଣାରେ ଏମିତି ଡ଼ରାଇଲା ଯେ, ସେ ଭୟରେ ଖସି ପଡ଼ିଲେ। ଏହିପରି ଖସି ପଡ଼ିବାରୁ ତାଙ୍କ ହିପ୍ ?ର ଜଏଣ୍ଟ ହାଡ଼ ଭାଙ୍ଗିଗଲା। ତାଙ୍କୁ ସିଧା ହସ୍ପିଟାଲରେ ଭର୍ତ୍ତି କରାଗଲା ଏବଂ ସୁସ୍ଥ ହେବାରେ ୬-୭ ମାସର ସମୟ ଲାଗିଲା। ଏହାପରେ ପୀଡ଼ିତ ବ୍ୟକ୍ତି ଶୁଆର ମାଲିକ ନାଁରେ ମାମଲା ରୁଜୁ କରିଦେଲେ। ୪୦ ସେଣ୍ଟିମିଟର ଲମ୍ବ ଓ ୬୦ ସେଣ୍ଟିମିଟରର ଡେଣା ଥିବା ଶୁଆ ଏହି ହରକତ କାରଣରୁ କୋର୍ଟରେ କେସ୍ ଚାଲିଲା । କୋର୍ଟ ଏହି କଥାରେ ସହମତ ହେଲେ କି ଏହା ଶୁଆର ମାଲିକଙ୍କର ଅବହେଳା। ଏଣୁ ତାଙ୍କୁ ୩.୦୪ ମିଲିୟନ ନ୍ୟୁ ତାଇୱାନିଜ୍ ଡଲାର ଅର୍ଥାତ୍ ୭୫ ଲକ୍ଷ ଟଙ୍କାର ଜୋରିମାନା ଦେବା ସହ ୨ ମାସର ଜେଲ୍ ଦଣ୍ଡ ଶୁଣାଇଲେ । ବର୍ତ୍ତମାନ ଶୁଆର ମାଲିକ ନିଷ୍ପତ୍ତି ବିରୋଧରେ ଅପିଲ କରିବାକୁ ଯାଉଛନ୍ତି, କାରଣ ଏହ ଦଣ୍ଡ ତାଙ୍କୁ ଅଧିକ ମନେହୋଇଛି।

# ଜେଲରୁ ମୁକୁଳିବା ପରେ ଭାବବିହ୍ୱଳ ହେଲେ ବୃଦ୍ଧ

ଯେତେବେଳେ ବି କେହି ଅପରାଧ କରିଥାଆନ୍ତି ସେମାନେ କିଭଳି ଅପରାଧ କରିଛନ୍ତି ତାହାକୁ ଧ୍ୟାନରେ ରଖି ଜେଲଦଣ୍ଡ ହୋଇଥାଏ। କିଛିଲୋକ ଜେଲରେ ପୂରା ଜୀବନ କାଟି ଦେଉଥିବା ବେଳେ ଶେଷ ସମୟରେ ମୁକୁଳି ଥାଆନ୍ତି। ଆଉ ତାଙ୍କୁ ନେବାକୁ ପରିବାରର କୌଣସି ସଦସ୍ୟ ବି ଆସି ନଥାଆନ୍ତି। ଏଭଳି ସମୟରେ ସଜା କାଟି ଫେରିଥିବା ଉକ୍ତ ବ୍ୟକ୍ତିଙ୍କୁ ପୁଲିସ ସାହାଯ୍ୟ କରିଥାଆନ୍ତି। ଏମିତି ଏକ ଘଟଣା ଉତ୍ତରପ୍ରଦେଶର ଅଯୋଧ୍ୟାରୁ ନିକଟରେ ସାମ୍ନାକୁ ଆସିଛି। ଜେଲ ଅଧିକାରୀଙ୍କ କହିବାନୁସାରେ, ଜଣେ ୯୮ବର୍ଷୀୟ ବୃଦ୍ଧ ରାମ ସୁରତ ଉତ୍ତରପ୍ରଦେଶର ଅଯୋଧ୍ୟା ଜେଲରେ ସଜା କାଟିବା ପରେ ମୁକୁଳି ଥିଲେ। ରାମ ସୁରତଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉତ୍ତର ପ୍ରଦେଶର ମହାନିର୍ଦ୍ଦେଶକଙ୍କ ଦ୍ୱାରା ଟୁଇଟରେ ଏକ ଭିଡିଓ ପୋଷ୍ଟ କରାଯାଇଛି। ଏଥିରେ ଅଯୋଧ୍ୟା ଜେଲର ଜିଲ୍ଲା ଅଧ୍ୟକ୍ଷ ଶଶିକାନ୍ତ ମିଶ୍ରା ରାମ ସୁରତଙ୍କୁ କହୁଛନ୍ତି କି ପୁଲିସ ତାଙ୍କୁ ସେଯିବାକୁ ଚାହୁଁଥିବା ସ୍ଥାନରେ ନେଇ ଛାଡ଼ି ଆସିବ। କାରଣ ୯୮ବର୍ଷୀୟ ବୃଦ୍ଧ ରାମ ସୁରତ ଉତ୍ତରପ୍ରଦେଶର ଅଯୋଧ୍ୟା ଜେଲରେ ସଜା କାଟି ମୁକୁଳିବା ପରେ ତାଙ୍କୁ ନେବାକୁ ତାଙ୍କ ପରିବାରର କେହି ବି ସଦସ୍ୟ ଆସି ନଥିଲେ। ଏହାପରେ ଅଧିକାରୀ ବୃଦ୍ଧ ବ୍ୟକ୍ତିଙ୍କୁ କାର ପର୍ଯ୍ୟନ୍ତ ନେଇ ଆସୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ଅଧିକାରୀଙ୍କ କହିବାନୁସାରେ, ରାମ ସୁରତଙ୍କୁ ଭାରତୀୟ ଦଣ୍ଡ ବିଧାନ ଆଇନ ଅନୁଯାୟୀ ଧାରା ୪୫୨, ୩୨୩ ଓ ୩୫୨ରେ ଦୋଷୀ ସାବ୍ୟସ୍ତ



କରାଯାଇଥିଲା। ତେବେ ସଜା କାଟି ଜେଲରୁ ମୁକୁଳିବା ପରେ ତାଙ୍କୁ ନେବା ପାଇଁ ପରିବାରର କୌଣସି ସଦସ୍ୟ ଆସି ନଥିଲେ। ରାମ ସୁରତଙ୍କୁ ୨୦୨୨ ଅଗଷ୍ଟ ୮ରେ ଜେଲରୁ ମୁକୁଳା ଯାଇଥାଆନ୍ତେ, କିନ୍ତୁ ମଇ ୨୦ରେ ସେ କୋଭିଡ ପଜିଟିଭ ଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ୯୦ଦିନ ପାଇଁ ପାରୋଲକୁ ପଠା ଯାଇଥିଲା।

# ବିଧବା ମାଆର ବିବାହ କରାଇଲା ପୁଅ

ସଂପ୍ରତି ବଦଳିବାକୁ ଲାଗିଲାଣି ସମାଜରେ ପ୍ରଚଳିତ ପ୍ରାଚୀନ ପ୍ରଥା, ପରମ୍ପରା ଓ କୁଚିନ୍ତାଧାରା। ଦିନ ଥିଲା ମଣିଷ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସତୀଦାହ ଭଳି କୁତ୍ସିତ ପରମ୍ପପରାକୁ ମାନୁଥିଲା। ହେଲେ ଏକବିଂଶ ଶତାବ୍ଦୀରେ ସମାଜର ପରିବର୍ତ୍ତନ ଘଟିଛି, ସମସ୍ତଙ୍କ ଚିନ୍ତା-ଚେତନାର ବିକାଶ ହୋଇଛି। ସେଭଳି କିଛି ଘଟଣା ମହାରାଷ୍ଟ୍ରର କୋହ୍ଲାପୁର ସହର ନିକଟରେ ଦେଖିବାକୁ ମିଳିଛି। କୋହ୍ଲାପୁର ନିକଟ ହେରୱାଡ ଗ୍ରାମ ପଞ୍ଚାୟତରେ ପିତାଙ୍କ ମୃତ୍ୟୁ ପରେ ବିଧବା ମାଆର ବିବାହ କରାଇଛି ପୁଅ। ଦୁଇ ବର୍ଷ ତଳେ ଯୁବରାଜଙ୍କ ପିତା ନାରାୟଣଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା। ସେବେଠାରୁ ତାଙ୍କ ମାଆ ରତ୍ନା ଦୁଃଖୀ ଓ ଚିନ୍ତାଗ୍ରସ୍ତ ହେବାକୁ ଲାଗିଲେ। ମାତ୍ର ୪୫ ବର୍ଷ ବୟସରେ ମାଆର ଏହି ଅବସ୍ଥା ପୁଅ ସହି ନପାରି ତାଙ୍କର ବିବାହ କରାଇବାକୁ ନିଷ୍ପତ୍ତି ନେଇଥିଲେ। ମାରୁତି ନାମକ ଜଣେ କୃଷକଙ୍କୁ ତାଙ୍କ ମାଆଙ୍କୁ ବିବାହ କରିବାକୁ ରାଜି କରାଇଲା ପୁଅ; କିନ୍ତୁ ମାଆଙ୍କୁ ବିବାହ ପାଇଁ ରାଜି କରାଇବା ପୁଅ ଲାଗି ଥିଲା କଷ୍ଟକର ବିଷୟ। ବିବାହ କଥା ଶୁଣି ପ୍ରଥମେ ମାଆ ସମ୍ପୂର୍ଣ୍ଣ ଭାବେ ମନା କରି ଦେଇଥିଲେ। ଭାବୁଥିଲେ, ସମାଜ ତାଙ୍କୁ କ'ଣ କହିବ କିନ୍ତୁ ପୁଅ ମାଆଙ୍କୁ ବୁଝାଇବାକୁ ଲାଗିଲା। ଶେଷରେ, ପୁଅର ଜିଦ୍ ରହିଲା, ମାଆ ବିବାହ ପାଇଁ ରାଜି ହେଲେ। ସବୁଠାରୁ ବଡ଼ କଥା ହେଉଛି ଏହି ବିବାହକୁ ପଡ଼ୋଶୀ ସମର୍ଥନ କରିଥିଲେ ଏବଂ ବିବାହ ଉତ୍ସବରେ ଆସି ଯୋଗ ଦେଇଥିଲେ। ସେପଟେ ମାଆ ରତ୍ନା କହିଛନ୍ତି, 'ପୁଅକୁ ବିବାହ କରିବାର ବୟସ ହୋଇଥିଲା, କିନ୍ତୁ ତା'ର ଜିଦ୍ ପାଇଁ ମୋତେ ନିଜେ ବିବାହ କରିବାକୁ ପଡିଲା। ପୁଅର ଇଚ୍ଛା ପୂରଣ କରି ମୁଁ ଖୁସି ଅଛି।' ବର୍ତ୍ତମାନ ତିନିଜଣ ଖୁସିରେ ଜୀବନ ବିତାଉଛନ୍ତି।



# ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗଦେଲେ ଆଇନ ମନ୍ତ୍ରୀ



ବାଲୁଗାଁ **୧୯/୧୨(ନି.ପ୍ର) :** ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭା ଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସଂଗ୍ରାମ କେଶରୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟ ପ୍ରମୁଖ ଅତିଥି ଭାବେ ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବିଡ଼ିଓ ହଳଧର ଶବର, ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ପିଏଚଡି କନିଷ୍ଠ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ, ପିତବୁଡ଼ି ଏସଡିଓ ସନ୍ତୋଷ କୁମାର ସାହୁ, ଏଏମଓ ଡ଼.ବିଦ୍ୟା ପଟ୍ଟନାୟକ, ବିଡ଼ିଏମ ସୁଜାତା ଦାସ, ବିପିଏମ ଆରତୀ ଦାସ, ଏନଏଚଏମ ଜେଇ ବିଶ୍ୱନାଥ ବେହେରା, ଏଇ ସମରେନ୍ଦ୍ର କୁମାର ସାମନ୍ତରାୟ, ବିଏଏନ ସନ୍ତୋଷ କୁମାର ରାମ, ରୋଗୀ କଲ୍ୟାଣ ସମିତି ସଦସ୍ୟଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବିକାଶ, ରୋଗୀଙ୍କୁ ଉତ୍ତମ ସେବା, ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ, ପାନୀୟଜଳ, ଆଲୋକୀକରଣ, ରୋଗୀ କଲ୍ୟାଣ ସମିତିକୁ ପ୍ରତିବର୍ଷ ଆସୁଥିବା ଅନୁଦାନକୁ ସଠିକ ଭାବେ ବିନିଯୋଗ କରିବା ନେଇ ଆଲୋଚନା କରାଯାଇଥିଲା । ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୧୬ ଶଯ୍ୟା ବିଶିଷ୍ଟ ରହିଥିବାବେଳେ ପୁରୁଷ ଓ ମହିଳାଙ୍କ ନିମିତ୍ତ ଗୋଟିଏ ଓ୍ୱାର୍ଡ ରହିଛି । ମାତ୍ର ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଚିଲିକା ବ୍ଲକର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସାଙ୍ଗକୁ ଦୈନନ୍ଦିନ ଆଖପାଖ ଅଞ୍ଚଳର ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ଅନୁଯାୟୀ ଏହାର ବିକାଶ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

# ଚାଲୁଚି ବୁଲଡଜର ଭାଙ୍ଗୁଛି ଘର

## ବି.ମାଳିଗୁଡ଼ା ଗ୍ରାମରେ ଜବରଦଖଲ ଉଚ୍ଛେଦ



ନନ୍ଦାହାଣ୍ଡି **୧୯/୧୨(ନି.ପ୍ର) :** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ତହସିଲ ଅନ୍ତର୍ଗତ ବି ମାଳିଗୁଡ଼ା ଗ୍ରାମରେ ରାସ୍ତା ର ପ୍ରଶସ୍ତିକରଣ ଓ ନାଳ ଅବରୋଧ କୁ ହଟେଇବା ନିମନ୍ତେ ଆଜି ପ୍ରଶାସନ ତରଫ ରୁ ରାସ୍ତା କୋଡ ରେ ଥିବା ଜବର ଦଖଲ କୁ ଉଚ୍ଛେଦ କରାଯାଇଅଛି । ମାଳିଗୁଡ଼ା ଗ୍ରାମ ରେ ରାସ୍ତା କୋଡ ଜବରଦଖଲ ହୋଇଥିବା ନାଳ ଚୁକ୍ଷି ହୋଇ ରହିଥିଲା ଯଦ୍ୱାରା ଗ୍ରାମ ରେ ବାରଂବାର ଡାଇରିଆ ପରିସ୍ଥିତି ଉପୁଜିଥିଲା । ଏଥି ପ୍ରତି ଗ୍ରାମ ର ଲୋକେ ପ୍ରଶାସନ ନିକଟ ଜବରଦଖଲ ଉଚ୍ଛେଦ ପାଇଁ ଅନୁରୋଧ କରିଥଲେ । ୬ ମାସ ପୂର୍ବ ରୁ ନନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟ ଗ୍ରାମର ପ୍ରାୟ ୮୬ ଜଣଙ୍କୁ ନୋଟିସ କରାଯାଇ ଶୁଣାଣି ପରେ ଜବର ଦଖଲ ତୁରନ୍ତ ପରିତ୍ୟାଗ ନିମନ୍ତେ ଆଦେଶ ଦିଆଯାଇଥିଲା । କିନ୍ତୁ ଏଥିରେ କୌଣସି ସୁଫଳ ନମିଳିବାରୁ ତହସିଲ କାର୍ଯ୍ୟାଳୟ ତରଫ ରୁ ମାନନୀୟ ଜିଲ୍ଲାପାଳ, ନବରଙ୍ଗପୁର, ଆରକ୍ଷୀ ଅଧୀକ୍ଷକଙ୍କୁ ପତ୍ର କରାଯାଇ OP L ର ଅଧିନିୟମ ୧୯୭୨ ଅନୁଯାୟୀ ଜବରଦଖଲ ଉଚ୍ଛେଦ ପାଇଁ ପୋଲିସ୍ ଫୋର୍ସ ପାଇଁ ପତ୍ର କରାଯାଇଥିଲା । ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଗ୍ରାମ ରେ ସାଧାରଣ ନୋଟିସ ଦେଇ ରାସ୍ତା କୋଡରେ ଥିବା ଜବର ଦଖଲ ଥିବା ଜମି କୁ ତୁରନ୍ତ ପରିତ୍ୟାଗ ପାଇଁ ପୁର୍ନବାର ଜଣାଯାଇଥିଲା । ଏହା ପରେ ସୋମବାର ଦିନ ସକାଳ ପ୍ରାୟ ୧୧.୦୦ ଘଣ୍ଟିକା ସମୟ ରେ ନନ୍ଦାହାଣ୍ଡି, ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେନୀୟା ଙ୍କ ତତ୍ତ୍ୱାବଧାନ ରେ ତହସିଲ କର୍ମଚାରୀ ଏବଂ ପୋଲିସ ପ୍ରଶାନର ର ଉପସ୍ଥିତି ରେ ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଉଚ୍ଛେଦ ପ୍ରକ୍ରିୟା ରେ ନୋଟିସ ଦିଆଯାଇଥିବା ଜବରଦଲକାରୀ ଙ୍କ ଘରେ ପୂର୍ବ ରୁ ଚିହ୍ନଟ କରାଯାଇଥିବା ସରକାରୀ ଜମି କୁ ରାସ୍ତା ପ୍ରଶସ୍ତି କରଣ ଓ ଗ୍ରାମ ନାଳ କୁ ମୁକ୍ତ କରିବା ନିମନ୍ତେ ଜବର ଦଖଲ ମୁକ୍ତ କରାଯାଇଥିଲା । ଉକ୍ତ କାର୍ଯ୍ୟ ରେ ନନ୍ଦାହାଣ୍ଡି ରାଜସ୍ୱ ପରିଦର୍ଶକ, ଶ୍ରୀ ମହମ୍ମଦ ଜାଭେଦ ଆଖତର,ମାଳିଗୁଡା ରାଜସ୍ୱ ନିରୀକ୍ଷକ ଶ୍ରୀ ଖେମରାଜ ପୂଜାରୀ , ସହକାରୀ ରାଜସ୍ୱ ନିରୀକ୍ଷକ ଶ୍ରୀମତି ମଞ୍ଜୁଲତା ନାୟକ,ସିନ୍ଧିଗୁଡ଼ା ରାଜସ୍ୱ ନିରୀକ୍ଷକ,ବିଶ୍ୱଜିତ ଦାଶ, ଡଙ୍ଗରଭେଜା ରାଜସ୍ୱ ନିରୀକ୍ଷକ, ଦିନକୃଷ୍ଣ ବେହେରା, ଝାଡବନ୍ଧଗୁଡା ରାଜସ୍ୱ ନିରୀକ୍ଷକ ଲାଲେନ୍ଦ୍ର ପ୍ରାସାଦ ଶରଣ, ମେନ୍ତ୍ରୀ ରାଜସ୍ୱ ନିରୀକ୍ଷକ, ନିରାକାର ସୌରା, ଅମିନ ପ୍ରଦୀପ ବିଶୋଇ ଓ ଲୋକେଶ ମଣ୍ଡଳ, ଡାଙ୍ଗରଭେଜା ପାଣ୍ଠିର ଥାନା ASI ଶ୍ରୀ ଗୁଣନିଧି ବାଗ, ଏବଂ ଡଙ୍ଗରଭେଜା ଫାଣ୍ଡି ର ପୋଲିସ୍ କର୍ମୀ ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ କରିଥିଲେ । ଜବର ଦଖଲ ଉଚ୍ଛେଦ ପରେ ନାଳ ଏବଂ ପରିମଳ ବ୍ୟବସ୍ଥା କାମ ଶୀଘ୍ର କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ଜଣେଇବେ ବୋଲି ନନ୍ଦାହାଣ୍ଡି ଅତିରିକ୍ତ ତହସିଲଦାର ଶ୍ରି ପୁରୁଷୋତ୍ତମ ବେନ୍ୟା ପ୍ରକାଶ କରିଥିଲେ ।

# ବିଏସ ପଦର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ



ଝରିଗାଁ **୧୯/୧୨(ନି.ପ୍ର) :** ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧୋଡ୍ରା ପଂଚାୟତ ଅନ୍ତର୍ଗତ ବିଏସ ପଦର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଆଜି ଉଦଘାଟିତ ହୋଇଯାଇଛି ।ଉକ୍ତ ଉଦ୍ଘାଟନୀ ଉତ୍ସବରେ ଝରିଗାଁ ବିଧାୟକ ନରସିଂହ ଭତରା ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ମଶାଲ ପ୍ରଜ୍ୱଳନ କରିବା ସହ କ୍ରୀଡା ପତାକା ଉତ୍ତୋଳନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଧୋଡ୍ରା ସରପଞ୍ଚ ମହେନ୍ଦ୍ର ଭତରା, ବଡ଼ ଭରଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବନି ମଜୁମଦାର, ବିଏସ ପଦର ବିଦ୍ୟାଳୟର ସଭାପତି ଅମର ଭତରା, ଖେଳ ଶିକ୍ଷକ ତପନ ବୈରାଗୀ ପ୍ରମୁଖ ଉପସ୍ଥିତ ରହିଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ଭତରାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିବା ବେଳେ ବିଦ୍ୟାଳୟର ଖେଳ ଶିକ୍ଷକ ତପନ ବୈରାଗୀ ମଞ୍ଚ ପରିଚାଳନା କରିଥିଲେ ।ଶ୍ରୀ ଭତରା ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କ ଉଦେଶ୍ୟରେ କହିଥିଲେ କି, ଆଜିର ଶିଶୁ କାଲିର ଭବିଷ୍ୟତ, ତେଣୁ ସେମାଙ୍କୁ ପ୍ରତ୍ୟେକଟି କ୍ଷେତ୍ରରେ ଆଗକୁ ବଢିବାକୁ ସୁଯୋଗ ଦିଆଯିବା ଉଚିତ ।ସେମାନଙ୍କୁ ଉତ୍ସାହିତ କଲେ ସେମାନେ ନିଜ ଅନ୍ତର୍ନିହିତ ପ୍ରତିଭା ସବୁର ପ୍ରଦର୍ଶନ କରିବେ ଓ ଭବିଷ୍ୟତରେ ତାହା ସେମାନଙ୍କ ଭବିଷ୍ୟତ ଗଠନରେ ବେସ ସହାୟକ ହେବ ।ଅଧ୍ୟୟନ ଓ କ୍ରୀଡା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ୍ୟ ।ଖେଳ ସେମାନଙ୍କ ଶାରୀରିକ ବିକାଶରେ ସହାୟକ ହ୍ୱୋ ସହ ସେମାନଙ୍କ ମାନସିକ ବିକାଶ ମଧ ହେବ ।ଯେଉଁମାନେ ଖେଳରେ ଭଲ ପ୍ରଦର୍ଶନ କରିବେ ଭବିଷ୍ୟତରେ ଜିଲ୍ଲା, ରାଜ୍ୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ନିଜ ଗାଁ, ପଂଚାୟତ, ବ୍ଲକ ଓ ଜିଲ୍ଲା ପାଇଁ ନା ଅର୍ଜନ କରିବେ ।ଆଜି ପ୍ରଥମ ଦିବସରେ ୧୦୦ମିଟର ଦୌଡ଼, ୨୦୦ମିଟର ଦୌଡ଼, ୪୦୦ମିଟର ଦୌଡ଼,୮୦୦ମିଟର ଦୌଡ଼, ୧୫୦୦ମିଟର ଦୌଡ଼,ଶର୍ଟଫୁଟ, ତିରନ୍ଦାଜ, ଡ଼ିସକସ,ଲମ୍ବାଡ଼ିଆ ଆଦି ଖେଳସବୁର ପ୍ରତିଯୋଗିତା ହୋଇଥିଲା ।

# ଧାନ ବେପାରୀ ଓ ମିଲର ମାଲେମାଲ

## ମଣ୍ଡି ଖୋଲିବାରେ ବିଳମ୍ବ

ନିମାପଡା **୧୯/୧୨(ନି.ପ୍ର) :**ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଜାନୁଆରୀ ୩ ରୁ ଆରମ୍ଭ ହେବ। ଏଥିଲାଗି ସଚେତନତା ରଥ ବୁଲୁଛି. । ମାତ୍ର ମଣ୍ଡି ଖୋଲିବାରେ ବିଳମ୍ବ ହେତୁ ବେପାରୀ ମାନେ ଚାଷୀ ମାନଙ୍କ ଠାରୁ ୧୭୦୦ଟଙ୍କା ରେ କିଣୁଛନ୍ତି ।. ମିଲର ବି ଏଥିରେ ସମ୍ପୃକ୍ତ ରହୁଛନ୍ତି .। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଭଲ ଫସଲ ଅମଳ ହୋଇଛି. ,ମାତ୍ର ମଣ୍ଡି ଖୋଲିବାରେ ବିଳମ୍ବ ହେତୁ ମିଲର ମାନେ (ବେପାରୀ ) ମାଧମରେ ଧାନ ବିକ୍ରି କରୁଥିବା ଦେଖାଯାଉଛି. । କେନ୍ଦ୍ର ସରକାର ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ କୁଣ୍ଟାଲ ପିଛା ୨୩୦୦ଟଙ୍କା ଓ ରାଜ୍ୟ ସରକାର ଙ୍କ ପକ୍ଷରୁ୮୦୦ଟଙ୍କା ଇନପୁଟ ସହାୟତା ରାଶି ପ୍ରଦାନ କରଯିବ ।.ଧାନ ବାବଦରେ ଚାଷୀ ୩୧୦୦ଟଙ୍କା ପାଇବେ..। ସାଧାରଣ କିସମ ଓ ଏ ଫ ଏ କ୍ୟୁ ମାନର ଧାନ ନିମନ୍ତେ ପ୍ରଯୁଜ୍ୟ ରହିଛି. । ଜାନୁଆରୀ ୩ ରେ ପିପିଲି ବ୍ରହ୍ମଗିରି ଓ କୃଷ୍ଣ ପ୍ରସାଦ ବ୍ଲକରେ ମଣ୍ଡି ଖୋଲିବ. ପୁରୀ ସଦର ସତ୍ୟବାଦୀ ରେ ଜାନୁଆରୀ ୬ ରେ ଏବଂ କଣାସ,ଡେଲାଙ୍ଗ, ଗୋପ ନିମାପଡା କାକଟପୁର ଅସ୍ତରଙ୍ଗ ବ୍ଲକ ରେ ଜା ନୁଆରୀ ୭ ରେ ମଣ୍ଡି ଖୋଲିବ ବୋଲି ଜିଲ୍ଲା ପ୍ରଶାସନ ଙ୍କ କାର୍ଯାଳୟ ସୂତ୍ରରୁ ଜଣାପଡିଛି. ।ଯୋଗାଣ ବିଭାଗ ର ବିଳମ୍ବିତ ନିଷ୍ପତ୍ତି ଯୋଗୁଁ ମିଲର ମାନେ ମାଲେମାଲ ହେଉଛନ୍ତି. । ବେପାରୀ ମାନେ ସିଧାସଳଖ ଚାଷୀ ମାନଙ୍କ ଠାରୁ ଧାନ କିଣିବା ସହିତ ମିଲର ଙ୍କୁ ପ୍ରଦାନ କରୁଛନ୍ତି. ।ମଣ୍ଡି ଖୋଲିବା ପୂର୍ବରୁ ମିଲର ଙ୍କ ପାଖରେ ଟନ ଟନ ଧାନ କିଣି ସାରିଲେଣି । ମିଲର ମାନେ ମଣ୍ଡିରେ ଧାନ କିଣିବା ସମୟରେ ସେମାନେ ଯୋଗାଣ ବିଭାଗ ସହିତ ମିଶି ପୁରୁଣା କାରସାଦି କରିବେ ।. କମ ଗ୍ରେଡ଼ ର ଧାନ କହି କମ ଦାମ ରେ ଧାନ କିଣିବା ସହିତ କଟନି ଛଟନି ଭଳି ଚାଷୀ ଙ୍କୁ ଶୋଷଣ କରିବା ନିମନ୍ତେ ଭିତ୍ତିରିଆ ପ୍ରୟାସ କରିବେ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି । କେଉଁ ମିଲର ପାଖରେ ଏବେ କେତେ ଧାନ ଗଛିତ ଅଛି, କେଉଁଠାରୁ କେତେ ଦାମ ରେ କିଣିଲେ ତାହାର ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକ ଲୋଚନକୁ ଆସି ପାରନ୍ତା ବୋଲି ଅଭିଯୋଗ ହେଉଛି ।

# ଡାବୁଗାଁରେ ପାଳିତ ହେଲା ସ୍ୱଚ୍ଛତାର ପର୍ବ ବଅଁଳାନୀ ଯାତ୍ରା

ନବରଙ୍ଗପୁର **୧୯/୧୨(ନି.ପ୍ର) :**ଡାବୁଗାଁରେ ଆଜି ସ୍ୱଚ୍ଛତା ର ପର୍ବ ବଅଁଳାନୀ ଯାତ୍ରା ପାଳିତ ହୋଇ ଯାଇଛି । ଗାଁ ପରିବେଶକୁ ନିର୍ମଳ ରଖିବା ଏବଂ ରୋଗମୁକ୍ତ ରଖିବା ପାଇଁ ଏହି ପର୍ବ ନବରଙ୍ଗପୁର ଜିଲ୍ଲାର ଅନେକ ସ୍ଥାନରେ ପାଳନ କରାଯାଏ । ଗୋ ପୂଜନ ପର୍ବ ଦିଆଲି ପୂର୍ବରୁ ପାଳନ ହେଉଥିବା ଏହି ପର୍ବ କୁ ବଡ଼ ବଅଁଳାନୀ ବୋଲି କୁହାଯାଏ । ଗାଁ ର ମାଁ ଦୁଲାର୍ଦେଇ ମନ୍ଦିର ରୁ ଗାଁ ପରିକ୍ରମା କରି ମାଁ ଙ୍କ ଶିରା, ଭୈରବ ଶିରା ଏବଂ ଗାଁ ବାସୀ ଗାଁ ର ଶେଷ ପ୍ରାନ୍ତରେ ପୂଜା ଅର୍ଚ୍ଚନା କରି ଯାତ୍ରା ର ସମାପ୍ତି କରିଥିଲେ । ଏବଂ ସେହି ସ୍ଥାନ ରେ ପରମ୍ପରିକ ରୀତି ନୀତିରେ ପୂଜାର୍ଚନା ପରେ ଭଜିଭାତ କରି ନିଜ ନିଜ ଘରକୁ ଫେରିଥିଲେ । ଆଜି ସେଠାରେ ଗାଁ ପରିବେଶକୁ ନିର୍ମଳ ରଖିବା ପାଇଁ ଗାଁ ର ଅଳିଆ ଆବର୍ଜନା କୁ ବିସର୍ଜନ କରାଯାଇଥିଲା ।ସ୍ୱଚ୍ଛତାର ପର୍ବ ବଅଁଳାନୀ ଯାତ୍ରା ସମୟରେ ଗ୍ରାମର ପୂଜାରୀ, ସିରା ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

# ଢେଙ୍କିକୋଟ ରେ ଲକ୍ଷ୍ମୀ ନାରାୟଣ ପୂଜା

ପାଟଣା **୧୯/୧୨(ନି.ପ୍ର) :** କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ଠାରେ ଗତକାଲି ଅପରାହ୍ନରୁ ଧନୁ ସଂକ୍ରାନ୍ତି ତିଥି ରେ ଲକ୍ଷ୍ମୀ ନାରାୟଣ ପୂଜା ପାଳନ କରାଯାଉଛି । ଲକ୍ଷ୍ମୀ ନାରାୟଣ ପୂଜା କମିଟି ତରଫରୁ ଏହା ୧୫ ତମ ବାର୍ଷିକ ପୂଜା ଉତ୍ସବ। କମିଟି ର ପୁରଧା ତଥା ସଂକଳ୍ପଧାରୀ ଶ୍ରୀଧର ରାଉଳ, ନିମାଇଁ ଚରଣ ନାୟକ ଏବଂ ରତିକାନ୍ତ ବେଜ ଙ୍କ ଦ୍ୱାରା ପୂର୍ବାହ୍ନ ୧୧ ଟା ବେଳେ ଉଚ୍ଚ ବିଦ୍ୟାଳୟ ପୋଖରୀ ରୁ ପୂଜକ ଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରି ଘଟ କଳସ ଅଣାଯାଇ ମଣ୍ଡପ ରେ ପୂଜା ଶୁଭାରମ୍ଭ କରାଯାଇଥିଲା ।ମୁଖ୍ୟ ପୂଜକ ଢେଙ୍କିକୋଟ ଗ୍ରାମପଞ୍ଚାୟତସ୍ଥ ଲଙ୍ଗଳକଣ୍ଟି ଗ୍ରାମ ରେ ଥିବା ବେଦ ବିଦ୍ୟାଳୟ ର ପ୍ରଧାନ ଗୁରୁଜୀ ସୁବାସ ଚନ୍ଦ୍ର ମିଶ୍ର ଏବଂ ଅଭିଜିତ ପଣ୍ଡା ସହଯୋଗୀ ପୂଜକ ଶାନ୍ତନୁ ଶତପଥି ଏବଂ ଜୀବନ ମିଶ୍ର ଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯାଉଛି ।ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଦୀର୍ଘ ୩ ଦିନ ଧରି ଯଥାବିଧି ପୂଜା କାର୍ଯ୍ୟ ହେବ ବୋଲି ଶ୍ରୀଧର ରାଉଳ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ର ୨୭ ଟି ଗ୍ରାମପଞ୍ଚାୟତ ମଧ ରେ ଲକ୍ଷ୍ମୀ ନାରାୟଣ ମଣ୍ଡପ ପୂଜା କେଉଁଠାରେ ହେଉନଥିବାରୁ ବ୍ରତ ଧାରୀ ଙ୍କ ଭିଡ଼ ଏଠାରେ ଲାଗିଥିଲା । ଏହି ପୂଜା କମିଟି ଶୃଙ୍ଖଳିତ ଏବଂ ଯଥାବିଧି ପୂଜା ନିମନ୍ତେ ଆୟୋଜକ ଉପାସକ, ଓ ସଂକଳ୍ପଧାରୀ ନୀତିନିୟମ ମାନି ଦୀର୍ଘ ୧ ମାସ ହେବ ସଂକ୍ରାନ୍ତି ଠାରୁ ନିଷ୍ଠାର ସହ ପାଳନ କରିଥାନ୍ତି । କମିଟି ର ସଭାପତି ରବିନ୍ଦ୍ର କୁମାର ନାୟକ, ସମ୍ପାଦକ ଡ଼ମ୍ବରୁଧର ମାନସିଂହ ସମେତ ସକ୍ରିୟ ସଦସ୍ୟ ସାଧୁଚରଣ ନାଥ, ଲୋଚନ ସାହୁ, ନବକିଶୋର ମଣ୍ଡଳ, ଚକ୍ରଧର ରାଉଳ, ବାବୁ ଭିତିରିଆ ଓ ଦେବାନନ୍ଦ ସାହୁ ପୂଜା କାର୍ଯ୍ୟ କୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି ।

# ମଙ୍ଗଳପୁର ରେ ମହୁଲି ମଦ ବିକ୍ରି ମହିଳା ଙ୍କ ବିରୋଧ



ପାଟଣା **୧୯/୧୨(ନି.ପ୍ର) :** ସାହାରପଡା ବ୍ଲକ ଅନ୍ତର୍ଗତ ବାଇକଳା ପଞ୍ଚାୟତ ମଙ୍ଗଳପୁର ଗ୍ରାମ ରେ ଦୁଇଜଣ ବ୍ୟକ୍ତି ମହୁଲି ମଦ ବିକ୍ରି କରୁଥିବା ଗ୍ରାମର ମହିଳା ମାନେ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥର ସ୍ୱୟଂ ସହାୟିକା ଗୋଷ୍ଠୀ ର ମହିଳା ମାନେ ମଦ ବିକ୍ରି କରୁଥିବା ଲୋକ ଙ୍କୁ ମନା କରିବା ସତ୍ୱେ ସେମାନେ କିଛି ଶୁଣୁ ନାହାନ୍ତି । ସାହାରପଡା ନିକଟ ଭାଲିଆଡିହା ଗ୍ରାମ ର ଜଣେ ବ୍ୟକ୍ତି ବାଇକ ଯୋଗେ ମହୁଲି ମଦ ଆଣି ମଙ୍ଗଳପୁର ଗ୍ରାମର ଉକ୍ତ ଦୁଇ ଜଣ ମଦ ବେପାରୀ ଙ୍କୁ ମହୁଲି ମଦ ଯୋଗାଇ ଦେଇଥାନ୍ତି । ସେମାନେ ଗ୍ରାମ ର ଲୋକ ମାନଙ୍କୁ ମଦ ବିକ୍ରି କରନ୍ତି । ଗ୍ରାମ ର ୯୦ ଭାଗ ଲୋକ ମହୁଲି ମଦ ପିଇ ମହିଳା ମାନଙ୍କୁ ମାର ପିଟ କରିବା ସହିତ ଅତ୍ୟାଚାର କରୁଥିବା ଅଭିଯୋଗ କରିଛନ୍ତି ମହିଳା ମାନେ । କାହା ପାଖରେ ଅଭିଯୋଗ କଲେ ଗ୍ରାମ ରୁ ସମ୍ପୂର୍ଣ୍ଣ ମଦ ବନ୍ଦ ହୋଇ ପାରିବ ତାର ବାଟ ଖୋଜିବା ସହ ନିଜର ନିଜର ମନ କଥା ଖୋଲି ପରିବାର ର ଦୁଖ ବଖାଣି ଛନ୍ତି । ଆମେ ମଦ ବିକ୍ରୀକୁ ବିରୋଧ କଲେ ଆମ ସ୍ୱାମୀ ମାନେ ମାରପିଟ କରୁଛନ୍ତି ବୋଲି ସେମାନେ କହିଥିଲେ । ସାହାରପଡା ଅଞ୍ଚଳ ରେ ଏତେ ପରିମାଣ ରେ ଚୋରା ମହୁଲି ମଦ କାରବାର ହେଉଥିଲେ ମଧ ବିଭାଗୀୟ ଅଧିକାରୀ ମାନେ ଥରେ ଅଧେ ଧର ପଗଡ଼ କରି ମାମଲା ରୁଜୁ କରି ଚୋରା ବେପାରୀ ଙ୍କୁ ଛାଡି ଦେଉଛନ୍ତି । ତାପରେ ପୁଣି ସେମାନେ ଖୁଲମ ଖୁଲା ମଦ ବିକ୍ରି ଚଳାଇ ଛନ୍ତି । କାହାରିକୁ ଖାତିର ମଧ କରୁ ନଥିବା ଜାଣିବାକୁ ମିଳିଛି । ସାହାରପଡା ର ଅନେକ ଗ୍ରାମରେ ମଦ ର କୁଟୀର ଶିଳ୍ପ ହୋଇ ଯାଇଛି । ପୁଲିସ ଏବଂ ଅବକାରୀ ବିଭାଗ ର ନଜର ରେ ଉକ୍ତ ଗ୍ରାମ ଗୁଡିକ ରହିଥିଲେ ମଧ କୌଣସି ଚିରସ୍ଥାୟୀ ବ୍ୟବସ୍ଥା ହୋଇନପାରିବାରୁ ମଦ ବ୍ୟବସାୟ କମିବା ପରିବର୍ତ୍ତେ ବଢିବା ରେ ଲାଗିଛି । ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଅନେକ ଗ୍ରାମ ରେ ଅଶାନ୍ତି ବଢିବ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି ।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଉଦଯାପିତ



ପାଟଣା **୧୯/୧୨(ନି.ପ୍ର) :** ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ପରିସରରେ ଓଷ୍ଟା ପକ୍ଷରୁ ଘଟଗାଁ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଓଷ୍ଟା ର ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସ୍ଥାନୀୟ ପ୍ରଧାନଶିକ୍ଷକ ଫକିର ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ସାମ୍ବାଦିକ ସଞ୍ଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଓଷ୍ଟା ର ରାଜ୍ୟ କାର୍ଯକାରିଣୀ ସଦସ୍ୟ ଜ୍ଞାନେନ୍ଦ୍ର କୁମାର ଦେଓ , ଯୁଗ୍ମ ସମ୍ପାଦକ ଅନିତା ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ମନୋଜ କୁମାର ପଣ୍ଡା ସଭା ସଂଯୋଜନା କରିଥିଲେ । ପ୍ରତିଯୋଗିତା ପରେ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟା ଜିଲ୍ଲା ଶାଖା ସଭାପତି ରଘୁନାଥ ବେହେରା, ମୁଖ୍ୟବକ୍ତା ଭାବେ ଉତ୍ତର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ନୃସିଂହ ନାଥ ସିଂହ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ନିଳମଣୀ ମଣ୍ଡଳ ପ୍ରମୁଖ ଯୋଗ ଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ପଦକ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ କ୍ଷ ଛାତ୍ରଛାତ୍ରୀ ମାନେ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ସୁରେଶ କୁମାର ପଲେଇ, ମଦନ ମୋହନ ମହାନ୍ତ, ପ୍ରଶାନ୍ତ ମହାନ୍ତି, ଦିପ୍ତିଶୋଭା ବେହେରା, ରଞ୍ଜିତା ମୁର୍ମୁ, ଦିପାଞ୍ଜଳି ସେଠୀ, ଭୀମସେନ ସାହୁ, ବିଜୟ ନନ୍ଦ ଓ ସସ୍ମିତା ମଲ୍ଲିକ ପ୍ରମୁଖ ପ୍ରତିଯୋଗିତା ପରିଚାଳନା ସହ ମୂଲ୍ୟାୟନ କରିଥିଲେ ।

# ବଡଦିନ ପାଇଁ କନ୍ଧମାଳରେ ବ୍ୟାପକ ପ୍ରସ୍ତୁତି: ଟ୍ରାଫିକ ବ୍ୟବସ୍ଥା ସୁଧାରିବାକୁ ପ୍ରଶାସନକୁ ଅନୁରୋଧ

ବାଲିଗୁଡା **୧୯/୧୨(ନି.ପ୍ର) :** ଆଉ କେଇଟା ଦିନ ପରେ ବଡଦିନ ଆସୁଛି। ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ ପାଇଁ ସମଗ୍ର କନ୍ଧମାଳ ଏବେଠାରୁ ଚଳଚଞ୍ଚଳ ହୋଇଉଠିଲାଣି । ଖ୍ରୀଷ୍ଟଧର୍ମାଲମ୍ବୀମାନେ ଏହି ପର୍ବ ପାଳନ ପାଇଁ ଏବେଠାରୁ ନିଜ ଘରକୁ ସଜ୍ଜିତ କରିବା ସହ ନୂଆ ପୋଷାକ କିଣିବା, ପିଠାପଣା ପାଇଁ ରାସନ ସାମଗ୍ରୀ ସଂଗ୍ରହ ଆଦି କରିବା ଆରମ୍ଭ ହେଲାଣି । ତେବେ ସାମ୍ପ୍ରଦାୟିକ ଶାନ୍ତି ସଦ୍‌ଭାବନାରେ ଏହି ପର୍ବ କିଭଳି ପାଳନ କରାଯାଇପାରିବ ସେନେଇ ସ୍ଥାନୀୟ ଓ ଜିଲା ପ୍ରଶାସନ ପକ୍ଷରୁ ମଧ ପ୍ରତି ବ୍ଲକ ସ୍ତରୀୟ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏ ନେଇ ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର ସଭାଗୃହରେ ତହସିଲଦାର ଶରତ ଶବରଙ୍କ ଅଧକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟମାନଙ୍କ ମଧରେ ବାଲିଗୁଡା ଏସଡିପିଓ କମଳ କୁମାର ପଣ୍ଡା, ବିଡ଼ିଓ ପ୍ରୀତିରଞ୍ଜନ ରଥ, ଆଇଆଇସି ଅଶୋକ କୁମାର ହାଁସଦା ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ବିଭିନ୍ନ ସମ୍ପ୍ରଦାୟ, ବଣିକ ସଙ୍ଘ, ହୋଟେଲ ସଙ୍ଘ, ଚର୍ଚ୍ଚର ପାଳକ, ପ୍ରୀଷ୍ଟମାନେ ଯୋଗ ଦେଇଥିଲେ । ଦାରିଙ୍ଗବାଡି ଅଞ୍ଚଳରେ ବଡ଼ ଧୂମଧାମରେ ଏହି ପର୍ବ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ପାଳକ ସୁନୀଲ କୁମାର ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲିକ, ବଣିକ ସଙ୍ଘ ସଭାପତି ଲଡ୍ଡୁ କିଶୋର ସାହୁ, ଚର୍ଚ୍ଚ ଫାଦର ମୁକୁନ୍ଦ ବଳିୟାର ସିଂ ପ୍ରମୁଖ ଯୋଗଦେଇ ଏହି ପର୍ବ ପାଳନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ସେହିପରି ଅଞ୍ଚଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଇଛି ସେହିପରି ମଦ୍ୟପଙ୍କ ଦ୍ରୁତଗତି ଗାଡିଚାଳନା ଓ ବାଇକ ଚାଳକଙ୍କ ଅମାନିଆ ଗାଡି ଚାଳନାକୁ ରୋକିବାକୁ ସ୍ଥାନୀୟ ଲୋକ ପୋଲିସକୁ ନିବେଦନ କରିଥିଲେ । ବଡଦିନ ପର୍ବ ଶାନ୍ତି ଶୃଙ୍ଖଳାରେ ପାଳନ ପାଇଁ ମଧ ଗାଡି ଦୁର୍ଘଟଣାକୁ ରୋକିବାକୁ ପଦକ୍ଷେପ ନେବାକୁ ଗୁରୁତ୍ୱ ପାଇଁ ବୈଠକରେ କଥା ଉଠିଥିଲା । ଏହାକୁ ବାଲିଗୁଡା ଏସଡିପିଓ ଏବଂ ଆଇଆଇସି ଗୁରୁତର ସହ ନେଇଛନ୍ତି ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପସ୍ଥିତ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

# ପ୍ରାଣୀ ଚିକିତ୍ସାଧିକାରୀ ଙ୍କ ଅକାଳ ବିୟୋଗ

ପାଟଣା **୧୯/୧୨(ନି.ପ୍ର) :**ପାଟଣା ମୁଖ୍ୟାଳୟ ସ୍ଥିତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ରେ କାର୍ଯ୍ୟରତ ଥିବା ପ୍ରାଣୀ ଚିକିତ୍ସକ ଡକ୍ଟର ରାଜେଶ କୁମାର ଜେନା ଙ୍କ ର ମାତ୍ର ୫୦ ବର୍ଷ ବୟସରେ ସୋମବାର ଅକାଳ ବିୟୋଗ ଘଟିଛି ।ସେ ଜଣେ ଭଲ ପ୍ରାଣୀ ଚିକିତ୍ସକ ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ ।କିଛିଦିନ ହେଲା ସେ ପେଟ ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ସ୍ଥିତ ଏମସ ଡାକ୍ତରଖାନାରେ ରେ ଚିକିତ୍ସା ହେଉଥିଲେ ।ଗତକାଲି ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା । ମରଶରୀର କୁ ତାଙ୍କ ନିଜ ବାସଭବନ ହାଟଡିହି ବ୍ଲକ ସୋସୋ ନିକଟସ୍ଥ ବେରୁଣପଦୀ ଗ୍ରାମ କୁ ଅଣାଯାଇ ଶୋକାକୁଳ ପରିବେଶ ରେ ଅନ୍ତିମ ସଂସ୍କାର କରାଯାଇଛି ।

# ଭାରତୀୟ ମାନବ ଅଧିକାର ସଂରକ୍ଷଣ ପରିଷଦ, ଓଡ଼ିଶା ଶାଖା କୁ ସଂସ୍ଥାପକ ଏସ୍ ଭେଙ୍କଟରମଣଙ୍କ ପରିଦର୍ଶନ



ଗୁଣପୁର **୧୯/୧୨(ନି.ପ୍ର) :** କଥାରେ ଅଛି ' ମାନବ ସ୍ୱୋ ହିଁ ମାଧବ ସେବା ' । ଗରିବ , ଦଳିତ , ନିଷ୍ପେସିତ ଜନତାଙ୍କ ଦୁଃଖରେ ସହଭାଗିତା ହୋଇ, ସେମାନଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଶତଚେଷ୍ଟିତ ଭାରତୀୟ ମାନବ ଅଧିକାର ସଂରକ୍ଷଣ ପରିଷଦ । ଆଜି ଭାରତୀୟ ମାନବ ଅଧିକାର ସଂରକ୍ଷଣ ପରିଷଦ ଓଡ଼ିଶା ଶାଖା ପାଇଁ ଏକ ଅବିସ୍ମରଣୀୟ ଦିନଟିଏ । ଦୀର୍ଘ ଦିନ ଅପେକ୍ଷାର ଅନ୍ତ ଘଟାଇ ଏହି ପରିଷଦର ସଂସ୍ଥାପକ ଏସ୍ ଭେଙ୍କଟରମଣ ଆଜି ଓଡିଶା ଶାଖା ପରିଦର୍ଶନ କରିଛନ୍ତି । ତାଙ୍କ ସହ ଭାରତୀୟ ମାନବ ଅଧିକାର ସଂରକ୍ଷଣ ପରିଷଦର ନିର୍ଦ୍ଦେଶକ ଇ ସୁବାରାଓ ମଧ ଉପସ୍ଥିତି ଥିଲେ । ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ଢୌକନ ଦେଇ ସ୍ୱାଗତ କରାଯାଇଥିଲା । ପରେ ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ରର ସଭାଗୃହରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ବି ଆର ଆମ୍ବେଦକରଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଏସ୍ ଭେଙ୍କଟରମଣ ଓ ସମ୍ମାନୀତ ଅତିଥି ଭାବେ ଇ ସୁବାରାଓ ଆସନ ଅଳଙ୍କୃତ କରିଥିଲେ । ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ମାନବାଧିକାର କର୍ମୀ ସ୍ୱର୍ଗତ ଟଙ୍କଧର ଙ୍କ ସ୍ମରଣାର୍ଥେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । 'ମାନବ ସେବା ହିଁ ମାଧବ ସେବା' ଏହାକୁ ପାଥେୟ କରି ନିଜର କର୍ମ ପଥରେ ଆଗେଇ ଚାଲିଛି ଏହି ମାନବ ଅଧିକାର ସଂରକ୍ଷଣ ପରିଷଦ । ଓଡ଼ିଶା ଷ୍ଟେଟ ଚେୟାରମେନ ପ୍ରଭାକର ପୋଷ୍ଟୁରୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ,ଷ୍ଟେଟ ଡାଇରେକ୍ଟର ଗୁଲ୍ଲା ଚିନି କ୍ରୀଷ୍ଣା , ଆଇନ ପରାମର୍ଶଦାତା ବିଭୁ ପ୍ରସାଦ ଶତପଥୀ , ଷ୍ଟେଟ ଓ୍ୱରକିଙ୍ଗ ଚେୟାରମେନ ଲାଡି ସ୍ୱାରିଶ , ଷ୍ଟେଟ ଏଜୁକେଟିଭ ଅଫିସର ଏଲ ନରସିଂହ ମୂର୍ତ୍ତି , ଏମ୍ ରାମକ୍ରୀଷ୍ଣା , ଦାମୋଦର ଶ୍ୱର , ମାର୍କଣ୍ଡ ଶ୍ୱର ,ଦାନିଏଲ ଶ୍ୱର ସମସ୍ତ ମାନବ ଅଧିକାର କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମାନବ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଶପଥ ନେଇଥିଲେ ।

# ସ୍କୁଲ ଭିତ୍ତିଭୂମି ଓ ଉଚ୍ଚଶିକ୍ଷାର ଅଗ୍ରଗତି ସମ୍ପର୍କରେ ବିଗତ ୧୦ ବର୍ଷର ହିସାବ ଦେଲେ କେନ୍ଦ୍ରମନ୍ତ୍ରୀ

## ଚଳିତ ଦଶନ୍ଧି ଭାରତର ଶିକ୍ଷା କ୍ଷେତ୍ର ପାଇଁ ପରିବର୍ତ୍ତନଶୀଳ ଯାତ୍ରାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି - ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ଡିସେମ୍ବର ୧୯ - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତିରେ ପରିଣତ କରିବା ପାଇଁ ଜୋରଦାର ପ୍ରୟାସ କରୁଛନ୍ତି । ଏହି ଦଶନ୍ଧି ଭାରତର ଶିକ୍ଷା କ୍ଷେତ୍ର ପାଇଁ ଏକ ପରିବର୍ତ୍ତନଶୀଳ ଯାତ୍ରା ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ ଏବଂ ଉନ୍ମୋଚନ କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍କୁଲ ଶିକ୍ଷା ଓ ଉଚ୍ଚଶିକ୍ଷାର ଅଗ୍ରଗତି ସମ୍ପର୍କରେ ଶ୍ରୀ ପ୍ରଧାନ ଆଲୋକପାତ କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲ ଭିତ୍ତିଭୂମି ମଜଭୂତ୍ ହେବା ସହ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସୁବିଧାରେ ବ୍ୟାପକ ବୃଦ୍ଧି ପାଇଛି । ବିଦ୍ୟାଳୟ ଭିତ୍ତିଭୂମି ଏବଂ ଡିଜିଟାଲ ଅନ୍ତର୍ଭୁକ୍ତୀକରଣରେ ଉନ୍ନତି ଠାରୁ ଆରମ୍ଭ କରି ନାରୀଶକ୍ତିର ସଶକ୍ତୀକରଣ ଏବଂ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଗୁଣାତ୍ମକ, ସର୍ବବ୍ୟାପୀ ଏବଂ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହୋଇଛି । ଏହାର ବିସ୍ତୁତ ସୂଚନା ଦେଇ ସେ କହିଛନ୍ତି ଯେ ୨୦୧୩-୧୪ରେ ଦେଶର ୫୩ ପ୍ରତିଶତ ସ୍କୁଲରେ ବିଜୁଳି ଥିବା ବେଳେ ୨୦୨୩-୨୪ରେ ୯୧.୮ ପ୍ରତିଶତ ସ୍କୁଲରେ ବିଜୁଳି ପହଞ୍ଚିଛି । କମ୍ପ୍ୟୁଟର, ପାଠାଗାର, ଖେଳ ପଡ଼ିଆ ଭଳି ମୌଳିକ ସୁବିଧାରେ ମଧ୍ୟ ଅଭୂତପୂର୍ବ ବୃଦ୍ଧି ଘଟିଛି । ୨୦୧୩-୧୪ରେ ମାତ୍ର ୭.୧% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ ଥିବା ବେଳେ ୨୦୨୩-୨୪ରେ ୫୪% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ କରାଯାଇଛି। ଏବେ ଶତ ପ୍ରତିଶତ ସ୍କୁଲରେ ବାଳିକା ଶୌଚାଳୟ ରହିଛି। ସ୍ୱଚ୍ଛତାର ମାନଦଣ୍ଡରେ ଆମେ ପ୍ରାୟ ୧୦୦% ଆଡକୁ ଅଗ୍ରସର ହେଉଛୁ। ୨୦୧୩-୧୪ ତୁଳନାରେ ବିଶେଷ ଆବଶ୍ୟକତା ଥିବା ପିଲାଙ୍କ ପାଇଁ ଅଧିକ ପ୍ରତିଶତ ସ୍କୁଲ ରହିଛି । ୨୦୧୩-୧୪ରେ ଏହା ୫୬.୮% ଥିବାବେଳେ ୨୦୨୩-୨୪ରେ ଏହା ୭୭%କୁ ବୃଦ୍ଧି ପାଇଛି । ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂର କରିବା ଏବଂ ଭିନ୍ନକ୍ଷମ ପିଲାଙ୍କ ପାଇଁ ଶତ ପ୍ରତିଶତ ଉପଲବ୍ଧତା ଦିଗରେ ଆମେ କାର୍ଯ୍ୟ କରୁଛୁ । ଗତ ୧୦ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀଙ୍କ ମୁଣ୍ଡ ପିଛା ପିଛା ଖର୍ଚ୍ଚ ୧୩୦% ବୃଦ୍ଧି ପାଇଛି। ୨୦୧୩-୧୪ ବଜେଟରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଖର୍ଚ୍ଚର ପରିମାଣ ୧୦,୭୮୦ ଟଙ୍କା ଥିବା ବେଳେ ୨୦୨୧-୨୨ ବଜେଟରେ ଏହା ୨୫,୦୪୩ ଟଙ୍କାକୁ ବୃଦ୍ଧି ପାଇଛି । ଆଜିକାଲି ଭାରତର ସମସ୍ତ ଅନୁସୂଚିତ ଭାଷାରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ଡିଜିଟାଲ ବହି ଉପଲବ୍ଧ ହୋଇଛି । ବିଗତ ୧୦ ବର୍ଷ ମଧ୍ୟରେ ସ୍କୁଲ ବୋର୍ଡରେ ଗୁଣାତ୍ମକ ଓ ମାତ୍ରାତ୍ମକ ଉନ୍ନତି ଘଟିଛି। ୨୦୧୩-୧୪ରେ ଦଶମ ଶ୍ରେଣୀର ପାସ୍ ହାର ୫୮% ଥିବା ବେଳେ ଆଜି ତାହା ୯୫.୫%କୁ ବୃଦ୍ଧି ପାଇଛି। ଦଶମ ଶ୍ରେଣୀର



ପାସ୍ ଅନୁପାତରେ ୬୪% ବୃଦ୍ଧି ଘଟିଛି। ଦଶମ ଶ୍ରେଣୀରେ ଛାତ୍ରୀଙ୍କ ପାସ୍ ଅନୁପାତରେ ୭୨% ବୃଦ୍ଧି ଘଟିଛି। ଗତ ୧୦ ବର୍ଷ ମଧ୍ୟରେ ମହିଳା ଶିକ୍ଷୟିତ୍ରୀଙ୍କ ସଂଖ୍ୟା ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି । ସେହିପରି ପିଏମ୍ ପୋଷଣରେ କେନ୍ଦ୍ର ସରକାରଙ୍କ ନିବେଶ ଯଥେଷ୍ଟ ବୃଦ୍ଧି ପାଇଛି । ଏହି ଯୋଜନାରେ ୨୦୧୪-୨୦୨୪ ମଧ୍ୟରେ ୧.୦୪ ଲକ୍ଷ କୋଟିରୁ ଅଧିକ ଆବଣ୍ଟନ କରାଯାଇଛି, ଯାହା ପୂର୍ବ ଦଶନ୍ଧିରେ ୭୧,୫୨୫ କୋଟି ଟଙ୍କା ଥିଲା । ପ୍ରାଥମିକ ଓ ବାଳବାଟିକା ଶ୍ରେଣୀ ପାଇଁ ଭୋଜନର ସାମଗ୍ରୀ ମୂଲ୍ୟ ୫.୪୫ ଟଙ୍କାରୁ ୬.୧୯ ଟଙ୍କା କରାଯାଇଛି ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ୮.୧୭ ଟଙ୍କାରୁ ୯.୨୯ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ବୃଦ୍ଧି ଯୋଗୁଁ ୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ୪୨୫.୬୨ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରିବେ । ଉଚ୍ଚ ଶିକ୍ଷା କ୍ଷେତ୍ର ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦୀ ସରକାରରେ ଦେଶରେ ଉଚ୍ଚ ଶିକ୍ଷାନୁଷ୍ଠାନର ସଂଖ୍ୟା ୧୪% ବୃଦ୍ଧି ପାଇଛି । ୨୦୧୪-୧୫ ଶିକ୍ଷାବର୍ଷରେ ଉଚ୍ଚ ଶିକ୍ଷାନୁଷ୍ଠାନ ସଂଖ୍ୟା ୫୧,୫୩୪ ଥିବା ବେଳେ ୨୦୧୨-୨୩ରେ ଏହି ସଂଖ୍ୟା ରହିଛି ୫୮,୬୩୪ । ୨୦୧୪ରୁ ୨୦୨୪ ମଧ୍ୟରେ ୮ ଟି ନୂଆ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ୭ ଟି ନୂଆ ଆଇଆଇଟି, ୮ ଟି ନୂଆ ଆଇଆଇଏମ୍, ୨ଟି ଆଇଜର ଏବଂ ଆଇଆଇଏସସି, ଗୋଟିଏ ଲେଖାଁଏ ଏନଆଇଟି ଏବଂ ଆଇଆଇଇଏସଟି ଏବଂ ୧୬ଟି ତ୍ରିପଲ ଆଇଆଇଟି ସ୍ଥାପିତ ହୋଇଛି । ଗତ ୧୦ ବର୍ଷ ମଧ୍ୟରେ ମୋଟ ୪୨ଟି ନୂତନ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ଉଚ୍ଚଶିକ୍ଷାରେ ଛାତ୍ରଛାତ୍ରୀଙ୍କ ନାମଲେଖାରେ ୩୦% ବୃଦ୍ଧି ଘଟିଛି । ପୂର୍ବରୁ ୨୦୧୪-୧୫ରେ ଏହି ସଂଖ୍ୟା ୩.୪୨ କୋଟି ଥିବା ବେଳେ ୨୦୨୨-୨୩ରେ ଏହା ୪.୪୬ କୋଟିକୁ ବୃଦ୍ଧି ପାଇଛି । ମହିଳା ନାମଲେଖା .୫୭ କୋଟିରୁ ୨.୧୮ କୋଟିକୁ ବୃଦ୍ଧି ପାଇଛି ତଥା ୩୮.୪% ଅଭୂତପୂର୍ବ ସଫଳତା ହାସଲ କରିଛି। ସେହିପରି ଷ୍ଟେମ୍ ପାଠ୍ୟକ୍ରମରେ ମହିଳା ନାମଲେଖା ୩୫.୧୪ ଲକ୍ଷରୁ ୪୩.୦୩ ଲକ୍ଷକୁ ବୃଦ୍ଧି ପାଇଛି, ଯାହା କି ୨୩% ବୃଦ୍ଧି ପାଇଛି। ଶିଳ୍ପ-ଶିକ୍ଷା ସହଯୋଗ ବୃଦ୍ଧି ହୋଇଛି । ୬ଟି ରିସର୍ଚ୍ଚ ପାର୍କ ପ୍ରତିଷ୍ଠା, ୧୩ଟି ନୂଆ ଗବେଷଣା ପାର୍କ ନିର୍ମାଣାଧୀନ ରହିଛି । ଶିକ୍ଷା କ୍ଷେତ୍ରରେ ବୃଦ୍ଧି ଉପରେ ବିଶ୍ୱସ୍ତରୀୟ ସ୍ୱୀକୃତି ମିଳିଛି । କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗ ୨୦୨୫ରେ ୪୬ ଜଣ ଭାରତୀୟ ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି । ୨୦୧୫ ତୁଳନାରେ ୩୧୮% ବୃଦ୍ଧି ହୋଇଛି । ଭାରତ ସରକାରଙ୍କ ଶିକ୍ଷା ନୀତିରେ ଭାରତୀୟ ଭାଷା ଓ ମାତୃଭାଷାକୁ ପ୍ରାଥମିକତା ଦିଆଯାଇଛି । ଆଜି ଆମର ପ୍ରବେଶିକା ପରୀକ୍ଷା ଆସାମୀ, ବଙ୍ଗାଳି, ଗୁଜରାଟୀ, ହିନ୍ଦୀ, କନ୍ନଡ, ମାଲାୟାଲମ, ମରାଠି, ପଞ୍ଜାବୀ, ଓଡ଼ିଆ, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂରାଜୀ ଭଳି ୧୩ଟି ଭାଷାରେ ଅନୁଷ୍ଠିତ ହେଉଅଛି । ଏକାଡେମିକ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍, ସ୍ୱୟମ, ସମର୍ଥ, ସାଥୀ, ଏନଆଇଆରଏଫ ରାଙ୍କିଂ ଭଳି ପଦକ୍ଷେପର ଶୁଭାରମ୍ଭ ସହ ପୁସ୍ତକକୁ ପ୍ରୋତ୍ସାହନ ଓ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନାରେ ସ୍ମାର୍ଟ ଇଣ୍ଡିଆ ହାକାଥନର ଶୁଭାରମ୍ଭ ହୋଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

---

## ମାରୱାଡି ଯୁବ ମଞ୍ଚ ତରଫରୁ ରକ୍ତ ଦାନ ଶିବିର ଅନୁଷ୍ଠିତ



ଜୟପାଟଣା ୧୯/୧୨(ନି.ପ୍ର) : ଯୁବା ମଞ୍ଚ ଜୟପାଟଣା ଶାଖା ତରଫରୁ ଜୟପାଟଣା ଅଗ୍ରୱାଲ ଭବନ ଠାରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିର କୁ ଉଦ୍ଘାଟନ କରିଥିଲେ ସଭାପତି,ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ,ଜୟପାଟଣା ଶାଖା ଶ୍ରୀ ସତ୍ୟ ନାରାୟଣ ଅଗ୍ରୱାଲ,ଉପସ୍ଥିତ ଉପ ସଭାପତି ଶଙ୍କର ପ୍ରସାଦ ଅଗ୍ରୱାଲ,ସମାଜ ସେବୀ ପ୍ରକାଶ ଦୁରିଆ, ଚୈତନ୍ୟ ସେଠୀ, ଚିତ୍ତ ରଞ୍ଜନ ଦଳପତି,ଗୋପାଳ ଅଗ୍ରୱାଲ,ମାରୱାଡି ମହିଳା ସମିତି ସଭାନେତ୍ରୀ ଶ୍ରୀମତୀ ଅନିତା ଜୈନ ଓ ସଦସ୍ୟା ପ୍ରମୁଖ ଯୋଗଦେଇ,ଯୁବାମଞ୍ଚ ର ପ୍ରୟାସ କୁ ପ୍ରଶଂସା ଓ ଉତ୍ସାହିତ କରିବାସହ ସୋହଯୋଗ କରିଥିଲେ ।ମଞ୍ଚ ର ସଭାପତି ଗୋପାଳ ଅଗ୍ରୱାଲ,ଉପ ସଭାପତି ଅଜିତ୍ ଅଗ୍ରୱାଲ ,ସମ୍ପାଦକ ସୋହନ ଅଗ୍ରୱାଲ,ସହ ସମ୍ପାଦକ ରାଜେନ୍ଦ୍ର ଅଗ୍ରୱାଲ ଓ ଅନ୍ୟାନ୍ୟ କର୍ମକର୍ତ୍ତା ,ସଦସ୍ୟ ଙ୍କ ଉଦ୍ୟମ ରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ଜାମଦାବ୍ଲକ ପାତ୍ରତନ୍ତୀ ସମାଜର 'ମାଘ୍ ମିଲନ୍ ପର୍ବ ୨୦୨୫' ର ପ୍ରସ୍ତୁତି ବୈଠକ

ମୟୂରଭଞ୍ଜ ୧୯/୧୨(ନି.ପ୍ର) : ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ କଇଁପୁର ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ପୁଣ୍ୟ ପୂଜା ପୀଠ ପାକଣାପାଟ ଠାରେ 'ପାତ୍ରତନ୍ତୀ କଲ୍ୟାଣ ସମିତି ' ଜାମଦା ଶାଖା ତରଫରୁ ପାତ୍ରତନ୍ତୀ ସମାଜର ବାର୍ଷିକ ବନ୍ଧୁ ମିଳନ ରୂପକ ଗଣପର୍ବ 'ମାଘ୍ ମିଲନ୍ ୨୦୨୫' କାର୍ଯ୍ୟକ୍ରମ ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକଟି ଜାମଦା ଶାଖାର ସମ୍ପାଦକ ଗୋପବନ୍ଧୁ ଦାସ ଙ୍କ ଆହ୍ୱାନ କ୍ରମେ ପାତ୍ରତନ୍ତୀ କଲ୍ୟାଣ ସମିତି ଜାମଦା ଶାଖ କର୍ମକର୍ତ୍ତା ମାନଙ୍କ ଉପସ୍ଥିତି ରେ ସମିତିର ସ୍ଥାୟୀ ସଭାପତି ବିଜୟ ପାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିବାବେଳେ ଅତି ପରିଚିତ ସମାଜସେବୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଖନ ଚନ୍ଦ୍ର ଦାସ ଙ୍କ ପ୍ରେରଣାରେ ବୈଠକ ର ଉଦ୍ଦେଶ୍ୟ ପୂର୍ଣ୍ଣ ସାଧିତ ହୋଇଥିଲା ।ପାତ୍ରତନ୍ତୀ ସମାଜର ସମସ୍ତ ପରିବାର ବର୍ଗଙ୍କ ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ସମସ୍ତ ଙ୍କୁ ଏକ ସୂତ୍ରରେ ବାନ୍ଧି ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ରେ କେତେଗୁଡ଼ିଏ କାର୍ଯ୍ୟକ୍ରମ ର ପ୍ରସ୍ତାବ ସମ୍ପାଦକ ଗୋପବନ୍ଧୁ ଦାସ ଉପସ୍ଥାପନ କରିଥିବାବେଳେ ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ସମର୍ଥନ ଜଣାଇଥିଲେ ।ସେଗୁଡିକ ହେଲା ସମାଜର ଅବହେଳିତ ଓ ଅସହାୟ ଗରିବ ବ୍ୟକ୍ତିଙ୍କୁ ବସ୍ତ୍ର ବଣ୍ଟନ, ଶିକ୍ଷା ର ଅଗ୍ରଗତି ନିମନ୍ତେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରୋତ୍ସାହନ ରାଶି ପୁରସ୍କାର ବିତରଣ, ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ କରି ପୁରସ୍କାର ବିତରଣ ମାଧ୍ୟମରେ ପ୍ରୋତ୍ସାହନ ଦେବା, ଏହାଛଡା ଉତ୍ତମ ଗୃହିଣୀ, ଉତ୍ତମ ଶାଶୁ ବୋହୂ, ଉତ୍ତମ ପିତା, ଉତ୍ତମ ଦମ୍ପତି ଇତ୍ୟାଦି ଆନନ୍ଦ ଦାୟକ ପ୍ରତିଯୋଗିତା କରି ଜୀବନ ଶୈଳୀ କୁ ସରସ ସୁନ୍ଦର କରିବା । ବୈଠକ ରେ ଆକାଶ କୁମାର ଦାସ, ବିଘ୍ନେଶ୍ୱର ପାତ୍ର, ଜୟପ୍ରକାଶ ଦାସ, ନିତ୍ୟାନନ୍ଦ ଦାସ, ସୁନିଲ ପାତ୍ର, ସୁଶାନ୍ତ ପାତ୍ର, ଦେବକୀ ପ୍ରିୟଦର୍ଶିନୀ ଦାସ,ନାପୀ ଦାସ, ରାଧାରାଣୀ ପାତ୍ର, ରତିକାନ୍ତ ପାତ୍ର,ପୁରେନ୍ଦ୍ର ପାତ୍ର, ହରେକୃଷ୍ଣ ପାତ୍ର, ପରମାନନ୍ଦ ପାତ୍ର,ବୁଦ୍ଧେଶ୍ୱର ପାତ୍ର, ଜଗଦୀଶ ପାତ୍ର, ସୁଧୀର ପାତ୍ର, ନରେଶ ପାତ୍ର,ମାଲୁ ପାତ୍ର, ସପନ୍ ପାତ୍ର, ପିତାମ୍ବର ପାତ୍ର ଇତ୍ୟାଦି ଉପସ୍ଥିତ ରହି ଏବର୍ଷର ପାତ୍ର ତନ୍ତୀ ସମାଜର ଗଣ ପର୍ବ ର ପ୍ରସ୍ତୁତି ବୈଠକ ଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।



## ବିଦ୍ୟୁତ କେବୁଲ ଜାଳିଦେଲେ ମସ୍ତିଷ୍କ ବିକୃତ ବ୍ୟକ୍ତି, ଢେଙ୍କିକୋଟ ବଜାର ଅନ୍ଧକାର



ପାଟଣା ୧୯/୧୨(ନି.ପ୍ର) : କେନ୍ଦୁଝର ଜିଲ୍ଲା ର ବ୍ୟବସାୟିକ ବ୍ୟସ୍ତ ବହୁଳ ଢେଙ୍କିକୋଟ ବଜାର ମଧ୍ୟଦେଇ ଯାଇଛି ୨୦ ନଂ ଜାତୀୟ ରାଜପଥ। ଏହି ରାଜପଥ ପାଇଁ ବଜାର ମଧ୍ୟରେ ଏକ ଓଭରବ୍ରିଜ ନିର୍ମାଣ ହୋଇଛି। ଓଭରବ୍ରିଜ ତଳେ ଢେଙ୍କିକୋଟ ବଜାର ମଧ୍ୟରେ ଥିବା ସମସ୍ତ ଷ୍ଟ୍ରିଟ ଲାଇଟ ପାଇଁ ଏକ ବିଦ୍ୟୁତ ତାର ର କେବୁଲ ବିଛା ଯାଇଥିଲା। ମାତ୍ର କେନ୍ଦୁଝର ଜିଲ୍ଲା ରେ ଶୀତ ର ପ୍ରକୋପ ବଢି ଯାଇଥିବାରୁ ଗତକାଲି ସକାଳୁ ବଜାର ରେ ବୁଲୁଥିବା ଜଣେ ମସ୍ତିଷ୍କ ବିକୃତ ବ୍ୟକ୍ତି କେବୁଲ ଉପରେ ଆବର୍ଜନା ପକାଇ ନିଆଁ ଜାଳି ପୁଇଁ ହେଉଥିଲା ।ଯାହାଦ୍ୱାରା ଷ୍ଟ୍ରିଟ ଲାଇଟ କେବୁଲ ଟି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି ।ଫଳରେ ଗତକାଲି ସନ୍ଧ୍ୟା ରୁ ରାତିସାରା ଢେଙ୍କିକୋଟ ବଜାର ସମ୍ପୂର୍ଣ୍ଣ ଅନ୍ଧକାର ହୋଇରହିଛି ।କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ୧୪ କୋଟି ମୂଲ୍ୟର ଜଳ ସମ୍ପଦ ବିଭାଗ ପ୍ରକଳ୍ପକୁ ଶିଳାନ୍ୟାସ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ବାଣପୁର ୧୯/୧୨(ନି.ପ୍ର) : ସୋମବାର ଦିନ ବାଣପୁର ଶାଳିଆ ଜଳ ସେଚନ ଉପଖଣ୍ଡରେ ମୁଖ୍ୟ କେନାଲର ବିଭିନ୍ନ ସ୍ଥାନରେ ୧୪ କୋଟି ଟଙ୍କାର ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି ଆଇନ ମନ୍ତ୍ରୀ ତଥା ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ। ଶାଳିଆ ଜଳସେଚନ ଅଧୀନରେ ଥିବା କେନାଲ ରାସ୍ତା ବାଣପୁରର ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ବେଳେ ଦୀର୍ଘଦିନ ଧରି ମରାମତି ହୋଇପାରି ନଥିବାରୁ ଜନ ଅସନ୍ତୋଷ ଦେଖାଯାଇଥିଲା। ଏହାକୁ ପ୍ରାଥମିକତା ଦେଇ ଶ୍ରୀଯୁକ୍ତ ହରିଚନ୍ଦନ ଶାଳିଆ ଜଳସେଚନ ପ୍ରକଳ୍ପର ମାମୁଁ ଭଣଜା ଡିଷ୍ଟ୍ରିବ୍ୟୁଟାରିର ବାମପାର୍ଶ୍ୱ ବନ୍ଧ ସେବା ରାସ୍ତା ନିମନ୍ତେ, ୩୩. ୫୨ଲକ୍ଷ, ମୁଖ୍ୟ କେନାଲର ଆର.ଡ଼ି ଶୂନ୍ୟରାସ୍ତା ଠାରୁ ୪୯୪୨ ମିଟରରେ ବଣ୍ଟନ ପ୍ରଣାଳୀ ଓ ସୁରକ୍ଷା ପ୍ରାଚୀର ଉନ୍ନତି କରଣ ନିମନ୍ତେ ୧୧କୋଟି ୪୫ଲକ୍ଷ, ସାହସପୁର ଡିଷ୍ଟ୍ରିବ୍ୟୁଟାରୀର ୪କି. ମି ପର୍ଯ୍ୟନ୍ତ ୯୮. ୨୩ଲକ୍ଷ, ଆର.ଡି ରୋଡ ଠାରୁ ୪୯୪୨ ମି. ପର୍ଯ୍ୟନ୍ତ ସେବା ରାସ୍ତାର ଉନ୍ନତି କରଣ ନିମନ୍ତେ ୧୨୭. ୮୮ଲକ୍ଷ ଟଙ୍କାର ପ୍ରକଳ୍ପ ଜଳସେଚନ ବିଭାଗ ତରଫରୁ ଅନୁମୋଦନ ଲାଭ କରିଥିଲା ।ଆଜି ସମସ୍ତ ପ୍ରକଳ୍ପକୁ ନଡ଼ିଆ ଫଟାଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଆଇନ ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ।ଉକ୍ତ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଜିଲ୍ଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା, ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ, ଭେଟେଶ୍ୱର ସରପଞ୍ଚ ସାବିତ୍ରୀ ଭୋଳ, ଭବାନୀପୁର ସରପଞ୍ଚ କାର୍ତ୍ତିକ ବାରିକ, ଦାମିଆ ସରପଞ୍ଚ ବୀଣାପାଣି ଷଣ୍ଢ, ସମିତି ସଭ୍ୟା ମାନି ଶବର ପ୍ରମୁଖ ଉପସ୍ଥିତ ଥିଲେ ।ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ବେହେରା, ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ସାହୁ,କନିଷ୍ଠ ଯନ୍ତ୍ରୀ ମନୋଜ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ



ବାଣପୁର ୧୯/୧୨(ନି.ପ୍ର) : ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ଆରମ୍ଭ ହୋଇ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଦିନ ଉଦଯାପିତ ହୋଇଯାଇଛି। ଦୁଇ ଦିନ ମଧ୍ୟରେ ଲଙ୍ଗଜମ୍ପ, ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ଦୌଡ, ସଟପୁଟ୍, ଡିଲକସ୍, ଜାଭେଲିନ୍, ହାଇଜମ୍ପ ଓ ମ୍ୟୁଜିକ୍ ଚେୟାର ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥି ବାଣପୁର ଏନଏସି ନଗରପାଳ ମିଟୁ ନାୟକ ଓ ସମ୍ମାନିତ ଅତିଥି ଭାବେ ଆନ୍ତର୍ଜାତୀୟ ଭଲିବଲ ଖେଳାଳି ଶିବାନୀ ପ୍ରିୟଦର୍ଶିନୀ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ଉପସଭାପତି ଅଧ୍ୟାପିକା କଲ୍ୟାଣୀ ବୈରିଗଞ୍ଜନ ଓ କ୍ରୀଡା ଶିକ୍ଷକ ବିଭୁଦେନ୍ଦୁ ମାନସିଂହଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଆସୁଥିବା କ୍ରୀଡା ଶିକ୍ଷକ ଖେଳ ପରିଚାଳନା କରିଥିଲେ। ଉତ୍ସବରେ ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ମନୋଜ କୁମାର ମହାପାତ୍ର, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, ସୁଚିତ୍ରା ଦାଶ, ରୋଜାଲିନ୍ ଦାଶ, ସାଗରିକା ଦାଶ, କସ୍ତୁରି ପଟ୍ଟନାୟକ, ରବିନ୍ଦ୍ର ମାର୍ଥା, ଅକ୍ରୁର ପ୍ରଧାନ, ସୁନିଲ୍ ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଧ୍ୟାପକ ଦେବାଶିଷ ସ୍ୱାଇଁଙ୍କୁ ଲୋହରାଖଣ୍ଡି କବି ସମ୍ମାନ

ପୋଲସରା, ୧୯/୧୨(ନି.ପ୍ର) : ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଦେବାଶିଷ ସ୍ୱାଇଁଙ୍କୁ ଲୋହରାଖଣ୍ଡି ସାହିତ୍ୟ ସଂସଦ ଦ୍ୱାରା ଅଭିପ୍ସା କଟେଜ, ଚକରା ବିଷୋୟୀ ଛକ, ଭଞ୍ଜନଗର ଠାରେ ଆୟୋଜିତ ଶୀତ କାଳୀନ ଆସରରେ ଲୋହରାଖଣ୍ଡି କବି ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଛି। ଲୋହରାଖଣ୍ଡି ସାହିତ୍ୟ ସଂସଦର ସଭାପତି ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡକ୍ଟର ଅଶୋକ କୁମାର ଷଡଙ୍ଗୀ, କବୟିତ୍ରୀ ସୁଜାତା ଷଡଙ୍ଗୀ, ସମ୍ପାଦକ ଚିନ୍ମୟ କୁମାର ବେବର୍ତ୍ତା, ପରିଚାଳନା ସମ୍ପାଦିକା ଶିକ୍ଷୟିତ୍ରୀ ପ୍ରଭାତୀ ମଞ୍ଜରୀ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସ୍ୱାଇଁ, ମନମୋହନ ରଥ, ସ୍ୱାମୀ ବିରଜାନନ୍ଦ ସରସ୍ୱତୀ ପ୍ରମୁଖ ବ୍ୟକ୍ତିତ୍ୱ ଦେବାଶିଷ ସ୍ୱାଇଁଙ୍କୁ ଲୋହରାଖଣ୍ଡି କବି ସମ୍ମାନ - ୨୦୨୪ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରି ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।



## ବାର୍ଷିକ କ୍ରୀଡ଼ା ବେଳେ ଅଘଟଣ: ଉଚ୍ଚ ଡିଆଁ ଖେଳ ବେଳେ ତଳେ ପଡ଼ି ଭାଙ୍ଗିଲା ଛାତ୍ରଙ୍କ ବାମହାତ

ବାଲିଗୁଡ଼ା ୧୯/୧୨(ନି.ପ୍ର) : ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ବେଳେ ଘଟିଲା ଅଘଟଣ । ଉଚ୍ଚ ଡିଆଁ ଖେଳ ବେଳେ ତଳେ ପଡ଼ି ଛାତ୍ରଙ୍କ ବାମ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଛି । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏଭଳି ଘଟଣା । ଆହତ ଛାତ୍ର ଜଣକ ସପ୍ତମ ଶ୍ରେଣୀର ଲିଙ୍କନ ନାୟକ ହୋଇଥିବା ସୂଚନା ମିଳିଛି । ଘଟଣା ପ୍ରକାରେ ବାଲିଗୁଡ଼ା ବ୍ଲକ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଚାଲିଥିଲା । ଗତକାଲି ଅପରାହ୍ନରେ ଉଚ୍ଚ ଡିଆଁ ଖେଳ ଚାଲିଥିବା ବେଳେ ଛାତ୍ର ଜଣକ ଭୁଇଁରେ ପଡିଯିବାରୁ ତାଙ୍କ ବାମ ହାତରେ ଆଘାତ ଲାଗିଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଛାତ୍ରଙ୍କୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଚିକିତ୍ସା ପରେ ଛାତ୍ର ଲିଙ୍କନ ନାୟକଙ୍କ ହାତ ଭାଙ୍ଗିଯାଇଥିବା ଜଣାପଡ଼ିଛି । ସେପଟେ ପ୍ରଥମିକ ଚିକିତ୍ସା ପରେ ଡାକ୍ତର ଆହତ ଛାତ୍ରଙ୍କୁ ବ୍ରହ୍ମପୁର ଏମକେସିଜି ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି । ଆହତ ଛାତ୍ର ଜଣକ ବିଦ୍ୟାଳୟ ଛାତ୍ରାବାସରେ ରହି ପାଠ ପଢୁଥିଲେ । ତାଙ୍କ ଘର ଦାରିଙ୍ଗବାଡ଼ି ବ୍ଲକ୍ ଅନ୍ତର୍ଗତ ଦନେକବାଡ଼ି ପଞ୍ଚାୟତର ଜିର୍ଜାମାହା ଗ୍ରାମ ବୋଲି ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪' ଉଦଯାପିତ



କେନ୍ଦ୍ରାପଡ଼ା(୧୯/୧୨)କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆଠାରେ ଆୟୋଜିତ ଦୁଇ ଦିନିଆ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪' ଆଜି ଉଦଯାପିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଲିତ। ଦାସ ଯୋଗ ଦେଇଥିବା ବେଳେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସ। ବିଭାଗର ନିର୍ଦ୍ଦେଶକ ରାମ।ଶିଷ ହାଜରା (ଭା । . ପ୍ର .ସେ) ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ପ୍ରାରମ୍ଭରେ ଶ୍ରୀଯୁକ୍ତ ସାହୁ ଜିଲ୍ଲାସ୍ତରୀୟ 'ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା-୨୦୨୪'ର ସଫଳତା ପାଇଁ ଉପସ୍ଥିତ ଚାଷୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଓ ମତ୍ସ୍ୟ ଓ ପ୍ରାଣିସଂପଦର ବିକାଶ ସମ୍ପ୍ରତି ଗ୍ରାମାଞ୍ଚଳ ଅର୍ଥନୀତିର ମେରୁଦଣ୍ଡ ଭାବେ ଉଭା ହୋଇଛି । ଗ୍ରାମାଞ୍ଚଳର ଅର୍ଥନୀତି ଓ ସାମାଜିକ ସଶକ୍ତିକରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଇଛି ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ ଓ ଗୋପାଳନ, କୁକୁଡ଼ା ଚାଷ, ମତ୍ସ୍ୟ ଚାଷ ଯୋଗୁ ଚାଷୀମାନ ଙ୍କର ଅର୍ଥନୈତିକ ମାନଦଣ୍ଡ ସୁଦୃଢ ହେଉଛି । ରାଜ୍ୟ ସରକାରଙ୍କ ବିଭିନ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରିଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଉତ୍ସବରେ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିଭାଗ ଦ୍ୱାରା ୨ ଜଣ ମତ୍ସ୍ୟ ଚାଷୀ ଓ ୨ ଜଣ ପ୍ରାଣିପାଳକଙ୍କୁ ପୁରସ୍କୃତ କରାଯାଇଥିଲା ଓ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ ଓ ଏଥିରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା, ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ଓ ସନ୍ଧ୍ୟାରେ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ଓ ଶେଷରେ ଜିଲ୍ଲା ପ୍ରାଣୀ ଚିକିତ୍ସ। ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସ। ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ଦୁଇଦିନିଆ ଉତ୍ସବର ସଫଳ ଆୟୋଜନ ନିମନ୍ତେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଅଗ୍ନିକାଣ୍ଡ ୧୩ ଭରଣ ଜମିର ଧାନ ଗଦା ପୋଡ଼ି ପାଉଁଶ

ପୋଲସରା ୧୯/୧୨/୨୪ ପୋଲସରା ବ୍ଲକ ଅନ୍ତର୍ଗତ ହାତୀଓଟ ପଞ୍ଚାୟତର ଧୋୟାକଣା ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ମୁଖ୍ୟ ସଡକ କଡରେ ଥିବା ୧୩ ଭରଣ ଜମିର ଧାନ ଗଦା ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡିଛି । ଏହି ଅଗ୍ନିକାଣ୍ଡରେ ଧୋୟାକଣା ଗ୍ରାମର ଲଡ୍ଡୁ ସ୍ୱାଇଁଙ୍କ ୧୦ ଭରଣ ଓ ସୁବାସ ପାଣିଗ୍ରାହୀଙ୍କ ୩ ଭରଣ ଜମିର ଧାନ ପୋଡ଼ି ଯାଇଥିବାର ସୂଚନା ମିଳିଛି । ଖବର ପାଇ ପୋଲସରା ଅଗ୍ନିଶମ ବାହିନୀ ୪ଘଣ୍ଟା କାଳ ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ କରିଥିଲେ । ହାତୀଓଟ ସରପଞ୍ଚ ରଶ୍ମିତା କୁମାରୀ ସାହୁ, ହାତୀଓଟ ସେବା ସମବାୟ ସମିତିର ସଭାପତି କବିରାଜ ସାହୁ, ଟୁନା ପଟ୍ଟନାୟକ, ରୋହିତ ପ୍ରଧାନ, ସୁନିଲ ପଟ୍ଟନାୟକ, ସୁନାଶିର ପାତ୍ର ଙ୍କ ସମେତ ଧୋୟାକଣା ଗ୍ରାମ ବାସୀମାନେ ପୋଡିଯାଇଥିବା ଧାନର କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଦାବି କରିଛନ୍ତି ।



# ଭଲ ରାସ୍ତା ଭାଙ୍ଗିଦେଲେ: କଂକ୍ରିଟ୍ ଉପରେ ପେଭରବ୍ଲକ୍



ଭୁବନେଶ୍ୱର,୧୯/୧୨: ଦୁର୍ନୀତି ପାଇଁ ନୂଆ ବାଟ ଖୋଲିଛି ବିଏମ୍‌ସି ଇଞ୍ଜିନିୟର। ନୂଆ ରାସ୍ତା ଖୋଳି କଂକ୍ରିଟ୍ ଉପରେ ପେଭରବ୍ଲକ୍ ପକାଉଛନ୍ତି। ଇଞ୍ଜିନିୟର ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କୋଟି କୋଟି ଟଙ୍କା ହଡ଼ପ୍ ହେଉଛି। କେବଳ ରାଜସ୍ୱ ହଡ଼ପ୍ ହେଉନାହିଁ ବରଂ ପେଭରବ୍ଲକ୍‌ର ଦ୍ୱାରା ଭୂତଳ ଜଳ ସଂରକ୍ଷଣର ଉଦ୍ଦେଶ୍ୟ ପୂରଣ ହେଉନାହିଁ। ବିଏମ୍‌ସିରେ ଅର୍ଥ ନଥିବାରୁ ଜନହିତକର ପ୍ରକଳ୍ପ ବାଧାପ୍ରାପ୍ତ ହୋଇଛି। କିନ୍ତୁ ଏଭଳି ହରିଲୁଟ୍‌କୁ କିଭଳି ଜନପ୍ରତିନିଧି ଆଖି ବୁଜିଦେଇଛନ୍ତି ସେ ନେଇ ପ୍ରଶ୍ନ ଉଠିଛି। ୬୦ ନମ୍ବର ୱାର୍ଡ ହାଟସାହି ରାସ୍ତାରେ ଏଭଳି ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ଏହି ରାସ୍ତା କାମ ପାଇଁ ଗତ ଫେବ୍ରୁଆରି ମାସରେ ବିଏମ୍‌ସି ଟେଣ୍ଡର କରିଥିଲା। କିନ୍ତୁ ୧୦ ମାସେ ପରେ କାମ ଆରମ୍ଭ ହେଉଛି। ପାଣି ପାଇପ୍ ପାଇଁ ଖୋଳା ଯାଇଥିବା କେତେକ ସ୍ଥାନକୁ ଛାଡ଼ି ଦେଲେ ସମଗ୍ର ରାସ୍ତାରେ କୌଣସି ସମସ୍ୟା ନଥିଲା। କିନ୍ତୁ ଏହାର ଟେଣ୍ଡର ହେବା ସହ ବିଳମ୍ବରେ କାମ ଆରମ୍ଭ ହେଲା। ମେସିନ୍ ଲଗାଇ କଂକ୍ରିଟ୍ ରାସ୍ତାକୁ ତାଡ଼ି ଦେବା ପରେ ବାଲି ଫିଲିଂ ହେଲା। ୪୦୦ ମିଟର ଲମ୍ବା ରାସ୍ତାର ଖର୍ଚ୍ଚ ଅଟକଳ ୬୦ ଲକ୍ଷ ଟଙ୍କା ରହିଛି। କାମ ଦେଖିବା ପାଇଁ ବିଏମ୍‌ସିର ଇଞ୍ଜିନିୟର ନାହାନ୍ତି। ଯାହାର ଫାଇଦା ନେଇ ଠିକାଦାର ମନଇଚ୍ଛା କାମ କରୁଛି। ୧୦ କୁଣ୍ଡ ଗୋଡ଼ି, ୭ କୁଣ୍ଡ ବାଲି ଓ ଅଧବସ୍ତା ସିମେଣ୍ଟରେ କଂକ୍ରିଟ ହେଉଛି। ରାସ୍ତା ଖୋଳା ଯିବାର କାରଣ ହେଲା କଂକ୍ରିଟ୍ ଉଠାଯାଇ ପେଭର ବ୍ଲକ୍ ପଡ଼ିବ। ଫଳରେ ସହଜରେ ବର୍ଷା ପାଣି ମାଟି ତଳକୁ ଯାଇପାରିବ। ଆଶ୍ଚର୍ଯ୍ୟର କଥା ହେଉଛି ବାଲି ଉପରେ କଂକ୍ରିଟ୍ ଢଳେଇ କରାଯାଇ ତା ଉପରେ ପେଭର ବ୍ଲକ୍ ପକାଯିବ। ପେଭରବ୍ଲକ୍ ଯେଭଳି ଦବିବନି ସେଥିପାଇଁ ଏଭଳି ସୁଚିନ୍ତିତ ଯୋଜନା ହୋଇଛି। ୬୦ ଲକ୍ଷ ଟଙ୍କା ଯେଭଳି ଖର୍ଚ୍ଚ ହେବ, ଆବଶ୍ୟକ ପଡ଼ିଲେ ତା' ଠାରୁ ଅଧିକ ବିଲ୍ ହେବ ସେ ନେଇ ଇଞ୍ଜିନିୟର-ଠିକାଦାର ଯେଜାନା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଏମ୍‌ସି ସବ୍‌ଡିଭିଜନ-୩ର ନିର୍ବାହୀଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ କିଛି କହିବାକୁ ଚାହିନାହାନ୍ତି। ସ୍ଥାନୀୟ କର୍ପୋରେଟର ଚନ୍ଦ୍ରଶେଖର ମଲିଆ କହିଛନ୍ତି ରାସ୍ତା ଖରାପ ଥିବାରୁ ନିର୍ବାଚନ ପୂର୍ବରୁ ଟେଣ୍ଡର ହୋଇଥିଲା। ଏବେ ଯଦି କାମ ଖରାପ ହେଉଛି ତେବେ ଇଞ୍ଜିନିୟରଙ୍କ ନିକଟରେ ଅଭିଯୋଗ କରାଯିବ।

## ମେଡିକାଲ ସଫେଇ କର୍ମଚାରୀଙ୍କ ଧାରଣା



ଯାଜପୁର ତା୧୯/୧୨ : ଯାଜପୁର ମେଡିକାଲ ସଫେଇ କର୍ମଚାରୀମାନେ ଗୁରୁବାର ଦିନ ମୁଖ୍ୟ ଚିକିତ୍ସାଳୟରେ ଧାରଣାରେ ବସିଥିଲେ। ବକେୟା ଅର୍ଥ ଦାବୀ କରି ଏହି ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ଗ୍ରାମାଂଚଳ ଠାରୁ ଆରମ୍ଭ କରି ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ନିର୍ଦ୍ଧିଷ୍ଟ ଏକ ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରୁଥିବା ଏହି ସଫେଇ କର୍ମଚାରୀ ଦୀର୍ଘମାସର ବକେୟା ଦରମା ପାଇବାରୁ ବଂଚିତ ହୋଇଛନ୍ତି। ଏହି ଘଟଣାକୁ ନେଇ ସଫେଇ କର୍ମଚାରୀମାନେ ଏକାଧିବାର ମେଡିକାଲ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା ଦେଉଥିବା ବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସଂସ୍ଥା ଏହି ସଫେଇ କର୍ମଚାରୀଙ୍କୁ ଅର୍ଥ ପ୍ରଦାନ କରିଥାଏ। ୨/୪ ମାସ ଅନ୍ତରରେ ଏହି ଠିକା ସଂସ୍ଥା ପୁନର୍ବାର ସଫେଇ କର୍ମଚାରୀମାନଙ୍କୁ ହଇରାଣ କରିବାକୁ ପଛେଇ ନଥାଏ। ଏପରିକି ୩/୪ ମାସର ଇ.ପି.ଏଫ ଅର୍ଥ ଜମା କରିନଥିବା ଅଭିଯୋଗ କରାଯାଇଛି। ସଫେଇ କର୍ମଚାରୀ ମାସ ମାସ ଧରି କାର୍ଯ୍ୟକରି ଆସୁଥିଲେ ମଧ୍ୟ ଅର୍ଥ ପ୍ରଦାନରେ ଠିକା ସଂସ୍ଥା ଟାଳଟୁଳ ନୀତି ଅବଲମ୍ବନ କରିଥାଏ। ଯାହାକୁ ନେଇ ସଫେଇ କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥାଏ। ସୂଚନା ଯୋଗ୍ୟ ଯେ ସଫେଇ ଦାୟୀତ୍ୱ ନେଇଥିବା ଠିକା ସଂସ୍ଥା ବାରମ୍ବାର ସଫେଇ କର୍ମଚାରୀଙ୍କୁ ଅର୍ଥ ପ୍ରଦାନ ନେଇ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂତନ ଠିକା ସଂସ୍ଥା ନିମନ୍ତେ ବିଜ୍ଞାପନ ମାଧ୍ୟମରେ ଠିକା ସଂସ୍ଥା ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ନୂତନ ଠିକା ସଂସ୍ଥା ଚୟନ ହୋଇଥିବା ଜଣାପଡିଛି। ଖୁବ କମ୍ ଦିନ ମଧ୍ୟରେ ନୂତନ ଠିକା ସଂସ୍ଥା ସଫେଇ ଦାୟୀତ୍ୱ ନେବେବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଫଳ ଦୋକାନୀକୁ ଆକ୍ରମଣ କରି ୩ ଗିରଫ

ଯାଜପୁର ତା୧୯/୧୨ : ଯାଜପୁର ମେଡିକାଲ ଛକରେ ଜନୈକ ଫଳ ଦୋକାନୀକୁ ୩ଜଣ ଯୁବକ ଆକ୍ରମଣ କରି ଗିରଫ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ, ଚଇନିପୁର ଗ୍ରାମର ପ୍ରଶାନ୍ତ କୁମାର ସାହୁ ମେଡିକାଲ ଛକରେ ଏକ ଫଳଦୋକାନ କରି ନିଜର ଗୁଜୁରାଣ ମେଂଟାଇଥାନ୍ତି। ମାତ୍ର ନହରାପୁର ଗ୍ରାମର ରହେମତ ଅଲ୍ଲୀ , ଗୋଖନାର ପର୍ଶୁରାମ ବେହେରା ଓ ଧାମନଗର ଥାନା ଦେହୁରୀଆନନ୍ଦପୁର ଅଂଚଳର ବନମାଳି ବେହେରା ବାରମ୍ବାର ପ୍ରଶାନ୍ତଙ୍କୁ ଜୋରଜୁଲମ କରି ଚାନ୍ଦା ମାଗି ଟଙ୍କା ନେଇଥାନ୍ତି। ଭୟଭୀତ ହୋଇ ପ୍ରଶାନ୍ତ ସେମାନଙ୍କୁ ବାରମ୍ବାର ଚାନ୍ଦା ଦେଇଆସୁଥାଏ। ମାତ୍ର ମଙ୍ଗଳବାର ରାତିରେ ଏହି ୩ଜଣ ଦୁର୍ବୃତ ପ୍ରଶାନ୍ତଙ୍କୁ ଅର୍ଥ ମାଗିବାର ପ୍ରଶାନ୍ତ ମନା କଲାପରେ ତାଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଯାଜପୁର ପୋଲିସ ପହଂଚି ଘଟଣାର ତଦନ୍ତ କରି ପ୍ରଶାନ୍ତ ସାହୁ ଦେଇଥିବା ଏତଲା ଅନୁଯାଇ ଯାଜପୁର ଥାନା କେସ୍ ନଂ୫୧୦/୨୪ ରୁଜୁ କରି ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଦୁର୍ଦ୍ଦିନରେ ଦୁର୍ବିସହ ଜୀବନ କାଟୁଛନ୍ତି ସଫେଇ କର୍ମଚାରୀ

## ଖୋଲା ଆକାଶ ତଳେ କଟୁଛି ରାତି



କେନ୍ଦ୍ରାପଡ଼ା , ୧୯/୧୨: କେନ୍ଦ୍ରାପଡ଼ା ପୌରସଂସ୍ଥା ହେଉଛି ଓଡିଶାର ସର୍ବପୁରାତନ ମୁନିସିପାଲିଟି । ଇତିମଧ୍ୟରେ ମୁନିସିପାଲିଟିକୁ ୧୫୫ବର୍ଷ ହୋଇସାରିଲାଣି ।ଏହି ମୁନିସିପାଲିଟି ଅଧୀନରେ ସଫେଇ କର୍ମଚାରୀ କାମକରନ୍ତି ।ଯିଏକି ବର୍ଷ ବର୍ଷ ଧରି ପୌରାଞ୍ଚଳକୁ ସଫାସୁତର କରିଥାନ୍ତି । ତାଙ୍କ ରହିବା ନିମନ୍ତେ ପୌରପାଳିକା ପକ୍ଷରୁ ବାସଗୃହ ଯୋଗାଇ ଦିଆଯାଇଛି । କିନ୍ତୁ ପ୍ରକୃତରେ ଏହି ବାସଗୃହ କେତେଯେ ଉପଯୋଗୀ ତାହା ବାସ୍ତବରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ହଁ ଆଜ୍ଞା ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ୧୦ମିଟର ଦୂରତାରେ ଥିବା ସ୍ୱିପର କଲୋନୀର କଥା । ଏହି କଲୋନୀ ୧୩ୱାର୍ଡରେ ଅବସ୍ଥିତ । ମୁନିସିପାଲିଟି ଗଠନ ହେବା ଦିନ ଠାରୁ ଏଠାରେ ପ୍ରଥମ କରି ୩୦ଜଣ ସଫେଇ କର୍ମଚାରିଙ୍କୁ ରଖାଯାଇଥିଲା । ପରେ ଏମାନଙ୍କ ଜନ ସଂଖ୍ୟା ୨୦୦୦ରୁ ଅଧିକା ହେଲାଣି ।୨୫୦ ପରିବାର ଲୋକମାନେ ରହୁଛନ୍ତି । ଏମାନଙ୍କ ଘର କହିଲେ ୮/୧୦ର ଘର । କଲୋନୀ ରାସ୍ତାର ଓସାର ୫ଫୁଟ । ଚାଲିକି ଗଲେ ଦେହକୁ ଦେହ ବାଜୁଛି । ଗୋଟିଏ ବଖରା ଘରେ ବାପା, ମା, ପିଲାମାନେ ଓ ନବ ବଧୂ ରହିବା ଓ ଚଳିବା ପୁରା ମୁସ୍କିଲ । ଏଠି ପାଳି କରି ଅଧିବାସୀମାନେ ଘରେ ରୁହନ୍ତି ଓ ଅନ୍ୟ ଦିନମାନଙ୍କରେ ଦୋକାନ ପିଣ୍ଡା କିମ୍ବା ସିନେମା ହଲ ବାରଣ୍ଡାରେ ରାତି କଟିଯାଏ ।ବର୍ଷା ଦିନେ ଏମାନଙ୍କ କଥା ଆହୁରି ସାଙ୍ଘାତିକ ହୋଇଯାଏ ।ଅନୁରୂପ ଭାବେ ଶୀତଦିନେ ଏହି ୧୫? ରୁ କମ ତାପମାତ୍ରାରେ ଶୋଇ ରହୁଛନ୍ତି ଖୋଲା ଆକାଶ ତଳେ ।ଏହିଭଳି ଅବସ୍ଥାରେ ଏହି ସ୍ୱିପରମାନେ ଦୀର୍ଘଦିନ ଧରି ଅସୁବିଧା ଭୋଗୀ ଆସୁଛନ୍ତି କହିଛନ୍ତି ସ୍ୱିପର ସଙ୍ଘ ସଭାପତି ମନିନ୍ଦ୍ର ରାଉତ । କେବଳ ସେତିକି ନୁହେଁ,ଏମାନେ ରହୁଥିବା କଲୋନୀର ପଟ୍ଟା ଖଣ୍ଡକ ପାଇଁ ଏମାନଙ୍କୁ ବାରମ୍ବାର ପ୍ରଶାସନ ପାଖକୁ ଦୌଡ଼ି ନୟାନ୍ତ ହେବାକୁ ପଡୁଛି । ଏହି ସ୍ୱିପର କଲୋନୀର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅନେକ ରାଜନେତା ଏବଂ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ,ଉପ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଯେତେ ଜଣାଇଲେ ମଧ ଏହାକୁ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି ସ୍ୱିପର ସଙ୍ଘ ନେତା ।ମ୍ୟୁନିସିପାଲିଟିର ୨୧ଟି ୱାର୍ଡ ମଧ୍ୟରୁ ସମସ୍ତ ୱାର୍ଡକୁ ଦୁଇ-ଚତୁର୍ଥାଂଶ ଜମି ପଟ୍ଟା ଓ ସରକାରୀ ଆବାସ ମିଳିସାରିଥିବା ବେଳେ ଏହି ଯୋଜନା ଗୁଡିକ ସ୍ୱିପର କଲୋନୀ ବାସିନ୍ଦାଙ୍କ ପାଇଁ ସାତ ସପନ ପାଲଟିଛି। ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି ବସ୍ତିକୁ ଗ୍ରସ୍ତ କରିବା ସହ ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି ଏବଂ ବସ୍ତିରେ ଲାଗିରହିଥିବା ଏହି ଦୀର୍ଘ ଦିନର ସମସ୍ୟା କୁ ସମାଧାନ ପାଇଁ ନୂଆ ସରକାର ସମ୍ପୂର୍ଣ୍ଣ ଭାବେ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।

## ବୁଢ଼ାଡଙ୍ଗର ଲୋକମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ



କେସିଙ୍ଗା,୧୯/୧୨: ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ କଳାହାଣ୍ଡି ଜିଲ୍ଲା ର ପ୍ରମୁଖ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା ର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚଳିତ ଡିସେମ୍ବର ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ମହା ଆଡ଼ମ୍ବରରେ ବୁଢ଼ାଡଙ୍ଗର ଲୋକ ମହୋତ୍ସବ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପଡିଆ ରେ ପାଳନ କରାଯିବ ବୋଲି ଅନୁଷ୍ଠାନ ର ସମ୍ପାଦକ ଅକ୍ଷୟ ଦାସ ଅନୁଷ୍ଠାନ ର ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।ଦୁଇଦିନ ଧରି ଜିଲ୍ଲାର ଶୀର୍ଷ ସରକାରୀ ଅଧିକାରୀ ଙ୍କ ସମେତ ରାଜନେତା ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସଙ୍ଗେ ସଙ୍ଗେ ପୁରୀ ର ମାହାରୀ ନୃତ୍ୟ,ବାଜାସାଲ,ରଙ୍ଗ ଫରୁଆ,ମୟୁରଭଂଜ ର କାପୋଇ ଛଉ ନୃତ୍ୟ, ବରଗଡ଼ ର ଢ଼ାଲିଆ ଖୁସା,ଲୋକ ନୃତ୍ୟ, ଓଡ଼ିଶୀ,ଘୋଡ଼ା ନାଚ,କୋରାପୁଟ ର ଢ଼େମସା ଓ ଚିତ୍ତାକର୍ଷକ ସମ୍ବଲପୁରୀ ମେଲୋଡି ପରିବେଷଣ ହେବାକୁ ସ୍ଥିରୀକୃତ ହେଇଛି ।ତତ୍ ସଙ୍ଗେ ସଙ୍ଗେ ଅନୁଷ୍ଠାନ ପକ୍ଷରୁ ଓଡ଼ିଶା ମାଟିର ୮ ଜଣ ସୁଯୋଗ୍ୟ ବ୍ୟକ୍ତି ବିଶେଷ ଙ୍କୁ ତାଙ୍କର ଅତୁଳନୀୟ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯିବ ସେହି ସୁଯୋଗ୍ୟ ବ୍ୟକ୍ତି ବିଶେଷ ମାନେ ହେଲେ ଚିକିତ୍ସା କ୍ଷେତ୍ର ରେ ଜିଲ୍ଲାର ସୁନାମଧନ୍ୟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପଲଉ ପ୍ରଧାନ, ସାମ୍ବାଦିକତା ପାଇଁ ଅଂଶୁମାନ ପାତ୍ର, ସମାଜସେବା ହେତୁ ସମାଜସେବୀ ରାମକୁମାର ଜୈନ, ଘୁମୁରା ଗୁରୁ ମାର୍କଣ୍ଡ ନାୟକ,ସଙ୍ଗୀତ ନିର୍ଦ୍ଦେଶକ ମନୋରଞ୍ଜନ ପାଢ଼ୀ , ଶିକ୍ଷା କ୍ଷେତ୍ର ରେ ଅବଦାନ ପାଇଁ ଅବସର ପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ଧଳ, କରଣ ସମାଜ କଳାହାଣ୍ଡି ଓ ନାଟ୍ୟ ନିର୍ଦ୍ଦେଶକ ମନୋଜ ରଥ ଙ୍କୁ ସମ୍ମାନିତ କରାଯିବା ସହିତ ସାଂସ୍କୃତିକ ଶୋଭାଯାତ୍ରା, କବିତା ପାଠୋତ୍ସବ, ଚିତ୍ରକଳା ପ୍ରଦର୍ଶନୀ ଓ ରାଜ୍ୟ ସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି ।ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନ ସଭାପତି ସୁଶାନ୍ତ ମହାପାତ୍ର,ଡକ୍ତର ହରେକୃଷ୍ଣ ଧଳ, ଅମୟ ନନ୍ଦ, ବିକ୍ରମ ବାରିକ,ଜ୍ଞାନେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ମହୁମାଛି ଆକ୍ରମଣରେ ଚାଳିଶି ଛାତ୍ର ଛାତ୍ରୀ ଗୁରୁତର



କେନ୍ଦ୍ରାପଡ଼ା(୧୯/୧୨)ଡେରାବିଶ ବ୍ଲକ ଅନ୍ତର୍ଗତ ରାମ ଚନ୍ଦ୍ର ନୋଡାଲ ହାଇସ୍କୁଲ ଖେଳ ପଡିଆରେ ପ୍ରତି ବର୍ଷ ପରି ବାର୍ଷିକ ଉତ୍ସବ କ୍ରୀଡା ଚାଲୁଥିବା ବେଳେ ପଡିଆ ପାଖରେ ଥିବା ଗଛରେ ହୋଇଥିବା ଏକ ମହୁ ଫେଣାରୁ ମହୁମାଛି ଆସି ଆକ୍ରମଣ କରିବା ଫଳରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଗୁରୁତର ହୋଇ ପଡିଛନ୍ତି। ମହୁମାଛି ଆକ୍ରମଣ କରିଥିବା ଛାତ୍ର ଛାତ୍ରୀଙ୍କୁ ସେଠାରେ ଉପସ୍ଥିତ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା। ପରେ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଚାଲୁଥିବା ବେଳେ ଏକ ବାଘୁଆ ମହୁମାଛି ପଲ ସ୍କୁଲର ଅନେକ ପିଲାଙ୍କୁ ଆକ୍ରମଣ କରିବା ଫଳରେ ଚାଳିଶି ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଗୁରୁତର ଆହତ ହୋଇ ଡେରାବିଶ ମେଡିକାଲରେ ଭର୍ତି ହୋଇଛନ୍ତି ବୋଲି ସୂଚନା ମିଳିଛି। ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ମହୁମାଛି ବସା କରିଥିବା ଜାଣିପାରିଲେ ନାହିଁ କିମ୍ବା ଦେଖି ପାରିନଥିଲେ ନା ସବୁ ଜାଣି ନିଜ ଦାୟିତ୍ୱହୀନତା ପାଇଁ କୋମଳମତୀ ଛାତ୍ର ଛାତ୍ରୀଙ୍କୁ ମରଣ ମୁହଁକୁ ଠେଲି ଦେଇଥିଲେ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସାଜିଛି। ଏହା ପୂର୍ବରୁ ପଟ୍ଟାମୁଣ୍ଡାଇ ବ୍ଲକ କଷଣଅଣ୍ଡା ସ୍କୁଲ ପଡିଆରେ ବିଜ୍ଞାନ ମେଳା ଚାଲିଥିବାବେଳେ ମହୁମାଛି ଆକ୍ରମଣରେ ଅନେକ ପିଲା ଆହାତ ହୋଇଥିଲେ । ତେବେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଏଭଳି ଦାୟିତ୍ୱ ହୀନତା ଯୋଗୁ ଏଭଳି ଘଟଣା ଘଟିଥିବା ଦେଖଣା ହାରୀଙ୍କ ଠାରୁ ଶୁଣିବାକୁ ମିଳୁଛି । ଅନ୍ୟପକ୍ଷରେ ଅଭିଭାବକ ମାନଙ୍କ ଅଭିଯୋଗ ପରେ କିପରି ଶିକ୍ଷ୍ୟା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଏହାର ତଦନ୍ତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଆମିଟି ଇଂଲିଶ୍ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଯାଜପୁର ତା୧୯/୧୨ : ଯାଜପୁର ପୌରପାଳିକା ଅନ୍ତର୍ଗତ ଯାଗେଶ୍ୱରପୁର ଠାରେ ଅବସ୍ଥିତ ଆମିଟି ଇଂଲିଶ୍ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ସ୍କୁଲ ଅଧ୍ୟକ୍ଷ ଚକ୍ରଧର ନନ୍ଦଙ୍କ ପୌରହିତ୍ୟରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବାସୁଦ୍ଦିନ ଅହମ୍ମଦ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ସଭାପତି ସରଫୁଦ୍ଦିନ ଅହମ୍ମଦ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଆକର୍ଷଣ ରୂପେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ଏକ ସୀମିତ ଓଭର କ୍ରିକେଟ୍ ପ୍ରତିଯୋଗିତା ହୋଇଥିଲା। ଯେଉଁଥିରେ ଛାତ୍ରଛାତ୍ରୀମାନେ ବିଜୟ ହୋଇଲେ। ଏହି ଖେଳ ପ୍ରତିଯୋଗିତା ପରିଚ୍ଛଳନାରେ ବିଦ୍ୟାଳୟର ଶିକ୍ଷକ ବାଂଶୋରୀ ପାଣି, ବନମାଳି ବେହେରା, ସରୋଜ ପଣ୍ଡା, କୁଶଧ୍ୱଜ ନନ୍ଦ, ସୁରେଖା ଦାଶ, ସୁଶାନ୍ତ ନାୟକ, ନିର୍ମଳ ନାୟକ, ମାନସୀ ସାମଲ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଆମ୍ବେଦକରଙ୍କୁ ଅସମ୍ମାନ ବୟାନ: ଅମିତ ଶାହାଙ୍କ ବହିଷ୍କାର ଦାବୀ

## ମୁଳନିବାସୀ ୟୁନାଇଟେଡ୍ ଫୋରମ ପ୍ରତିବାଦ ସଭା ଓ ରାଷ୍ଟ୍ରପତିଙ୍କୁ ଦାବୀପତ୍ର




ଯାଜପୁର ତା୧୯/୧୨ : ମୁଳନିବାସୀ ୟୁନାଇଟେଡ୍ ଫୋରମ୍ ଓଡ଼ିଶା ଯାଜପୁର ଜିଲ୍ଲା ଓ ଏହାର ବହୁ ସହଯୋଗୀ ସଂଗଠନ ସମୂହର ଶତାଧିକ କର୍ମକର୍ତା ଏକତ୍ର ହୋଇ ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଅଛି। ଆଧୁନିକ ଭାରତର ନିର୍ମାତା,ବିଶ୍ୱଜ୍ଞାନୀ,ସମ୍ବିଧାନର ପ୍ରଣେୟତା ତଥା ଭାରତରତ୍ନ ବାବାସାହେବ ଡ଼କ୍ଟର ବି.ଆର୍ ଆମ୍ବେଦକରଙ୍କୁ ନେଇ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହା ଗତ ୧୭ ତାରିଖରେ ସଂସଦରେ ନିଜ ବୟାନ ରଖୁଥିଲେ। ଏଥିରେ ସେ ବାବାସାହେବ ଡ଼କ୍ଟର ଆମ୍ବେଦକରଙ୍କୁ ଅତି ଅସମ୍ମାନ କରିବା ଉଦ୍ଦେଶ୍ୟରେ "ଆମ୍ବେଦକର, ଆମ୍ବେଦକର, ଆମ୍ବେଦକର" କରି ୫ ଥର ତାଚ୍ଛଲ୍ୟ ସହ "ଫେଶନ" ନାମରେ ସମ୍ବୋଧନ କରିଛନ୍ତି। ଏପରିକି "ଶହେ ଥର ଆମ୍ବେଦକର ନାମ ନ ନେଇ ଭଗବାନ ନାମ ନେଇଥିଲେ ୭ ଜନ୍ମରୁ ମୁକ୍ତି ମିଳି ସ୍ୱର୍ଗ ପ୍ରାପ୍ତି ହୋଇଥାଆନ୍ତା" ବୋଲି କହିଛନ୍ତି। ଅର୍ଥାତ୍ ଡ଼କ୍ଟର ଆମ୍ବେଦକରଙ୍କ ନାମ ନେବା "ପାପ" ବୋଲି ପରୋକ୍ଷରେ ସେ ସୁଚାଇ ଅପମାନ କରିବା ସହ ତିରସ୍କାର କରିଛନ୍ତି। ଯାହାକି କେନ୍ଦ୍ରରେ ଥିବା ମନୁବାଦୀ ଏନ୍‌ଡ଼ିଏ ପରିଚାଳିତ ବିଜେପି ସରକାର ଡ଼କ୍ଟର ଆମ୍ବେଦକରଙ୍କ ଅସମ୍ମାନ ସହ ସମ୍ବିଧାନରୁ ସମାଜବାଦ, ଧର୍ମନିରପେକ୍ଷତାକୁ ବାଦ ଓ ସମ୍ବିଧାନ ପ୍ରଦତ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି ଦର୍ଶାଇ ୟୁନାଇଟେଡ୍ ଫୋରମ୍ ପକ୍ଷରୁ ବହିଷ୍କାର ଦାବୀ କରାଯାଇଥିଲା। ଏନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିବାଦ ସଭାରେ ପ୍ରତାପ ଦାସ ,ସହଦେବ ଜେନା ଓ ଦେବଦତ ଜେନା, ମନୋରଞ୍ଜନ ଦାସ, ବିଶ୍ୱନାଥ ପାତ୍ର, ଜିତେନ୍ଦ୍ର କୁମାର ଦାସ, ଆମ୍ବେଦକର ଫାଉଣ୍ଡେସନ ସଭାପତି ସୁରେନ୍ଦ୍ର ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, କାର୍ତିକ ମଲ୍ଲିକ, ମାଣିକ ଗାଗରାଇ, ଉମାକାନ୍ତ ମଲ୍ଲିକ, ପିନାକୀ ରଂଜନ ମଲ୍ଲିକ, କ୍ଷିରୋଦ ଦାସ ପ୍ରମୁଖ କିଆନାଳୀ ଛକରୁ ଶୋଭାଯାତ୍ରାରେ ବାହାରି ଗାନ୍ଧୀଛକ ଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତୀରେ ମଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ସଭା ପରେ ଅମିତ ଶାହାଙ୍କ କୁଶ ପୁତଳିକା ଦାହ କରାଯାଇଥିଲା।

## ଚୁନଭାଟି ପ୍ଲଟ ଆଦିବାସୀଙ୍କୁ ଥଇଥାନ ପରେ ବିସ୍ଥାପନ ଦାବୀରେ : ମୁଳନିବାସୀ ୟୁନାଇଟେଡ୍ ଫୋରମ ଜିଲ୍ଲାପାଳଙ୍କୁ ଦାବୀପତ୍ର

ଯାଜପୁର ତା୧୯/୧୨ : ମୁଳନିବାସୀ ୟୁନାଇଟେଡ୍ ଫୋରମ୍ ଓଡ଼ିଶା ଯାଜପୁର ଜିଲ୍ଲା ଓ ବ୍ୟାସନଗର ମୁନିସିପାଲିଟି ଚୁନଭାଟି ପ୍ଲଟ ଗ୍ରାମର ଆଦିବାସୀ ସମୂହର କର୍ମକର୍ତାମାନେ ଏକତ୍ର ହୋଇ ନିର୍ମାଣଧିନ ରେଳ ପ୍ରକଳ୍ପର ବିସ୍ଥାପନ କରାନଯାଇ ଉଚ୍ଛେଦ ନୋଟିସକୁ ପ୍ରତିବାଦ କରି ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଅଛି। ପ୍ରାୟ ୬୦ ବର୍ଷଧରି ଏହି ଜାଗା ଝାଟି ଜଙ୍ଗଲ ଓ ଅନାବାଦୀ ପ୍ଲଟ ଥିବା ସମୟରୁ ଆଦିବାସୀ ମାନେ ଏହିଠାରେ ସ୍ଥାୟୀ ଭାବେ ରହି ଆସୁଛନ୍ତି। ସେମାନଙ୍କ ଗ୍ରାମକୁ ସରକାର ସ୍କୁଲ,ଅଙ୍ଗନବାଡ଼ି କେନ୍ଦ୍ର, ପାନୀୟ ଜଳ ,ବିଦ୍ୟୁତ,ରାସ୍ତା ଦେବା ସହ ଜନଗଣନା ଓ ଘର ଗଣନା ଠାରୁ ଭୋଟ ପର୍ଯ୍ୟନ୍ତ ନେଇଛନ୍ତି। ମାତ୍ର ପ୍ରତି ଥର ପ୍ରଶାସନକୁ ସେମାନେ ଜମିପଟା ପାଇଁ ଦାବୀ କରୁଥିଲେ ମଧ୍ୟ ସରକାର ସେମାନଙ୍କ ଦାବୀ ପ୍ରତି କର୍ଣ୍ଣପାତ କରିନାହାନ୍ତି। ଜିଲ୍ଲାପାଳ,ଅତିରିକ୍ତ ଜିଲ୍ଲାପାଳ ଓ ପୌରପାଳିକାର କର୍ତୃପକ୍ଷଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବୀପତ୍ର ପ୍ରଦାନ ସମୟରେ ପ୍ରତାପ ଦାସ,ସହଦେବ ଜେନା, ମନୋରଞ୍ଜନ ଜେନା, ଦେବଦତ ଜେନା,ସୁରେନ୍ଦ୍ର ମଲ୍ଲିକ, ଜିତେନ୍ଦ୍ର କୁମାର ଦାସ, କାର୍ତିକ ମଲ୍ଲିକ,ଆଦିବାସୀ ନେତା ମାଣିକ ଗାଗରାଇ, ରାଇକୁରୀ ନିଗୁଆ,ବଲମା ଲାଗୁରୀ, ଅଜୁ ମଲ୍ଲିକ, ଦିଲ୍ଲିପ ପିଙ୍ଗୁଆ,କାଟର୍ଣ୍ଣା ଟୁଡୁ,ବଲବଲ ସିଂହ,ରାମା ସାମଡ୍ରେ,ଜଗା ହେମ୍ବ୍ରମ୍,କାନ୍ଦ୍ରା କିସ୍କୁ,ମାୟାଧର ଗାଗରାଇ,ବିରେନ୍ଦ୍ର ସୁରୀ,ଦାତୁ ପିଙ୍ଗୁଆ ପ୍ରମୁଖଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ